

ପୃଷ୍ଠା ୬
ସୁକୁମାରଙ୍କ ଘରେ ଆଇଟି ରେଡ୍

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ



ନେତାଜୀ ଅମର ରହେ

Vol. 32 | ISSUE 300 | ଭାଗ ୩୨ | ସଂଖ୍ୟା ୩୦୦ Bhubaneswar | Thursday 23 January 2025 | Page 8 Rs. 4.00 ଭୁବନେଶ୍ୱର ଗୁରୁବାର ୨୩ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ନିଆଁ ଭୟରେ ଡେଇଁ ପଡ଼ିଲେ, ଚଢ଼ିଗଲା ଟ୍ରେନ୍
## ୧୨ ମୃତ, ୪୦ରୁ ଉର୍ଦ୍ଧ୍ୱ ଆହତ

**ମୁମ୍ବାଇ,୨୨ା୧(ସଂଚାର ବ୍ୟୁରୋ):** ମହାରାଷ୍ଟ୍ରରେ ଆଜି ଏକ ବଡ଼ ଧରଣର ଅଘଟଣ ଘଟିଛି। ପୁଷ୍ପକ ଏକ୍ସପ୍ରେସ୍ ଟ୍ରେନ୍‌ରେ ଯାତ୍ରା କରୁଥିବା କେତେକ ଯାତ୍ରୀ ସେମାନଙ୍କ ବଗିରେ ନିଆଁ ଲାଗିଥିବା ନେଇ ପ୍ରଚାର ହେବା ପରେ ଭୟଭୀତ ହୋଇ ଡେଇଁପଡ଼ିଥିଲେ। କିନ୍ତୁ ଜୀବନ ବଞ୍ଚାଇବା ସକାଶେ ଜୀବନବିକଳରେ ତଳକୁ ଡେଇଁପଡ଼ିଥିବା ଏହି ଯାତ୍ରୀମାନଙ୍କ ପାଇଁ କାଳ ସାଜି ଅନ୍ୟ ଏକ ଟ୍ରାକ୍‌ରେ ଆସିଥିଲା




କର୍ଣ୍ଣାଟକ ଏକ୍ସପ୍ରେସ୍। ସେମାନଙ୍କ ଉପରେ ଉକ୍ତ ଟ୍ରେନ୍ ଚଢ଼ିଯିବା ଫଳରେ ୧୨ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହାଛଡ଼ା ଏହି ଘଟଣାରେ ୪୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ନେଇ ଖବର ପାଇବା ପରେ ଘଟଣାସ୍ଥଳରେ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ତଦନ୍ତ କରୁଛନ୍ତି।

ମିଳିଥିବା ସୂଚନାନୁସାରେ, ପୁଷ୍ପକ ଏକ୍ସପ୍ରେସ ଲକ୍ଷ୍ନୌରୁ ମୁମ୍ବାଇ ଅଭିମୁଖେ ଯାତ୍ରା କରୁଥିଲା। ତେବେ ଅପରାହ୍ନ ପ୍ରାୟ ୪ଟା ୪୫ ମିନିଟ୍ ସମୟରେ ମାହେଜା ଓ ପରଧାଡେ ମଧ୍ୟରେ ପାଚୋରା ରେଳଷ୍ଟେସନ୍ ନିକଟରେ ପୁଷ୍ପକ ➪ପୃଷ୍ଠା-୬

### ୫-ଟି ସ୍କୁଲ୍ ନାଁରେ ଚାଲିଥିଲା ପ୍ରହସନ
## ମୋହନଙ୍କ ଫୋକସ୍‌ରେ ଗାଁ ଓ ଶିକ୍ଷାର ବିକାଶ



- ଗ୍ରାମାଞ୍ଚଳ ବିକାଶ ପାଇଁ 'ବିକଶିତ ଗାଁ, ବିକଶିତ ଓଡ଼ିଶା'
- ୬୭୯୪ ପଞ୍ଚାୟତରେ ସ୍ମାର୍ଟ ସ୍କୁଲ୍, ଖର୍ଚ୍ଚ ହେବ ୧୨ ହଜାର କୋଟି
- ସେମି କଣ୍ଡକ୍ଟର ନିର୍ମାଣ ପାଇଁ ୫୦ ପ୍ରତିଶତ ସହାୟତା
- ଶୀତଳଭଣ୍ଡାର ପାଇଁ ୬୦ ପ୍ରତିଶତ ସବ୍‌ସିଡି
- ନିଯୁକ୍ତି ପାଇବେ ୫ ହଜାର ନୂଆ ଡାକ୍ତର
- ଷୋଡ଼ଶ ଅର୍ଥ କମିଶନକୁ ୧୨.୫୬ ଲକ୍ଷ କୋଟିର ପ୍ରସ୍ତାବ




**ଭୁବନେଶ୍ୱର,୨୨ା୧(ସଂଚାର ବ୍ୟୁରୋ):** ଆଜି ରାଜ୍ୟ କ୍ୟାବିନେଟ୍‌ରେ ମୋଟ ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ପ୍ରଥମ ପ୍ରସ୍ତାବ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ରାଜ୍ୟରେ ସ୍ମାର୍ଟ ସ୍କୁଲ୍ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ସରକାର ୬୭୯୪ ପଞ୍ଚାୟତରେ ଗୋଟିଏ ଲେଖାଏଁ ସ୍କୁଲ୍ ପ୍ରସ୍ତୁତ କରିବେ, ଯେଉଁ ବାବଦରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଛଡ଼ା ସେମି କଣ୍ଡକ୍ଟର ନିର୍ମାଣକୁ ପ୍ରୋତ୍ସାହିତ କରିବା ସକାଶେ ରାଜ୍ୟ ସରକାର ପୂର୍ବ ତୁଳନାରେ ଆହୁରି ୨୦ ପ୍ରତିଶତ ଅଧିକ ସହାୟତା ରାଶି ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ତା'ଛଡ଼ା ଶୀତଳଭଣ୍ଡାର ନିର୍ମାଣ ପାଇଁ ଉତ୍ସାହିତ କରିବା ସକାଶେ ସରକାର ୬୦ ପ୍ରତିଶତ ପର୍ଯ୍ୟନ୍ତ ସବ୍‌ସିଡି ଯୋଗାଇଦେବେ ବୋଲି ମଧ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଗତ ବିଜେଡି ସରକାର ସମୟରେ ୫-ଟି ନାଁରେ ସ୍ମାର୍ଟ ସ୍କୁଲ କରାଯାଇଥିଲା। କିନ୍ତୁ ସ୍ମାର୍ଟ ସ୍କୁଲଗୁଡିକର ରୂପାନ୍ତରଣ ନାଁରେ ବିନା ଯୋଜନାରେ, ବିନା ଡିପିଆର ଓ ବିନା ଏଷ୍ଟିମେଟ୍‌ରେ ରାଜ୍ୟବାସୀଙ୍କୁ କେବଳ ଭୁଆଁ ବୁଲାଉଥିଲେ ପୂର୍ବତନ ସରକାର। କେବଳ ପୁରୁଣା କାନ୍ଥରେ ରଙ୍ଗ ମାରି କାମ ସାରିଦିଆଯାଉଥିଲା। ସ୍ମାର୍ଟ ସ୍କୁଲର ଗୋଟିଏ ଫିଡର ସ୍କୁଲ୍ ରହିବାର ନିୟମ ଥିଲେ ହେଁ ରାଜ୍ୟରେ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କରିଥିବା ବିଜେଡି ସରକାର ତାହା କରିନଥିଲା। କୌଣସି ଭିତ୍ତିଭୂମି ନଥିଲା, କେବଳ ଭଙ୍ଗା କାନ୍ଥରେ ଚୂନ ବୋଳାଯାଇଥିଲା। ପିଲା ହରଣ ଗୁଣନ ଜାଣି ନଥିଲେ। ଓଡ଼ିଶାର ପିଲାଙ୍କ ପାଇଁ ୫-ଟି ନାଁରେ ସ୍ମାର୍ଟ ସ୍କୁଲ ସବୁଠାରୁ ବଡ଼ ଧୋକ୍କା ଥିଲା। କିନ୍ତୁ ଆମ ସରକାର ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ୍‌ର ରୂପ ଦେବା ସକାଶେ ପ୍ରତି ପଞ୍ଚାୟତର ଗୋଟିଏ ସ୍କୁଲକୁ ମଡେଲ ସ୍କୁଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେବା ପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଏଠାରେ ଅଧ୍ୟୟନ କରିବେ। ସେହିପରି ରାଜ୍ୟର ୬୭୯୪ଟି ପଞ୍ଚାୟତରେ ଗୋଟିଏ ➪ପୃଷ୍ଠା-୬

### ଓଡ଼ିଶାମୁହାଁ ବିଦେଶୀ ନିବେଶକ
## ଉତ୍କର୍ଷ ଓଡ଼ିଶା ସାଜିବ ମାଧ୍ୟମ



**ଭୁବନେଶ୍ୱର,୨୨ା୧(ସଂଚାର ବ୍ୟୁରୋ):** ଓଡ଼ିଶାକୁ ନିବେଶ ଆଣିବାକୁ ଉତ୍କର୍ଷ ଓଡ଼ିଶା ଭଳି ମଞ୍ଚ ପ୍ରସ୍ତୁତ ହେଉଛି। ଦେଶ ତଥା ବିଦେଶରୁ ବଡ଼ ବଡ଼ ଶିଳ୍ପ ହସ୍ତୀ ଓଡ଼ିଶାକୁ ଆସିବେ। ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମଞ୍ଚରୁ ନିବେଶକଙ୍କୁ ଓଡ଼ିଶାରେ ନିବେଶ ପାଇଁ ଭରସା ଦେବେ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପ ସଚିବ ହେମନ୍ତ ଶର୍ମା ଏହି ସୂଚନା ଦେଇଛନ୍ତି। ଶିଳ୍ପ ସମୃଦ୍ଧ ହେବ ଓଡ଼ିଶା। ଏଥିପାଇଁ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବ ଶିଳ୍ପ ମହାକୁମ୍ଭ ଉତ୍କର୍ଷ ଓଡ଼ିଶା । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ଚାଲିବ ମାନସ ମନ୍ଥନ। କେବଳ ➪ପୃଷ୍ଠା-୬

### ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର:** ଆସନ୍ତା ଜାନୁଆରୀ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଜନତା ମୈଦାନଠାରେ ଆରମ୍ଭ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା'- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନିର୍ଭୁଲ ଓ ଶୃଙ୍ଖଳିତ ଭାବେ ➪ପୃଷ୍ଠା-୬

### ଚଲପତି ପାଇଁ କାଳହେଲା ପ୍ରେମ
## ୧୯ରେ ମାଓ ଅଭିଯାନ, ୨୦ରେ ସଫଳତା

**ଭୁବନେଶ୍ୱର,୨୨ା୧(ସଂଚାର ବ୍ୟୁରୋ):** ଦିନକ ତଳେ ଗରିୟାବନ୍ଧ ନୂଆପଡ଼ା ସୀମାନ୍ତରେ ୧୪ ମାଓବାଦୀଙ୍କୁ ସୁରକ୍ଷାକର୍ମୀମାନେ ନିପାତ କରିଥିବା ବେଳେ ଆଜି ଏନେଇ ପୁଲିସ୍ ଡିଜି ୱାଇ.ବି ଖୁରାନିଆ ସବିଶେଷ ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ, ସୀମାନ୍ତରେ ମାଓବାଦୀ ପ୍ରବେଶ ନେଇ ପୂର୍ବରୁ ସୂଚନା ରହିଥିଲା। ନୂଆପଡ଼ା ଏସପି ତାଙ୍କ ନିଜ ସୂତ୍ରରୁ ଏନେଇ ଖବର ପାଇଥିଲେ। ସୂଚନା ପାଇବା ପରେ ମିଳିତ ଭାବେ ଅପରେସନ୍ ଆରମ୍ଭ ହୋଇଥିଲା। ଓଡ଼ିଶା, ଛତିଶଗଡ ପୁଲିସ ଓ ସିଆରପିଏଫ୍



ମିଳିତ ଭାବେ ଏହି ଅପରେସନ୍ ଆରମ୍ଭ କରିଥିଲେ। ୧୯ ତାରିଖରେ ଅପରେସନ୍ ଆରମ୍ଭ ହୋଇଥିବା ବେଳେ ପରଦିନ ସୁରକ୍ଷାକର୍ମୀଙ୍କୁ ସଫଳତା ➪ପୃଷ୍ଠା-୬

## ୧୫୭ ପୁରୁଷ ଆବେଦନକାରୀ




**ଭୁବନେଶ୍ୱର,୨୨ା୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ମହିଳା ସଶକ୍ତିକରଣ ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରୁଛନ୍ତି। ଏ ନେଇ ବିଭିନ୍ନ ପର୍ଯ୍ୟାୟରେ ସହାୟତା ରାଶି ପ୍ରଦାନ କରାଯାଉଛି। ତେବେ ଏହି ଯୋଜନାର ହିତାଧିକାରୀ କେବଳ ମହିଳା ହୋଇପାରିବେ ବୋଲି ନିୟମ ଥିଲେ ହେଁ ଆବେଦନକାରୀଙ୍କ ମଧ୍ୟରେ ପୁରୁଷ ମଧ୍ୟ ସାମିଲ୍ ଥିବା ଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ଏହି ଯୋଜନାର ଫାଇଦା ପାଇଁ ୧୫୭ ଜଣ ପୁରୁଷ ଆବେଦନ କରିଛନ୍ତି ବୋଲି ଆଜି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୧୫୭ ଜଣ ପୁରୁଷ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି। କିନ୍ତୁ ସେମାନଙ୍କୁ ଏହି ଯୋଜନାରୁ ବାଦ ଦିଆଯାଇସାରିଛି। ପୁରୁଷମାନେ କାହିଁକି ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି, ତା' ତାଙ୍କ ବୁଝିବା ବାହାରେ। ଆଧାର କାର୍ଡର ବ୍ୟାଙ୍କ ଲିଙ୍କ୍ ଡାଟା ଆସିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଥିବା ଶ୍ରୀମତୀ ପରିଡ଼ା କହିଛନ୍ତି। ତେବେ ଏପରି ସମସ୍ୟା କିପରି ଉପୁଜିଲା, ସେନେଇ ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି ଯେ ବେଳେବେଳେ ପୁଅ ଓ ଝିଅଙ୍କ ନାଁ ଏକା ଥାଏ। ସ୍ପେଲିଙ୍ଗ ବି ଏକା ହୋଇଥାଏ। ତ୍ରୁଟିରେ ପୁରୁଷମାନେ ସୁଭଦ୍ରା ପାଇଁ ଆବେଦନ କରିଦେଇଥିବେ ବୋଲି ସେ ଅନୁମାନ କରୁଛନ୍ତି। କିନ୍ତୁ ସେମାନଙ୍କୁ ଯୋଜନାରୁ ବାଦ ଦିଆଯାଇସାରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬




ଆସନ୍ତା ୯ରେ ବାରବାଟୀରେ ଖେଳାଯିବାକୁ ଥିବା ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍‌ର ପ୍ରଥମ ଟିକେଟ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ଟିକେଟ୍ ପ୍ରଦାନ କରୁଛନ୍ତି ଓସିଏ କାର୍ଯ୍ୟକାରୀ ସଭାପତି ପଙ୍କଜ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଅନୁଗୁଳ ବିଧାୟକ ପ୍ରତାପ ପ୍ରଧାନ, ପୂର୍ବତନ ବିଧାୟକ ଲଳିତେନ୍ଦୁ ମହାପାତ୍ର ଓ ଓଡ଼ିଶା ଅଲିମ୍ପିକ୍ ସଂଘ (ଓଓଏ) ସମ୍ପାଦକ ଅଭିଜିତ୍ ପାଲ୍।

## ଗଠନ ହେଲା ରାଜ୍ୟ ଅର୍ଥ କମିଶନ
### ଅରୁଣ ପଣ୍ଡା ଅଧ୍ୟକ୍ଷ, ସତ୍ୟପ୍ରିୟ ରଥ ସଦସ୍ୟ ସଚିବ



**ଭୁବନେଶ୍ୱର,୨୨ା୧ (ସଂଚାର ବ୍ୟୁରୋ):** ଆଜି ରାଜ୍ୟ ସରକାର ଷଷ୍ଠ ଅର୍ଥ ଆୟୋଗ ଗଠନ କରିଥିବା ବେଳେ ଏଥିରେ ୫ ଜଣ ସଦସ୍ୟଙ୍କୁ ସ୍ଥାନ ମିଳିଛି। ସେହିପରି ଆୟୋଗର ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅରୁଣ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ଆୟୋଗଙ୍କ କାର୍ଯ୍ୟକାଳ ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠୁ ଅର୍ଥାତ୍ ଆଜିଠୁ ୬ ମାସ ପାଇଁ ବୈଧ ରହିବ। ଶ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଆୟୋଗ ୨୦୨୬ ଏପ୍ରିଲ ପହିଲାରୁ ପରବର୍ତ୍ତୀ ୫ ବର୍ଷ ପାଇଁ ରାଜ୍ୟର ଆର୍ଥିକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ସୁପାରିସ୍ କରିବେ। ଏଥିସହ ପଞ୍ଚମ ଅର୍ଥ ଆୟୋଗଙ୍କ ସୁପାରିସ୍‌କୁ କିଭଳି କାର୍ଯ୍ୟକାରୀ ➪ପୃଷ୍ଠା-୬

## ସମାନ୍ତରାଳରେ ଚାଲିବ ଦଳ ଓ ସରକାର

- ୭୦ ଲକ୍ଷରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଡ଼ିଛି ଦଳ
- ଚଳିତ ମାସରେ ନୂଆ ସଭାପତି ଘୋଷଣା

**ଭୁବନେଶ୍ୱର,୨୨ା୧(ସଂଚାର ବ୍ୟୁରୋ):** ଆଜି ବିଜେପି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ରାଜ୍ୟ ସରକାର ଯେଉଁସବୁ ପଦକ୍ଷେପ ନେଉଛନ୍ତି, ତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଏହାର ଫାଇଦା କିପରି ଦଳ ନେଇପାରିବ, ତା' ଉପରେ ଆଲୋଚନା ହୋଇଥିବା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର୍ କହିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ପ୍ରମୁଖ ନେତାମାନେ ସାମିଲ୍ ହୋଇଥିଲେ। ଶ୍ରୀ ତୋମାର୍ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା କିପରି ଲୋକଙ୍କ ନିକଟରେ ପହଞ୍ଚିବ, ଦଳ ଏହାକୁ କିପରି ପ୍ରଚାର କରିବ ସେ ନେଇ ଚର୍ଚ୍ଚା ହୋଇଛି। ସେହିପରି ଆଗାମୀ ଦିନରେ କ'ଣ କ'ଣ କାର୍ଯ୍ୟ କରାଯିବ, ତା' ଉପରେ ଆଲୋଚନା କରାଯିବା ସହ ସଂଗଠନକୁ ମଜବୁତ କରାଯିବା ଉପରେ ବିଚାରବିମର୍ଶ କରାଯାଇଛି। ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରାଗଲେ, ସଫଳତା ଅବଶ୍ୟମ୍ଭାବୀ ହୋଇଥିବାରୁ ଏହା ଉପରେ ମଧ୍ୟ ଦଳୀୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଜେପି ସରକାର କ୍ଷମତାକୁ ଆସିବାର ୭ ମାସ ଭିତରେ ଯାହାସବୁ କାର୍ଯ୍ୟ କରିଛି, ପୂର୍ବରୁ ୭ ବର୍ଷରେ ବି ➪ପୃଷ୍ଠା-୬

## ୧୭ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ମଞ୍ଜୁରୀ



- ନିବେଶ ଲକ୍ଷ୍ୟ ୩୮୮୩ କୋଟି
- ୧୨୨୮୦ ନିଯୁକ୍ତି ସୁଯୋଗ ସମ୍ଭାବନା

**ଭୁବନେଶ୍ୱର,୨୨ା୧(ସଂଚାର ବ୍ୟୁରୋ):** ଉତ୍କର୍ଷ ଓଡ଼ିଶା କନକ୍ଲେଭ ପୂର୍ବରୁ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାରେ ଡେଣା ଲାଗିଛି। ଆଜି ୩୮୮୩ କୋଟି ଟଙ୍କାର ପୁଂଜିନିବେଶ ପ୍ରସ୍ତାବକୁ ରାଜ୍ୟ ସିଙ୍ଗଲ ଓ୍ୱିଣ୍ଡୋ କମିଟି ମଞ୍ଜୁରୀ ଦେଇଛି। ମଞ୍ଜୁରୀ ପାଇଥିବା ୧୭ଟି ପ୍ରକଳ୍ପରେ ସମଗ୍ର ରାଜ୍ୟରେ ୧୨ହଜାର ୨୮୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ ମଂଜୁର କରିଥିବା ପ୍ରକଳ୍ପ ମଧ୍ୟରେ ସମ୍ବଲପୁର ଠାରେ ତିନୋଟି ପ୍ରକଳ୍ପ ରହିଛି। ଏଥିମଧ୍ୟରେ ୮୭୧ କୋଟି ଟଙ୍କା ନିବେଶରେ ବିଆର ଷ୍ଟିଲ ଆଣ୍ଡ ପାୱାର ଇସ୍ପାତ କାରଖାନା ବସାଇବାକୁ ଯୋଜନା ଥିବା ବେଳେ ୫୭ କୋଟି ଟଙ୍କା ବ୍ୟୟରେ କ୍ୱାଣ୍ଟ ସୋଲାର ଟେକ୍ନୋଲୋଜି ସୌର ପ୍ରକଳ୍ପ ପାଇଁ ଆବଶ୍ୟକ ଯନ୍ତ୍ରାଂଶ ନିର୍ମାଣ କରିବ। ସେହିଭଳି ଆଲସ୍ୱ ମାଇନିଂ ସର୍ଭିସେସ୍ ୬୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୨୦ ଲକ୍ଷ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ କୋଲ ଓ୍ୱାସେରୀ ପ୍ରତିଷ୍ଠା କରିବ। ଗଂଜାମ ଜିଲ୍ଲାରେ ଚାରୋଟି ପ୍ରକଳ୍ପ ରହିଥିବା ବେଳେ ସେଥିମଧ୍ୟରୁ ୩୦୦ କୋଟି ଟଙ୍କା ନିବେଶରେ ହେଟେରୋ ଡ୍ରଗସ ଔଷଧ ପ୍ରସ୍ତୁତି କରିବ। ଅନର ଲ୍ୟାବ ଲିମିଟେଡ ୩୦୦ କୋଟି ଟଙ୍କା ବ୍ୟୟରେ ଔଷଧ ପ୍ରସ୍ତୁତି ପାଇଁ ଯୋଜନା ରଖିଛି। ବିକାଶ ହସ୍ପିଟାଲିଟି ସଂସ୍ଥା ୬୦ କୋଟି ଟଙ୍କା ବ୍ୟୟରେ ହୋଟେଲ ନିର୍ମାଣ କରିବାକୁ ଥିବା ବେଳେ ଶ୍ରୀଜଗନ୍ନାଥ ଲାଇମ ଆଣ୍ଡ ➪ପୃଷ୍ଠା-୬

SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2024
14th Best in University Category
26th Best in Engineering Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in

## ମୁକୁ-ମୋହନ ଯୋଡ଼ିଙ୍କ ମୁହଁତୋଡ଼ ଜବାବ

- ଛଦ୍ମବେଶୀ ସୋସିଆଲ ମିଡିଆକୁ ପାନେ
- ବିରୋଧୀଙ୍କ ମୁହଁରେ ତାଲା



**ଭୁବନେଶ୍ୱର,୨୨ା୧(ସଂଚାର ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯୁଗଳବନ୍ଦୀ ଏବେ ସମାଲୋଚକମାନଙ୍କ ମୁହଁ ବନ୍ଦକରିଦେଇଛି। କିଛିଦିନ ହେଲା ଏହି ଦୁଇ ନେତାଙ୍କ ମଧ୍ୟରେ ଫାଟ ସୃଷ୍ଟି ପାଇଁ ଲଗାତାର ଉଦ୍ୟମ ଚଳାଇଥିବା ବିଜେଡିର ଛଦ୍ମବେଶୀ ସୋସିଆଲ ମିଡିଆକୁ ବି ପାନେ ହୋଇଛି। ଦୁଇ ନେତାଙ୍କ ଠିକଣା ବୁଝାମଣା ଏବେ ବିରୋଧୀଙ୍କ ମୁହଁରେ ଏକପ୍ରକାର ତାଲା ପକାଇଦେଇଛି।

ରାଜ୍ୟରେ ବିଜେପି ସରକାର ଗଠନ ପରେ ସମାଲୋଚନାର ସୁଯୋଗ ଉଣ୍ଡୁଥିବା ବିରୋଧୀ ଦଳ କିଛି ଛଦ୍ମବେଶୀ ସୋସିଆଲ ମିଡିଆ ସହାୟତାରେ ଲଗାତାର ଉଦ୍ୟମ ଚଳାଇଥିଲେ। ନୂଆ ସରକାରରେ ଯାହା କିଛି ହେଉଥିଲା ସେଥିପାଇଁ ଏହି ଦୁଇ ନେତାଙ୍କୁ ଦାୟୀ କରି ଖବର ଛାଡୁଥିଲେ। ତେବେ ବିଭିନ୍ନ କାର୍ଯ୍ୟକ୍ରମରେ ଦୁଇ ନେତାଙ୍କ ଯୁଗଳବନ୍ଦୀ ଏବେ ଏହି ଛଦ୍ମବେଶୀ ପାନେ ଦେଲା ଭଳି ହୋଇଛି।

ନୂଆ ସରକାରର ପ୍ରତ୍ୟେକ ଭୁଲ୍‌ଭଟକା ପାଇଁ ମୋହନ ଚରଣ ମାଝୀଙ୍କୁ କାର୍ଟୁନ କରାଯାଉଥିବାବେଳେ ଏହା ପଛରେ ଧର୍ମେନ୍ଦ୍ରଙ୍କ ହାତ ଥିବା ପ୍ରଚାର ଚାଲିଥିଲା। ଏଭଳି ପ୍ରଚାର ପଛରେ କେବଳ ବିରୋଧୀଦଳ ପ୍ରୋତ୍ସାହିତ ଛଦ୍ମବେଶୀ ସୋସିଆଲ ମିଡିଆ ନ ଥିଲେ ଦୁଇ ନେତାଙ୍କର ବି କିଛି ଶତ୍ରୁ ଥିବା ଆଲୋଚନା ହେଉଥିଲା। ତେବେ ସମ୍ବଲପୁରଠାରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଏହି ଦୁଇ ନେତାଙ୍କ ଏକତ୍ର ଯୋଗଦାନ ଏବେ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛି।

ବିଶେଷକରି ପ୍ରବାସୀ ଭାରତୀୟ ଦିବସ ପାଳନ ସମୟରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଏହି ଦୁଇ ନେତାଙ୍କ ଉପସ୍ଥିତି ବିରୋଧୀଙ୍କ ପାଇଁ ଶକ୍ତ ଜବାବ ହୋଇଥିଲା। ଯେଉଁଥିପାଇଁ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମଟି ବେଶ୍ ସଫଳ ହୋଇପାରିଛି। କେବଳ ସେତିକି ନୁହେଁ, ବର୍ତ୍ତମାନ ରାଜ୍ୟରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଦୁଇ ନେତାଙ୍କ ଉପସ୍ଥିତି ସବୁକିଛି ଦର୍ଶାଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ତିନିଦିନିଆ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକ୍ରମରେ ଉଭୟ ମୋହନ ଓ ଧର୍ମେନ୍ଦ୍ର ମୁଖ୍ୟ ପୁରୋଧା ସାଜିଛନ୍ତି।

ଦୀର୍ଘ ୨୫ ବର୍ଷ ଧରି ଶାସନ କ୍ଷମତାରେ ରହି ଅଡୁଆ ସୂତା ➪ପୃଷ୍ଠା-୬

SANCHAR ସଞ୍ଚାର

# ମାର୍ଶାଘାଇରେ ବିଗିଡ଼ିଲା ଆଇନଶୃଙ୍ଖଳା ପରିସ୍ଥିତି

## ଜାତୀୟ ରାଜପଥରେ ଡ୍ରାଇଭରଙ୍କୁ ମାଡ଼

### ତଣ୍ଟିରେ ଚଢ଼ିଗଲେ, ଗାମୁଛାରେ ଘୋଷାଡ଼ିଲେ

### ନ୍ୟାୟ ଦେଇ ପାରିବତ ପୋଲିସ ?



**ମାର୍ଶାଘାଇ,୨୨।୧(ସଂଚାର ବ୍ୟୁରୋ):** ଜଣେ ଦଳିତ ବର୍ଗର ଯୁବକଙ୍କୁ ଜାତୀୟ ରାଜପଥରେ ସଙ୍ଗବଦ୍ଧ ଭାବରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶୀକାର ହୋଇଥିବା ଡ୍ରାଇଭର ସେନେଇ ଆଜି ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜାତିଆଣ ଆକ୍ଷେପ କରିବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଏତଲାରେ ଉଲ୍ଲେଖ କରିଛନ୍ତି। ସଙ୍ଗବଦ୍ଧ ଆକ୍ରମଣର ଭିଡିଓ ଗତକାଲି ଠାରୁ ସୋସିଆଲ ମିଡିଆରେ ପ୍ରବଳ ମାତ୍ରାରେ ଭାଇରାଲ୍ ହେବାରେ ଲାଗିଛି। ବିଭିନ୍ନ ବ୍ୟକ୍ତିବିଶେଷ ଏ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡିଗଲାଣି ବୋଲି କହିଛନ୍ତି। ସୂଚନା ମୁତାବକ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଅରତାମୂଳ ଗ୍ରାମର ବାବାଜି ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ (୩୮) ଲୁହାପଥର ଟ୍ରକ୍ ଡ୍ରାଇଭର ଭାବରେ କାର୍ଯ୍ୟ କରୁଛନ୍ତି। ଗତକାଲି ସେ ଓଡି ୨୯ସି ୯୯୩୮ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ଚଳାଇ ଶିଳିପୁର ଆଡୁ ପାରାଦୀପ ଅଭିମୁଖେ ଯାଉଥିବା ସମୟରେ ଓଡି ୦୫ବିପି ୦୦୬୩ ନମ୍ବର ବିଶିଷ୍ଟ ଏକ ଫର୍ଚୁନର କାର୍ ବିପରୀତ ଦିଗରୁ ଆସି ଟ୍ରକ୍ ର ଡାହାଣ ପଟରେ ବାଡେଇଥିଲା। ଟ୍ରକ୍ ଡ୍ରାଇଭର ଙ୍କ କୌଣସି ଦୋଷ ନଥାଇ ମଧ ବିପରୀତ ଦିଗରୁ ଆସି ବାଡେଇଥିବା ଗାଡ଼ି ଭିତରେ ଥିବା କେତେଜଣ ବ୍ୟକ୍ତି ଟ୍ରକ୍ ଡ୍ରାଇଭର ଙ୍କୁ ଅମାନବୀୟ ଭାବରେ ମାଡ଼ ମାରିଥିଲେ। ଜଣେ ତାଙ୍କ ମୁହଁରେ ବିଧା ମାରିବା ସହିତ ତାଙ୍କୁ ତଳେ ପକାଇ ତଣ୍ଟି ଉପରେ ଚଢ଼ି ଯାଉଥିଲା। ଅନ୍ୟଜଣେ ତାଙ୍କୁ ଗାମୁଛାରେ ବାନ୍ଧି ରାଜରାସ୍ତାରେ ଘୋଷାଡୁଥିଲା। ମନୋଜଙ୍କ ଏତଲା ଅନୁଯାୟୀ ମାର୍ଶାଘାଇ ଥାନା ଅଧୀନସ୍ଥ କଳାଗଡ ଗ୍ରାମର ସରଜୁ ନାୟକଙ୍କ ପୁଅ ରୁଦ୍ର ନାୟକ ଓ ଯଦୁପୁର ଗ୍ରାମର ବାବାଜି ବେହେରାଙ୍କ ପୁଅ ଅଶୋକ ବେହେରା ତାଙ୍କୁ ମଳିକ ଛୋଟ ଜାତି କହିବା ସହିତ ଜୀବନରୁ ମାରିଦେବାକୁ ଆକ୍ରମଣ କରିଛନ୍ତି। କିଛି ସମୟ ପରେ ମାର୍ଶାଘାଇ ଥାନା ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ସେମାନଙ୍କୁ ଛାଡିଦେଇ ଥିବା ଅଭିଯୋଗ କରିଛନ୍ତି ମନୋଜ। ମନୋଜଙ୍କ ସହିତ ଘଟିଥିବା ଘଟଣା ରେ ପୋଲିସ ଆକ୍ରମଣକାରୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଆଜି ମାର୍ଶାଘାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯଦି ଟ୍ରକ୍ ଡ୍ରାଇଭର ଦୋଷୀ ଥିଲା ତେବେ ସେଥିପାଇଁ ଆଇନର ଆଶ୍ରୟ ନେଇପାରିଥାଆନ୍ତେ ପ୍ରତିପକ୍ଷ। ହେଲେ ସେମିତି କିଛି ନକରି ରାଜରାସ୍ତାରେ ସମସ୍ତଙ୍କ ସମ୍ମୁଖରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ହାତକୁ ନେଇ ଜଣେ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିବା ମିର୍ଶାଘାଇ ପୋଲିସ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଆକ୍ରମଣ କରିଥିବା ବ୍ୟକ୍ତି ମାନେ କାହା ଛତ୍ରଛାୟାରେ ଅଛନ୍ତି। ଏହି ଘଟଣାକୁ ସଚେତନ ନାଗରିକ ମାନେ ନାପସନ୍ଦ କରିବା ସହିତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏତଲା ପାଇବା ପରେ ମାର୍ଶାଘାଇ ପୋଲିସ କ'ଣ ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ସମସ୍ତଙ୍କ ନଜର।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କ ପ୍ରତ୍ୟାବର୍ତ୍ତନ

**କେନ୍ଦ୍ରାପଡ଼ା,୨୨।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧିନସ୍ଥ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୦୧ ଜଣ ବରିଷ୍ଠ ତୀର୍ଥଯାତ୍ରୀ କେନ୍ଦ୍ରାପଡା ଟାଉନ ହଲ ଠାରୁ ଶିରିଡି-ନାସିକ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଜାନୁଆରୀ ୧୭ ଠାରୁ ସେମାନେ ଯାତ୍ରା ଆରମ୍ଭ କରି ଜାନୁଆରୀ ୨୨ ତାରିଖରେ ଆଜି କେନ୍ଦ୍ରାପଡାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଜି ଅପରାହ୍ନ ୨ ଘଟିକା ସମୟରେ ଏଠାରେ ପହଞ୍ଚିବା ସମୟରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମସ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ଯାତ୍ରା ସମୟର ଅନୁଭୂତି ଓ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ। ତୀର୍ଥଯାତ୍ରୀମାନେ ସେମାନଙ୍କର ଯାତ୍ରା ସଫଳତା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ତଥା ଜିଲ୍ଲା ପ୍ରଶାସନର ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ନୀଳୁ ମହାପାତ୍ର, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ନୋଡାଲ ଅଫିସର ତ୍ରିଲୋଚନ ଜୟସିଂହ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ତୀର୍ଥଯାତ୍ରୀଙ୍କ ସମ୍ପର୍କୀୟ ପ୍ରମୁଖ ଉପସ୍ଥିତ ଥିଲେ।



# ମନ୍ଦିର ପ୍ରକଳ୍ପ ପାଇଁ ଭିତ୍ତିଭୂମିର ପର୍ଯ୍ୟବେକ୍ଷଣ କଲେ ଜିଲ୍ଲାପାଳ

## ଶ୍ରୀ ବଳଦେବଜୀଉ ମନ୍ଦିରରେ ହେବ ଉନ୍ନତିମୂଳକ କାର୍ଯ୍ୟ



**କେନ୍ଦ୍ରାପଡା,୨୨।୧(ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ର ର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ଙ୍କ ମନ୍ଦିର ପରିସର ଓ ମନ୍ଦିରର ଚତୁପାଶ୍ୱର୍ ର ବିକାଶ ପ୍ରକଳ୍ପ ପାଇଁ ଭିତିଭୂମୀ ର ପର୍ଯ୍ୟବେକ୍ଷଣ କରାଯାଇଥିବା ଜଣାପଡ଼ିଛି। ବୁଧବାର ସକାଳେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ଉଚ୍ଚ ପଦସ୍ଥ ଅଧିକାରୀ ଓ ପ୍ରକଳ୍ପ କାର୍ଯ୍ୟର ନକ୍ସା ପ୍ରସ୍ତୁତ କରୁଥିବା ଆରଟିଟେକ କମ୍ପାନୀର ପ୍ରତିନିଧି ମନ୍ଦିର ପରିସର ଓ ମନ୍ଦିରର ଚତୁରପାର୍ଶ୍ୱ ପରିଦର୍ଶନ କରି ଉନ୍ନତି ମୂଳକ କାର୍ଯ୍ୟର ବାହ୍ୟ ଆକଳନ କରିଥିଲେ। ମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଯାନ ବାହନର ପାର୍କିଂ ସ୍ଥାନ, ଆନନ୍ଦ ବଜାର ର ନବୀକରଣ, ମନ୍ଦିର ପଛପଟ ପାଚେରୀକୁ ଲଗାଇ ନୂତନ ଘର, ଶୌଚାଳୟ, ପୋଲିସ ଆଉଟ ପୋଷ୍ଟ ଗୃହ, ସୂଚନା କେନ୍ଦ୍ର ଗୃହ ପ୍ରଭୃତି ଉନ୍ନତ ମାନର ଓ ମନ୍ଦିର ଢାଂଚା ରେ ନିର୍ମାଣ ପାଇଁ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସବୁ ନିର୍ମାଣ ଗୁଡିକ ଉନ୍ନତ ମାନର କରାଯିବା ସହ ପ୍ରସିଦ୍ଧ ମନ୍ଦିର ମାନଙ୍କ ପାଖରେ ଥିବା ଦର୍ଶନୀୟ ସ୍ଥାନ ମାନଙ୍କ ଭଳି କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଅପରପକ୍ଷ ରେ ପୂର୍ବରୁ ମନ୍ଦିରର ବାହ୍ୟ ପରିବେଶ ର ବିକାଶ ପାଇଁ ୪୫ ଜଣ ବ୍ୟକ୍ତିଙ୍କର ଭୁ-ସମ୍ପତି ଅଧିଗ୍ରହଣ କରାଯିବ। ଏଥିପାଇଁ ସଂପୃକ୍ତ ବ୍ୟକ୍ତି ମାନଙ୍କ ସହ ତିନି ତିନି ଥର ଆଲୋଚନା କରାଯାଇ ସାରିଛି। ଏବଂ ସେମାନଙ୍କ କ୍ଷତିପୁରଣ ଅର୍ଥ ମଧ୍ୟ ସ୍ଥିର ହୋଇ ସାରିଥିବା ସୂଚନା ମିଳିଛି। ଦ୍ୱିତୀୟ ଦଫା ସଂପ୍ରସାରଣ ରେ ପୁରୁଣା ଚନ୍ଦନ ପୋଖରୀ ଠାରୁ ଦେବୋତର ସଂସ୍ଥାର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଓ ଦକ୍ଷିଣରେ ମୁଖ୍ୟ ସଡକ ପର୍ଯ୍ୟନ୍ତ ଥିବା ସମ୍ପତି ଗୁଡିକର ଅଧିକାଂଶ ଭାଗ ଶ୍ରୀ ବଳଦେବଜୀଉଙ୍କ ସମ୍ପତି ଥିବାରୁ ମାତ୍ର ୪ ଜଣ ବ୍ୟକ୍ତିଙ୍କ ସମ୍ପତି ଅଧିଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଆଜିର ପର୍ଯ୍ୟବେକ୍ଷଣ ସମୟରେ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ପୁର୍ତ ବିଭାଗର ନିର୍ବାହୀ ଅଧିକାରୀ, ବଳଦେବଜୀଉ ଏଣ୍ଡାମେଣ୍ଟ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଆରଟିଟେକ କମ୍ପାନୀର ସ୍ୱାଗତ ଜେନା, ଆରଆଇ ଶ୍ରୀଚରଣ ପତି ଓ ଭଗବାନପୁର ଆରଆଇ ଅଜୟ କୁମାର ମଲିକ ପ୍ରମୁଖ ପର୍ଯ୍ୟବେକ୍ଷଣ ସମୟରେ ଉପସ୍ଥିତ ଥିଲେ।

# ୭ ଏପିଓଙ୍କ ବଦଳି କଲା ଜିଲ୍ଲା ପ୍ରଶାସନ

**କେନ୍ଦ୍ରାପଡ଼ା,୨୨।୧(ସଂଚାର ବ୍ୟୁରୋ):** ଏପିଓ ମାନଙ୍କ ସ୍ତରରେ ଅଦଳବଦଳ କରିଛି ଜିଲ୍ଲା ପ୍ରଶାସନ। ୨୨ ଜାନୁଆରୀ ରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଚିଠି ଆଦେଶ ନମ୍ବର ୩୨୨/ଜେଡପି ରେ ୭ ଜଣ ଆଡିସନାଲ ପ୍ରୋଗ୍ରାମ ଅଫିସର ଙ୍କୁ ଗୋଟିଏ ବ୍ଲକ୍ ରୁ ଅନ୍ୟ ଏକ ବ୍ଲକ୍ କୁ ଜିଲ୍ଲା ପ୍ରଶାସନ ତରଫରୁ ବଦଳି କରାଯାଇଛି। ଚିଠି ଅନୁଯାୟୀ ସତ୍ୟରଞ୍ଜନ ସୁଆରଙ୍କୁ କେନ୍ଦ୍ରାପଡ଼ା ବ୍ଲକ୍ ରୁ ଆଳି, ସାବିତ୍ରୀ ମଣ୍ଡୀଙ୍କୁ ଡେରାବିଶ ରୁ କେନ୍ଦ୍ରାପଡ଼ା, ସଙ୍ଘମିତ୍ରା ସାହୁଙ୍କୁ ମାର୍ଶାଘାଇ ରୁ ମହାକାଳପଡ଼ା,ପ୍ରଭାସିନୀ ସାହୁଙ୍କୁ ମହାକାଳପଡ଼ା ବ୍ଲକ ରୁ ଗରଦପୁର ବ୍ଲକ୍ କୁ ବଦଳି କରାଯାଇଛି। ସେହିପରି ସ୍ନିଗ୍ଧା ସୁଚିତ୍ରା ତ୍ରିପାଠୀଙ୍କୁ ପଟ୍ଟାମୁଣ୍ଡାଇରୁ ରାଜକନିକା,ଆଲୋକ କୁମାର ପତିଙ୍କୁ ଗରଦପୁର ବ୍ଲକ ରୁ ମାର୍ଶାଘାଇ,ପୁନ୍ୟଶ୍ରୀ ସାହୁଙ୍କୁ ରାଜକନିକା ବ୍ଲକ୍ ରୁ ପଟ୍ଟାମୁଣ୍ଡାଇ ଓ ପ୍ରଦ୍ୟୁମ୍ନ ଆଚାର୍ଯ୍ୟଙ୍କୁ ରାଜନଗର ବ୍ଲକ୍ ରୁ ଡେରିବିଶକୁ ବଦଳି କରିଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ।

# ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗଦେଲେ ବିଧାୟକ

## ବିକାଶ ମୂଳକ ପ୍ରକଳ୍ପର କଲେ ସମୀକ୍ଷା




ଚିକିତ୍ସା ସମ୍ପର୍କରେ ରୋଗୀଙ୍କୁ ପଚାରି ବୁଝିଲେ

**ମହାକାଳପଡ଼ା,୨୨।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଆଜି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି।

ରୋଗୀ ମାନଙ୍କ ପାଇଁ ଚିକିତ୍ସା ସେବାର ଅଗ୍ରଗତି ଓ ସୁବ୍ୟବସ୍ଥା ପାଇଁ ଆୟୋଜିତ ବୈଠକରେ ମେଡିକାଲ୍ କର୍ତ୍ତୃପକ୍ଷ ଙ୍କ ସହିତ ଆଲୋଚନା କରିଥିଲେ।ଏହାପରେ ନୂତନ ମେଡିକାଲ୍ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ପାଇଁ ଜମି ନକ୍ସାର ସମୀକ୍ଷା କରିଥିଲେ।

ଯଥାଶୀଘ୍ର ଜମି ଚିହ୍ନଟ ପ୍ରକ୍ରିୟା ସମ୍ପୁର୍ଣ୍ଣ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଚିକିତ୍ସା ପାଇଁ ଆସିଥିବା ରୋଗୀ ଓ ସମ୍ପର୍କୀୟମାନଙ୍କ ସହିତ ଚିକିତ୍ସା ସେବା ସଠିକ୍ ଭାବରେ ଚାଲିଛି କି ନାହିଁ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମେଡିକାଲ୍ ର ବିକାଶ ମୂଳକ କାର୍ଯ୍ୟର ଅଗ୍ରଗତି କରାଇବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ବିଧାୟକ ଦୁର୍ଗା ପ୍ରସନ୍ନ। ଏହି କାର୍ଯ୍ୟକ୍ରମରେ

ମହାକାଳପଡ଼ା ବ୍ଲକର ତହସିଲଦାର ତଥା ଭାରା ପ୍ରାପ୍ତ ବିଡ଼ିଓ ଶିବ ମଲ୍ଲିକ, ମହାକାଳପଡ଼ା ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପରିଡ଼ା,ସ୍ଥାନୀୟ ସରପଞ୍ଚ ରତିକାନ୍ତ ପଣ୍ଡା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରା ପ୍ରାପ୍ତ ମେଡିକାଲ୍ ଅଫିସର ଡଃ ନିରଞ୍ଜନ କର ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଲନଗର ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟନ



**କେନ୍ଦ୍ରାପଡା,୨୨।୧(ସଂଚାର ବ୍ୟୁରୋ):** କୃଷି ସମବାୟ ସମିତି ର ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି । କେନ୍ଦ୍ରାପଡା ସହର ସଂଲଗ୍ନ ଗୁଲନଗର କୃଷି ସମବାୟ ସମିତି ସଭାପତି ବିଷ୍ଣୁ ଚରଣ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ସରପଂଚ କଳ୍ପନା ମହାନ୍ତି, ସଂପାଦକ ନୃସିଂହ ଚରଣ ଦାଶ, ବ୍ଲକ ଉପ ସଭାପତି ପ୍ରତାପ ନାରାୟଣ ମହାପାତ୍ର, ଆର.ଆଇ ଜୟଦେବ କୁର୍ତୀ, ହରି ନାରାୟଣ ମଲିକ ପ୍ରମୁଖ ଉପସ୍ଥିତ ରହି ମଣ୍ଡିକୁ ଧାନ ନେଇ ଆସିଥିବା ଚାଷୀ ମାନଙ୍କର ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ରେ ବହୁ ବରିଷ୍ଠ ଚାଷୀଙ୍କ ସମେତ କରୁଣାକର ସାହୁ, ଖଗେଶ୍ୱର ସାହୁ, ଅର୍ଜ୍ଜୁନ ଚରଣ ଦାସ, ଦିପକ ବେହେରା, ମନିନ୍ଦ୍ର ରାଉତ, ଜ୍ଞାନ ରଂଜନ ମହାନ୍ତି, ରବି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କଂସାର-ସାହସପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




**କେନ୍ଦ୍ରାପଡ଼ା,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କଂସାର ପଞ୍ଚାୟତରେ ଥିବା କଂସାର-ସାହସପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ୨୩ ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉଳଙ୍କ ପୌରହିତ୍ୟରେ ଅତିଥି ଭାବେ ସରପଞ୍ଚ ସରୋଜିନୀ ନାୟକ ଯୋଗଦେଇ କହିଲେ କ୍ରୀଡ଼ା ଦ୍ୱାରା ପିଲାମାନଙ୍କ ଶାରିରୀକ ଓ ମାନସିକ ବିକାଶ ଘଟିଥାଏ । ସେହିପରି ପିଲାଟି ସୁସ୍ଥ ରହିବା ପାଇଁ ହେଲେ ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ପୁଚି, ଦୌଡ଼ି ଡିଆଁ, ମ୍ୟୁଜିକ ଚେୟାର, ବେଙ୍ଗ ଡିଆଁ, ଗଣିତ ଦୌଡ଼ ପ୍ରତିଯୋଗିତା ହୋଇଥିଲା । ଏହାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ମଧ୍ୟରେ ୩୫୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ ଖେଳ ପରିଚାଳନା କରିଥିଲେ । ଶିକ୍ଷକ ଦିଲ୍ଲୀପ କୁମାର ଦାସ, ରଞ୍ଜନ କୁମାର ଦାସ, ଆଶୁତୋଷ ବେହେରା, ଜ୍ଞାନରଞ୍ଜନ ରାଉତ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ଚୌଧୁରୀ, ଅପର୍ଣ୍ଣା ରଥ, ଯନ୍ତୀ ବେହେରା, ସରିତା ସାହାଣୀ, ଭକ୍ତିଲତା ମହାରଣା, ରଶ୍ମିତା ଦାସ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ ।

# ଖବରକାଗଜ ବିତରକ ସଂଘର ବନ୍ଧୁମିଳନ



**ମାର୍ଶାଘାଇ,୨୨।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଖବରକାଗଜ ବିତରକ (ହକର) ସଙ୍ଘର ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ମାର୍ଶାଘାଇ ବାଲିକଷୋଟି ନିକଟ ଲୁଣାନଦୀପଠା କାଜୁ ଜଙ୍ଗଲରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ହକର ତଥା ଖବରଦାତା ପ୍ରଦୀପ୍ତ କୁମାର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଭାକର ନାୟକ,ହୃଷିକେଶ ସ୍ୱାଇଁ,ଜପହରି ମଲିକ,ବିଜୟ ସାହୁ,ମାନସ ବସନ୍ତିଆ, ବଲ୍ଲଭ ସାହୁ,ଅଲେଖ ଜେନା,ମନୋରଞ୍ଜନ ପଣ୍ଡା ସପରିବାରେ ଯୋଗଦେଇଥିଲେ । ଖବରକାଗଜ ବିତରଣ ନେଇ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ଖବରଦାତା ଏବଂ ଖବରକାଗଜ ସମ୍ପାଦକ ମାନେ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି କହିଥିଲେ । ଡିଜିଟାଲ ଏବଂ ଅନଲାଇନ ଯୁଗରେ ଖବରକାଗଜ ପାଠକଙ୍କ ଆଗ୍ରହ ରକ୍ଷା ଦିଗରେ ହକରମାନେ ପାଠକ ଏବଂ ସମ୍ପାଦକଙ୍କ ମଧ୍ୟରେ ସେତୁବନ୍ଧ ଭଳି ସମ୍ପର୍କ ସ୍ଥାପନ କରିଥାନ୍ତି ବୋଲି ସାମ୍ବାଦିକ,ଶୁଭେନ୍ଦୁ ଚୌଧୁରୀ,ବିଚିତ୍ର ବେହେରା,ସୁବାସ ସାହୁ,ସରୋଜ ପରିଡା,ଶୁଭେନ୍ଦୁ ଦାଶ ଙ୍କ ସମେତ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ମତପ୍ରକାଶ କରିଥିଲେ ।

# ରଙ୍ଗାଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାରାଦ୍ୱୀପକୁ ୧୭୨ ରନ୍‌ରେ ହରାଇଲା କଟକ ବିଜୟୀ



**ମାର୍ଶାଘାଇ,୨୨।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ମେହେନ୍ଦିନଗର ପଞ୍ଚାୟତ ରଙ୍ଗାଳ ଗ୍ରାମ ଖେଳପଡିଆରେ ଅନୁଷ୍ଠିତ ୪୭ ତମ ମାନସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଚତୁର୍ଥ ଲିଗ ମ୍ୟାଚରେ ପାରାଦ୍ୱୀପ ର ଡାଏମଣ୍ଡ କ୍ରିକେଟ କ୍ଲବ କୁ ୨୭ ରନରେ ହରାଇ କଟକ ନିମପୁର ସ୍ପୋର୍ଟିଂ ବିଜୟୀ ହୋଇଛି । କଟକ ନିମପୁର ଟିମ ପ୍ରଥମେ ବ୍ୟାଟିଂ କରି ୨୩ ଓଭରରେ ୧୭୨ ରନ ସଂଗ୍ରହ କରିଥିଲା । ଜବାବରେ ପାରାଦ୍ୱୀପ ଡାଏମଣ୍ଡ କ୍ରିକେଟ ଟିମ ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ ରନ କରିପାରିଥିଲା। ନିମପୁର ଟିମର ପ୍ରତିମେଶ ଭଦ୍ର ବ୍ୟାଟିଂରେ ୩୦ ରନ କରିବା ସହିତ ବୋଲିଂ ରେ ଦୁଇଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଆୟୋଜକ କ୍ଲବର ବରିଷ୍ଠ ସଭ୍ୟ ସମୀର ପରିଡା ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଅମ୍ପାୟାର ଭାବେ ପ୍ରଭାତ ରଞ୍ଜନ ସ୍ୱାଇଁ ଏବଂ ବୁଲୁ ଜେନା ଖେଳ ପରିଚାଳନା କରିଥିଲେ । ଆୟୋଜକ କ୍ଲବ ସଦସ୍ୟ ସୁମନ ସ୍ୱାଇଁ, ଶଶୀଭୁଷଣ ଷଡ଼ଙ୍ଗୀ, ଅଭିନ୍ନ ସୁନ୍ଦର ଓଝା, ରଞ୍ଜନ ପରିଡା, ଅଲେଖ ନାୟକ, ପାର୍ଥସାରଥୀ ବେଉରା ପ୍ରମୁଖ ସହଯୋଗ କରିଥିଲେ । ଗୁରୁବାର କଟକ ସୋଲାର କ୍ଲବ ଏବଂ ଯାଜପୁର ବାଟମଙ୍ଗଳା କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ଭରତ ଚନ୍ଦ୍ର ଲେଙ୍କା ସୂଚନା ଦେଇଛନ୍ତି ।

# ଦୁଇମାସ ହେଲା ଚାଉଳ ଯୋଗାଣ ବନ୍ଦ

## ଅଙ୍ଗନବାଡି କେନ୍ଦ୍ରରୁ ଭୋକରେ ଫେରୁଛନ୍ତି ଶିଶୁ




**ଲାଞ୍ଜିଗଡ,୨୨।୧(ସଂଚାର ବ୍ୟୁରୋ):** ଲାଞ୍ଜିଗଡ ବ୍ଲକରେ ଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ପ୍ରାୟ ଦୁଇମାସ ହେବ ଚାଉଳ ଯୋଗାଣ ବନ୍ଦ ଥିବା ହେତୁ ପିଲାଙ୍କୁ ରନ୍ଧା ଖାଦ୍ୟ ଖାଇବାକୁ ମିଳୁନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ରାଜ୍ୟର ସମସ୍ତ ପଞ୍ଚାୟତରେ ଅଙ୍ଗନବାଡି କେନ୍ଦ୍ରମାନ ଖୋଲିଛନ୍ତି ଏବଂ ଏହି କେନ୍ଦ୍ର ମାନଙ୍କରେ ୩ରୁ ୬ମାସର ଶିଶୁ ମାନଙ୍କୁ ବିକେନ୍ଦ୍ରି ଯୋଜନାରେ ୬ଦିନକୁ ୬ ପ୍ରକାର ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ପୋଷାକ, ସୁଇଟର, ଜୋତା ଇତ୍ୟାଦି ଅତ୍ୟାବଶ୍ୟକ ଜିନିଷ ଯୋଗାଇଛନ୍ତି। ସବୁ କେନ୍ଦ୍ରରେ ଶିଶୁଙ୍କ ପ୍ରିସ୍କୁଲ ଶିକ୍ଷା ପାଇଁ ଜଣେ ଲେଖାଏଁ ଅଙ୍ଗନବାଡି କର୍ମୀ ନିଯୁକ୍ତ କରିଛନ୍ତି ହେଲେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ କେନ୍ଦ୍ର ମାନଙ୍କରେ ଚାଉଳ ନ ଥିବାରୁ କେବଳ ସିଝା ଅଣ୍ଡା କିମ୍ବା ବିସ୍କୁଟ ଖାଇ ଭୋକରେ ଫେରୁଛନ୍ତି କୋମଳମତି ଶିଶୁ। କେନ୍ଦ୍ର ଅଛି, ପିଲା ୱି ଅଛନ୍ତି, ଅଙ୍ଗନବାଡି କର୍ମୀ ମଧ୍ୟ ରହି ପିଲାଙ୍କୁ ଶିକ୍ଷା ଦେଉଛନ୍ତି ହେଲେ ପିଲାଙ୍କ ଖାଇବା ପାଇଁ ଦାନା ନାହିଁ। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି। ଦୁଇ ମାସ ହେଲା କେନ୍ଦ୍ର ମାନଙ୍କୁ କାହିଁକି ଚାଉଳ ଯୋଗାଣ ହେଉନି, କଣ ଅସୁବିଧା ରହିଛି, ଏହାର ବିକଳ୍ପ ବ୍ୟବସ୍ଥା କଣ ପ୍ରଶାସନ ଦୃଷ୍ଟି ଦେଉ ନାହାନ୍ତି। ଲାଞ୍ଜିଗଡ ବ୍ଲକରେ ୨୨୬ ଅଙ୍ଗନବାଡି କେନ୍ଦ୍ର ଥିବାବେଳେ ୫ ହଜାରରୁ ଉର୍ଦ୍ଧ ୩ବର୍ଷ ରୁ ୬ବର୍ଷ ଶିଶୁ କେନ୍ଦ୍ରରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏ ସମ୍ପର୍କରେ ଲାଞ୍ଜିଗଡ ବ୍ଲକ ଶିଶୁ ବିକାଶ ଅଧିକାରୀଣି ବିଜୟଶ୍ରୀ ସିଂଙ୍କୁ ପଚାରିବାରୁ ସେ ଟ୍ରାନ୍ସପୋର୍ଟିଂ ଏଜେଣ୍ଟଙ୍କୁ ବାରମ୍ବାର ଚାଉଳ ଯୋଗାଇ ଦେବାପାଇଁ କୁହାଯାଉଛି ହେଲେ ସେ କର୍ଣ୍ଣପାତ କରୁନଥିବା ବେଳେ ଏହାକୁ ନେଇ ଜିଲା ଶିଶୁ ବିକାଶ ଅଧିକାରିଣୀ ଓ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

# ଦିଲ୍ଲୀ ଯିବେ କେନ୍ଦ୍ରାପଡ଼ାର ୨ ସରପଞ୍ଚ



**କେନ୍ଦ୍ରାପଡା,୨୨।୧(ସଂଚାର ବ୍ୟୁରୋ):** ଜାନୁଆରୀ ୨୬ରେ ଦେଶ ପାଳିବ ୭୬ତମ ସାଧାରଣତନ୍ତ୍ର ଦିବସ । ଦିଲ୍ଲୀ କର୍ତ୍ତବ୍ୟ ପଥରେ ହେବାକୁ ଥିବା ପରେଡରେ ଯୋଗ ଦେବାକୁ ଦେଶ ବିଦେଶର ଅତିଥିଙ୍କୁ ନିମନ୍ତ୍ରଣ କରିଛନ୍ତି କେନ୍ଦ୍ର ସରକାର । ସାରା ରାଜ୍ୟରୁ ସ୍ୱତନ୍ତ୍ର ଅତିଥିଙ୍କୁ ନିମନ୍ତ୍ରଣ ମିଳିଥିବା ବେଳେ କେନ୍ଦ୍ରାପଡାର ଦୁଇ ପଞ୍ଚାୟତ ପ୍ରତିନିଧିଙ୍କୁ ମଧ୍ୟ ଦିଲ୍ଲୀ ଯିବେ । ସେମାନେ ହେଲେ କେନ୍ଦ୍ରାପଡା ଜିଲ୍ଲାର ମୋହନ ଚରଣ ସାହୁ ଓ ଅରକ୍ଷିତ କାଣ୍ଡି । ପଞ୍ଚାୟତର ଉନ୍ନତିମୂଳକ କାମ କରି ସାରା ରାଜ୍ୟରେ ଉଦାହରଣ ସାଜିଥିବାରୁ ଉପକୂଳ ଜିଲ୍ଲାର ଦୁଇ ସରପଞ୍ଚଙ୍କୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ଚୟନ କରାଯାଇଛି । ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ସାରା ଦେଶ ପାଳନ କରିବ ଗଣତନ୍ତ୍ର ଶାସନର ବାର୍ଷିକ ଉତ୍ସବ। ଜାତିର ପିତାଙ୍କ ଆହ୍ୱାନ କ୍ରମେ ଗାଁରୁ ହିଁ ଦେଶର ଉନ୍ନତି କଥାକୁ ପ୍ରତିପାଦିତ କରି ପ୍ରତିବର୍ଷ ଦେଶର କୋଣ ଅନୁକୋଣରେ ଥିବା ପଞ୍ଚାୟତ ପ୍ରତିନିଧିମାନଙ୍କୁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥ ପରେଡ଼ରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିଥାଏ। ତେବେ ଚଳିତବର୍ଷ କେନ୍ଦ୍ରାପଡା ଜିଲ୍ଲାର ଦୁଇଜଣ ପଞ୍ଚାୟତ ପ୍ରତିନିଧି ତଥା ସରପଞ୍ଚଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିଛି । କେନ୍ଦ୍ରାପଡା ଡେରାବିଶ୍ ବ୍ଲକ ବେଣୀପୁର ପଞ୍ଚାୟତର ୭୪ ବର୍ଷୀୟ ମାଟ୍ରିକ ପାସ କରିଥିବା ସରପଞ୍ଚ ମୋହନ ଚରଣ ସାହୁ ଓ ଏହି ବ୍ଲକ ଅଧିନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସ୍ନାତକୋତ୍ତର (ଇତିହାସ) ପାସ କରିଥିବା ଅରକ୍ଷିତ କାଣ୍ଡିଙ୍କୁ ଏହି ପରେଡରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିଛି ।



# ବେତନଟୀ ବ୍ଲକରୁ ମାଟ୍ରିକ୍ ପରୀକ୍ଷା ଦେବେ ୧୮୧୮ ପରୀକ୍ଷାର୍ଥୀ

**ବୈଶିଙ୍ଗା, ୨୨।୧(ସଂଚାର ବ୍ୟୁରୋ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୁଲ୍ୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ଫେବୃୟାରୀ ୨୧ ତାରିଖ ରୁ ଆରମ୍ଭ ହୋଇ ମର୍ଚ୍ଚ ୬ ତାରିଖ ରେ ସମାପ୍ତ ହେବ ବୋଲି ବୋର୍ଡ ପକ୍ଷରୁ ସ୍ଥିରୀକୃତ ହୋଇଅଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ସମୁଦାୟ ୨୯, ୧୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ରେଗୁଲାର ଭାବେ ୨୯, ୦୫୯ ଜଣ ଓ ଏକ୍ସ ରେଗୁଲାର ଭାବେ ୯୬ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବେତନଟୀ ବ୍ଲକ ରେ ମୋଟ ୧୧ ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ଭାବେ ୧୮୧୬ ଜଣ ଓ ଏକ୍ସ ରେଗୁଲାର ଭାବେ ୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ଏମ୍ ପି ସି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୨ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବେତନଟୀ ରେ ୧୯୦ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାଳବଣି ରେ ୧୮୯ ଜଣ, ସତ୍ୟସାଇ ବିଦ୍ୟା ପିଠ ଖୁଣ୍ଟାପୁର ରେ ୧୪୪ ଜଣ, ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧୮ ଜଣ, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ସନ୍ତରା ରେ ୧୪୨ ଜଣ, ବ୍ରହ୍ମପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୧୩୬ ଜଣ, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ଛଚିନାପଦା ରେ ୧୫୫ ଜଣ, କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ପାଟଳିପୁରା ରେ ୧୨୯ ଜଣ, ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବୈଶିଙ୍ଗା ରେ ୧୪୮ ଜଣ ଓ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡ଼ଦେଉଳିଆ ରେ ୧୬୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାର ଜଣାପଡ଼ିଛି।

# ଜଳବାୟୁ ସ୍ଥିରତା ପାଇଁ ୩ ଚୁକ୍ତି ସ୍ୱାକ୍ଷରିତ

## ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ସହ ଜୈବ ବିବିଧତାକୁ ସୁରକ୍ଷା ଦିଆଯାଇପାରିବ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟରେ ଜଳବାୟୁ ସ୍ଥିରତା ଓ ସ୍ଥାୟୀ ବିକାଶ ପ୍ରୟାସକୁ ବୃଦ୍ଧି କରିବା ସକାଶେ ଆଜି ୩ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସହଭାଗିତା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରାଯିବା ସହ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହନ କରାଯିବ ଏବଂ ରାଜ୍ୟର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦିଆଯିବାର ଲକ୍ଷ୍ୟ ରହିଛି। ଉପକୂଳ ପରିସଂସ୍ଥାର ପୁନରୁଦ୍ଧାର, ସୁରକ୍ଷା ଓ ପରିଚାଳନା ନିମନ୍ତେ ଭୁବନେଶ୍ୱର ଆଇଆଇଟି ସହ ଓଡ଼ିଶା ଉପକୂଳରେ ସାମୁଦ୍ରିକ ଘାସ ଶଯ୍ୟା ଓ ଲୁଣା ଜଳାଶୟ ସୁରକ୍ଷା, ପୁନରୁଦ୍ଧାର ଓ ପରିଚାଳନା ନିମନ୍ତେ ଭାରତୀୟ ଉପକୂଳ ଅଧିବାସୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପ୍ରକଳ୍ପ ଅଧୀନରେ ଆଇଆଇଟି ଭୁବନେଶ୍ୱର ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସହଯୋଗ ସାମୁଦ୍ରିକ ଘାସ ଶଯ୍ୟା ଓ ଲୁଣା ଜଳାଶୟ ସମେତ ଗୁରୁତ୍ୱପୂର୍ଣ୍ଣ ଉପକୂଳୀୟ ପରିସଂସ୍ଥାର ପୁନରୁଦ୍ଧାର ଦିଗରେ ସହଯୋଗ କରିବ। ଏହା ଉପକୂଳ ଅଧିବାସୀଙ୍କ ନିମନ୍ତେ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ପାଇଁ ଇକୋସିଷ୍ଟମ-ଆଧାରିତ ପଦ୍ଧତି ଉପରେ ଗୁରୁତ୍ୱ ଦେବ। ଓଡ଼ିଶା ଉପକୂଳରେ ସମୁଦ୍ର ଘାସ ଏବଂ ଲୁଣା ଜଳାଶୟ ଇକୋସିଷ୍ଟମ୍‌ର ପୁନରୁଦ୍ଧାର, ସୁରକ୍ଷା ଓ ସ୍ଥାୟୀ ପରିଚାଳନା ପାଇଁ ବୈଷୟିକ ସହାୟତା ସଂସ୍ଥା ଭାବେ ମନୋନୀତ ଭୁବନେଶ୍ୱର ଆଇଆଇଟି ଏହାର ପରିଚାଳନା ପାଇଁ ବୈଷୟିକ ସହାୟତା ପ୍ରଦାନ କରିବ।

ଜଳବାୟୁ ସ୍ଥିରତା ପାଇଁ ଅନୁକୂଳନ ଜଳବାୟୁ ପରିବର୍ତ୍ତନ ସହ ତାଳ ମିଳାଇବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ପ୍ରଭାବରେ ସମ୍ମୁଖୀନ ହେଉଥିବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଚାଷୀଙ୍କ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ଆଞ୍ଚଳିକ ଅନୁକୂଳନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ। ନୂଆପଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପାଞ୍ଚବର୍ଷୀୟ ପ୍ରକଳ୍ପର ଲକ୍ଷ୍ୟ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିରୁଦ୍ଧରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଚାଷୀମାନଙ୍କର, ବିଶେଷକରି ମହିଳା କୃଷକମାନଙ୍କର ଅର୍ଥନୈତିକ ଅବସ୍ଥାକୁ ସୁଦୃଢ଼ କରିବା। ଆବଶ୍ୟକ ପାଣି ଯୋଗାଣ ଦ୍ୱାରା ଏହି ପ୍ରକଳ୍ପ ବିବିଧ ଜୀବିକା, ସ୍ଥିର କୃଷି ପଦ୍ଧତି ଏବଂ ଜଳବାୟୁ ସେବାରେ ଉନ୍ନତ ନିବେଶକୁ ପ୍ରୋତ୍ସାହିତ କରିବ। ଜଳବାୟୁ ପରିବର୍ତ୍ତନଜନିତ ସ୍ଥିତିର ମୁକାବିଲାରେ କୃଷକଙ୍କ ଜୀବିକା ସୁରକ୍ଷା ଏବଂ ଖାଦ୍ୟ ସୁରକ୍ଷା ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତା ବଜାୟ ରହିବ। ନେଟ୍-ଜିରୋ ରୋଡମ୍ୟାପ୍ ବିକାଶ ପାଇଁ ଶକ୍ତି, ପରିବେଶ ଏବଂ ଜଳ ପରିଷଦ ସହ ସ୍ୱାକ୍ଷରିତ ଚୁକ୍ତି ଏସିଆର ଅଗ୍ରଣୀ ଥିଙ୍କ ଟ୍ୟାଙ୍କ ମଧ୍ୟରୁ ଗୋଟିଏ। ଶକ୍ତି, ପରିବେଶ ଏବଂ ଜଳ ପରିଷଦ ରାଜ୍ୟ ପାଇଁ ଏକ ନେଟ୍-ଜିରୋ ରୋଡମ୍ୟାପ୍ ବିକାଶ କରିବା ପାଇଁ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଏହି ପଦକ୍ଷେପ ଦ୍ୱାରା ଶିଳ୍ପ, ଶକ୍ତି, ପରିବହନ ଏବଂ କୃଷି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଅଙ୍ଗାରକାମ୍ଳନିର୍ଗମନ ରଣନୀତି ପ୍ରସ୍ତୁତ ହେବ ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଏହି ଚୁକ୍ତି ସ୍ୱାକ୍ଷରକୁ ଭାରତର ୨୦୭୦ ନେଟ୍-ଜିରୋ ଲକ୍ଷ୍ୟ ସହ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ସମନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ସେହିପରି ସାମୂହିକ ଭାବେ ଏହି ପଦକ୍ଷେପଗୁଡ଼ିକ ରାଜ୍ୟର ଭିଜନ ଓଡ଼ିଶା-୨୦୩୬କୁ ମଜବୁତ କରିବା ସହ ସ୍ଥାୟୀ ବିକାଶ, ଜୈବବିବିଧତା ସଂରକ୍ଷଣ ଏବଂ ଜଳବାୟୁ ସ୍ଥିରତା ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସହାୟକ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପରିବେଶ ନିର୍ଦ୍ଦେଶକ ପ୍ରେମ କୁମାର ଝା ଉପସ୍ଥିତ ଥିବା ବେଳେ ଆଇଆଇଟି, ଭୁବନେଶ୍ୱର ପକ୍ଷରୁ ଡିନ୍ ପ୍ରାୟୋଜିତ ଗବେଷଣା ଓ ଶିଳ୍ପ ପରାମର୍ଶଦାତା ପ୍ରଫେସର ଦିନାକର ପାସଲା, ଶକ୍ତି, ପରିବେଶ ଏବଂ ଜଳ ପରିଷଦ ପକ୍ଷରୁ ଡକଫର ବୈଭବ ଚତୁର୍ବେଦୀ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଡେପୁଟି କଣ୍ଟ୍ରି ଡାଇରେକ୍ଟର ନୋଜୋମି ହାସିମୋଟୋ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। କାର୍ଯ୍ୟକ୍ରମରେ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।



● ଉପମୁଖ୍ୟମନ୍ତ୍ରୀଙ୍କ ସହ ଇଇଏସ୍ଏଲ୍ ଅଧିକାରୀଙ୍କ ବୈଠକ

## ଶକ୍ତି ସଂରକ୍ଷଣ ପଦକ୍ଷେପର ତ୍ୱରିତ କାର୍ଯ୍ୟକାରିତା ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ବୁଧବାର ସ୍ଥାନୀୟ ଖାରବେଳ ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏନର୍ଜି ଏଫିସିଏନ୍ସି ସର୍ଭିସ ଲିମିଟେଡ୍ (ଇଇଏସ୍ଏଲ୍)ର ବରିଷ୍ଠ ଅଧିକାରୀମାନେ ଶକ୍ତି ସଂରକ୍ଷଣ ପାଇଁ ଆଗାମୀ ପଦକ୍ଷେପ ବାବଦରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ରାଜ୍ୟ ସରକାରଙ୍କ ସହଯୋଗିତାରେ କାର୍ଯ୍ୟ କରି ଉପଭୋକ୍ତାଙ୍କୁ କମ୍ ବିଦ୍ୟୁତ ଖର୍ଚ୍ଚ ହେଉଥିବା ଉପକରଣ ସୁଲଭ ମୂଲ୍ୟରେ ଯୋଗାଇଦେବା ଉପରେ ଆଲୋଚନା ହୋଇଥିଲା। ଉର୍ଜାବାର ଭଳି ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଏବଂ ଏନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବହୁବର୍ଷ ଧରି ଚାଲିଆସୁଥିବା ପୁରୁଣା ଫ୍ୟାନଗୁଡ଼ିକୁ ବଦଳାଇ ଶକ୍ତି ସଂରକ୍ଷଣ କରୁଥିବା ଫ୍ୟାନ ଓ ବୈଦ୍ୟୁତିକ ଉପକରଣ ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଯୋଜନାଗୁଡ଼ିକୁ ଭଲ ଭାବେ ତର୍ଜମା କରି ଆଗାମୀ ପଦକ୍ଷେପ ନେବା ଓ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ ପ୍ୟାରୀମୋହନ ମିଶ୍ର ଓ ଇଇଏସଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର



**ଭୁବନେଶ୍ୱର,୨୨।୧ (ସଂଚାର ବ୍ୟୁରୋ):** ପୋଷ୍ଟମର୍ଟମ ରିପୋର୍ଟ ପାଇଁ ୨ ହଜାର ନେଲା ବେଳେ ଡାକ୍ତରଙ୍କୁ ମାଡ଼ିବସିଲା ଭିଜିଲାନ୍ସ। ଅଭିଯୋଗ ଅନୁଯାୟୀ ବଡ଼ମ୍ବା ସିଏଚ୍‌ସି ଡାକ୍ତର ବିଶ୍ୱନାଥ ଅଢ଼େକ ଜଣେ ବ୍ୟକ୍ତିଙ୍କ ମୃତ ପୁଅର ପୋଷ୍ଟ ମର୍ଟମ ରିପୋର୍ଟ ପ୍ରଦାନ କରିବାକୁ ଅଭିଯୋଗକାରୀଙ୍କ ଠାରୁ ୫,୦୦୦ ମାଗିଥିଲେ। କିଛି ଦିନ ପୂର୍ବରୁ, ଅଭିଯୋଗକାରୀ ଡାକ୍ତରଙ୍କୁ ୨,୦୦୦ ଲାଞ୍ଚ ପ୍ରଦାନ କରିଥିଲେ। ତେବେ ଦ୍ୱିତୀୟ କିସ୍ତିରେ ୨ ହଜାର ଟଙ୍କା ନେଉଥିଲେ ଅଢ଼େକ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଧରାପଡ଼ିବା ପରେ ଡାକ୍ତରଙ୍କ ଦୁଇଟି ଘରେ ଭିଜିଲାନ୍ସ ଟିମ୍‌ର ରେଡ୍ ଜାରି ରହିଛି।

## ଶ୍ରୀମନ୍ଦିରରୁ ଚୋରି, ଜଣେ ଅଟକ

**ପୁରୀ,୨୨।୧(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟରେ ଚୋରି ଅଭିଯୋଗରେ ଜଣଙ୍କୁ ଅଟକ ରଖାଯାଇଛି। ନିର୍ମାଲ୍ୟ ଖଳାରେ ଭାରାବନ୍ଧା ଲୁହା କଟିଂ ପିସ୍ ଚୋରି କରିଥିବା ଅଭିଯୋଗରେ ଉକ୍ତ କର୍ମଚାରୀଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଅଟକ ଯୁବକଙ୍କ ନାମ ଲୋକନାଥ ସ୍ୱାଇଁ। ଏଏସଆଇ ପକ୍ଷରୁ ସିଂହଦ୍ୱାର ଥାନାରେ ଏନେଇ ଲିଖିତ ଅଭିଯୋଗ ହେବା ପରେ ପୁଲିସ୍ ଉକ୍ତ କର୍ମଚାରୀଙ୍କୁ ଅଟକ ରଖିଛି। ଚୋରି କରିଥିବା ବ୍ୟକ୍ତି ନିର୍ମାଲ୍ୟ ଖଳାରେ କାହା ଦ୍ୱାରା ନିୟୋଜିତ ହୋଇଥିଲେ, କଣ କାର୍ଯ୍ୟ କରୁଥିଲେ,ଏକାକୀ ଚୋରି କରିଛନ୍ତି କି ଆଉ କିଏ ତାଙ୍କ ସହ ସମ୍ପୃକ୍ତ ରହିଛି, ସେନେଇ ତଦନ୍ତ କରାଯାଉଥିବା ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି।

## ଖାଦ୍ୟର ମାନ ଓ ଲାଇସେନ୍ସ ଯାଞ୍ଚ

**କଟକ,୨୨।୧ (ସଂଚାର ବ୍ୟୁରୋ):** ଆକ୍ସନ୍ ମୋଡ୍‌ରେ ସିଏମ୍‌ସି ଫୁଡ୍ ସେଫ୍ଟି ଟିମ୍ । ମଙ୍ଗଳାବାଗ ଅଞ୍ଚଳର ବିଭିନ୍ନ ହୋଟେଲ୍ ଉପରେ କଟକ ମହାନଗର ନିଗମ ଫୁଡ୍ ସେଫ୍ଟି ଟିମ୍ ପକ୍ଷରୁ ଚାଲିଛି ଚଢ଼ାଉ । ଏହି ଚଢ଼ାଉରେ ହୋଟେଲ୍ ଗୁଡ଼ିକରେ ଗ୍ରାହକଙ୍କୁ ପରିବେଷଣ କରାଯାଉଥିବା ଖାଦ୍ୟର ମାନ ଏବଂ ଫୁଡ୍ ଲାଇସେନ୍ସକୁ ଯାଞ୍ଚ କରାଯାଉଛି । ଏହି ଚଢ଼ାଉରେ ଫୁଡ୍ ସେଫ୍ଟି ଟିମ୍ ସହ ପୋଲିସ ମଧ୍ୟ ସାମିଲ ଅଛନ୍ତି । ସୂଚନା ମୁତାବକ, ବଗତ ଦିନରେ ମଙ୍ଗଳାବାଗ ଅଞ୍ଚଳର ହୋଟେଲ ଗୁଡ଼ିକରେ ଗ୍ରାହକଙ୍କୁ ନିମ୍ନ ମାନର ଖାଦ୍ୟ ପରିବେଷଣ କରାଯାଉଥିବା ନେଇ ଅନେକ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ପରେ ଆକ୍ସନ୍ ମୋଡ୍‌କୁ ଆସିଛି ସିଏମ୍‌ସି ଫୁଡ୍ ସେଫ୍ଟି ଟିମ୍ । ବୁଧବାର ଏହି ଅଞ୍ଚଳର ଅନେକ ହୋଟେଲ୍‌ରେ କଟକ ମହାନଗର ନିଗମ ଫୁଡ୍ ସେଫ୍ଟି ଟିମ୍ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି ଚଢ଼ାଉରେ ହୋଟେଲ୍ ଗୁଡ଼ିକରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟର ମାନ ଯାଞ୍ଚ କରାଯାଉଛି । ଏହା ସହ ସେହି ହୋଟେଲ୍ ଗୁଡ଼ିକର ଫୁଡ୍ ଲାଇସେନ୍ସକୁ ମଧ୍ୟ ଯାଞ୍ଚ କରାଯାଉଛି । ତେବେ ଏହି ଚଢ଼ାଉରେ ସିଏମ୍‌ସି ଫୁଡ୍ ସେଫ୍ଟି ଟିମ୍ ସହ ପୋଲିସ ମଧ୍ୟ ସାମିଲ ଅଛନ୍ତି ।

# ବିଶ୍ୱକୁ ନୂଆ ମାର୍ଗ ଦେଖାଇବ ଗୁରୁ ନାନକଙ୍କ ବାର୍ତ୍ତା: ଧର୍ମେନ୍ଦ୍ର

● ସମ୍ବଲପୁର ଗୁରୁ ନାନକ ପବ୍ଲିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

● ଯୁବଶକ୍ତି ଟେକ୍ନୋଲୋଜି ଜରିଆରେ ସବୁ ବିଷୟକୁ ଜାଣନ୍ତୁ



**ଖେତରାଜପୁର/ସମ୍ବଲପୁର,୨୨।୧(ସଂଚାର ବ୍ୟୁରୋ):** ପୂଜ୍ୟ ଗୁରୁ ନାନକ ଦେବଙ୍କ ସମେତ ଶିଖ୍ ସମ୍ପ୍ରଦାୟର ଧର୍ମଗୁରୁ ଓ ବୀର ସୁରେନ୍ଦ୍ର ସାଏ ଓ ବାଜି ରାଉତଙ୍କ ପରି ଅନେକ ସଂଗ୍ରାମୀମାନେ ଦେଶ ପାଇଁ ଅନେକ ତ୍ୟାଗ ଓ ବଳିଦାନ ଦେଇଛନ୍ତି। ସେହି ଗୁରୁ ଓ ସଂଗ୍ରାମୀମାନଙ୍କ ଧର୍ମ, ଆଦର୍ଶ, ସଂସ୍କାର ତଥା ପ୍ରେରଣାଦାୟୀ ବାର୍ତ୍ତାରୁ ଅନୁପ୍ରାଣିତ ହୋଇ ଆମର ଯୁବପିଢ଼ିମାନେ ବିଶ୍ୱକୁ ନୂଆ ମାର୍ଗ ଦେଖାଇବା ଦିଗରେ ଆଗଭର ହୁଅନ୍ତୁ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଆଜି ସମ୍ବଲପୁର ଜିଲ୍ଲା ଖେତରାଜପୁର ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲ ସମ୍ବଲପୁରର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂଜ୍ୟ ଗୁରୁ ନାନକ ଦେବଙ୍କ ନାମରେ ନାମିତ ଏହି ସ୍କୁଲ ଦୀର୍ଘ ୫୦ ବର୍ଷରେ ପଦାର୍ପଣ କରିବା ଏକ ଗୌରବମୟ ଉପଲବ୍ଧି । ଗୁରୁ ନାନକଙ୍କ ଯେଉଁଭଳି ଆଦର୍ଶ, ବିଚାର, ସିଦ୍ଧାନ୍ତ ଏବଂ ସେବା ମନୋଭାବର ସମର୍ପଣ ଥିଲା, ତାଙ୍କ ସଂସ୍କାର ଆଧାରରେ ସ୍କୁଲଟି ପରିଚାଳିତ ହେବା ଆନନ୍ଦର ବିଷୟ । ଯେତେବେଳେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଉଦ୍ୟମ ହେଉଥିଲା, ସେହି ସମୟରେ ଗୁରୁ ନାନକ ସମାଜକୁ ଏକାଠି କରି ଭାରତର ସଂସ୍କୃତିର ସୁରକ୍ଷା ପାଇଁ ଦାୟିତ୍ୱ ନେଇଥିଲେ । ସେ ସମାଜରେ ସମାନତା, ଭାଇଚାରା ଓ ଏକତାର ଶିକ୍ଷା ଦେଇଥିଲେ। ବିଭିନ୍ନ ସାମାଜିକ କଳୁଷତାକୁ ଦୂର କରିବା ଲାଗି ସଂଘର୍ଷ କରିଥିଲେ। ଶିଖ ପରମ୍ପରାରେ ଗୁରୁ ପରମ୍ପରାର ଆଦର୍ଶ ଓ ବଳିଦାନକୁ ଭୁଲି ହେବ ନାହିଁ । ଭାରତୀୟ ପରମ୍ପରାରେ ଶିଖ ସମୁଦାୟର ଧର୍ମଗୁରୁଙ୍କ ଅବଦାନ ଅତୁଳନୀୟ। ଶିଖ ବନ୍ଧୁ ମାନେ ସମ୍ବଲପୁର ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ରହି ଅଞ୍ଚଳର ବିକାଶ ପାଇଁ ଯେଉଁ କାମ କରୁଛନ୍ତି, ତାହା ପ୍ରଶଂସନୀୟ। ସେଇ ପରମ୍ପରାର ଅଂଶ ଭାବେ ଏହି ସ୍କୁଲ ଗଢ଼ି ଉଠିଛି। ଏହାବ୍ୟତୀତ ଆମ ଶିଖ ସମାଜ ସହ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି। ଶିଖ୍ ସମ୍ପ୍ରଦାୟର ଅନେକ ଗୁରୁଙ୍କ ସହିତ ଅବିଭକ୍ତ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଳ ସାଏ, ଯାଜ୍ଜଳ ସାଏ, ମେଦିନୀ ସାଏ, କରୁଣାକର ସିଂହ ନାଏକ, ମାଧୋ ସିଂହ, କୁଞ୍ଜଲ ସିଂହ, ଐରୀ ସିଂହ, ବୈରୀ ସିଂହ, ହଟେ ସିଂହ, ଶହୀଦ ମଧୁ ଗଡତିଆ ଦେଶ ପାଇଁ ବଳିଦାନ ଦେଇଥିଲେ। ସେ ଆହୁରି କହିଛନ୍ତି ଯେ ଆଜି ଦେଶ ଯେତେବେଳେ ନୂଆ ଉଚ୍ଚତାକୁ ଯାଉଛି, ସେହି ସମୟରେ ମାତୃଭୂମି ପାଇଁ ସମସ୍ତ ନାଗରିକ ବିଶେଷ ଭାବେ ଯୁବପିଢ଼ି ଦାୟିତ୍ୱ ଅଧିକ। ଯୁବଶକ୍ତି ଟେକ୍ନୋଲୋଜି ଜରିଆରେ ବିଶ୍ୱକୁ ଅନ୍ୱେଷଣ କରିବା ଦରକାର। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ଏହି ସମୟରେ ଆମକୁ ଦେଶ ପାଇଁ ବଞ୍ଚିବାକୁ ପଡ଼ିବ, ବିକଶିତ ରାଷ୍ଟ୍ର ଗଢ଼ିବାକୁ ପଡ଼ିବ। ଏଥିପାଇଁ ଆଜିର ପିଢ଼ି ଆଗକୁ ଆସିବା ଦରକାର। ନିଜ ପାଇଁ ନୁହେଁ ବରଂ ସମୂହଙ୍କ ପାଇଁ ଦାୟିତ୍ୱ ନେବା ଦରକାର ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି।

● ଡାଇରିଆଜନିତ ମୃତ୍ୟୁ ଘଟଣାରେ ବିଜେପି ସରକାରଙ୍କୁ ଘେରିଲା ବିଜେଡି

# ଲୋକଙ୍କ ସମସ୍ୟା ପ୍ରତି ସରକାର ଉଦାସୀନ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକରେ ଡାଇରିଆ ବ୍ୟାପିବା ଫଳରେ ଅଦ୍ୟାବଧି ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାରେ ଆଜି ବିରୋଧୀ ବିଜେଡି ବିଜେପି ସରକାରକୁ ଘେରିଛି। ପ୍ରଦୂଷିତ ପାନୀୟ ଜଳ କାରଣରୁ ଏପରି ଦୁଃଖଦ ସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି ଜନସାଧାରଣଙ୍କ ସମସ୍ୟା ପ୍ରତି ବିଜେପି ସରକାର ଉଦାସୀନ ଥିବା ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ପିପିଲିର ପୂର୍ବତନ ବିଧାୟକ ରୁଦ୍ର ମହାରଥୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଶଙ୍ଖ ଭବନରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ୫ଟି ନଦୀରେ ବର୍ଜ୍ୟ ଜଳ ମିଶିବା ଫଳରେ ନଦୀ ଜଳ ପ୍ରଦୂଷିତ ହୋଇଛି। ଏଥିରୁ ଚିଲିକା ହ୍ରଦ ମଧ୍ୟ ବାଦ୍ ପଡ଼ିନାହିଁ। ପ୍ରଦୂଷିତ ଜଳ ମିଶିବା କାରଣରୁ ଚିଲିକାର ଜୈବ ବିବିଧତା ପ୍ରଭାବିତ ହେବା ସହ ଏହା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ, ଚିଲିକାର ଆକର୍ଷଣ ଡଲଫିନ ଓ ବିଦେଶାଗତ ପକ୍ଷୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଭୁବନେଶ୍ୱର ଉପକଣ୍ଠରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା ସ୍ଥଳରୁ ବର୍ଜ୍ୟ ଜଳ ଗଙ୍ଗୁଆ ନଦୀରେ ମିଶୁଛି। ଗଙ୍ଗୁଆର ପ୍ରଦୂଷିତ ଜଳ ପରେ ମକରା, ରାଜୁଆ, ଭାର୍ଗବୀ, ରତ୍ନଚିରା ଓ ଲୁଣା ନଦୀରେ ମିଶୁଛି। ଏହି ନଦୀର ଜଳ ଶେଷରେ ଚିଲିକାରେ ମିଶୁଥିବାରୁ ଚିଲିକା ଜଳ ପ୍ରଦୂଷିତ ହେଉଛି ବୋଲି ଶ୍ରୀ ଦାସବର୍ମା କହିବା ସହ ଗତକାଲି ଏ ସମଗ୍ର ଅଞ୍ଚଳ ଗସ୍ତ କରି ଜଳ ପ୍ରଦୂଷଣ ହୋଇ ଚିଲିକାକୁ କିପରି ପ୍ରଭାବିତ କରୁଛି ତା'ର ଏକ ଭିଡିଓ ପ୍ରଦର୍ଶନ କରିଥିଲେ। ସେହିପରି କଣାସରେ ଡାଇରିଆ ବ୍ୟାପିବା ପ୍ରସଙ୍ଗରେ ସେ କହିଛନ୍ତି ଯେ ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅଧିକନ୍ତୁ ୨୫୦ ଲୋକ ଆକ୍ରାନ୍ତ ହୋଇଛନ୍ତି। କିନ୍ତୁ ପ୍ରଶାସନ ଅଦ୍ୟାବଧି ଲୋକଙ୍କ ପାଖରେ ପହଞ୍ଚିପାରିନାହିଁ। ଘଟଣାକୁ ୧୦ ଦିନ ବିତିଯିବା ପରେ ଗତକାଲି ଜିଲ୍ଲାପାଳ ପ୍ରଭାବିତ ଅଞ୍ଚଳେ ପହଞ୍ଚିଥିଲେ। ତେଣୁ ସେଠାକୁ ତୁରନ୍ତ ଏକ ବିଶେଷ ମେଡିକାଲ ଟିମ୍ ପଠାଇବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ସକାଶେ ପୁରୀ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇଥିଲା।

କିନ୍ତୁ ନୂଆ ସରକାର କ୍ଷମତାକୁ ଆସିବା ପରେ ଉକ୍ତ କାମଗୁଡ଼ିକୁ ପୂରଣ କରି ନ ଥିବାରୁ ଆଜି କଣାସରେ ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବୋଲି ଶ୍ରୀ ଦାସବର୍ମା ଅଭିଯୋଗ କରିବା ସହ ସରକାର ତୁରନ୍ତ ଉକ୍ତ କାର୍ଯ୍ୟ ଶେଷ କରି ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ଦାବି କରିଛନ୍ତି। ସେହିପରି ପୂର୍ବତନ ବିଧାୟକ ଶ୍ରୀ ମହାରଥୀ ପିପିଲି, ଡେଲାଙ୍ଗ ନିର୍ବାଚନମଣ୍ଡଳୀର ୧୫ଟି ପଞ୍ଚାୟତ ଦୟା ନଦୀ ଉପରେ ନିର୍ଭର କରୁଥିବା ବେଳେ ଗଙ୍ଗୁଆ ନଦୀ ଏବେ ଗଙ୍ଗୁଆ ନାଳରେ ପରିଣତ ହୋଇ ଏହାର ପ୍ରଦୂଷିତ ଜଳ ଦୟା ଓ ଅନ୍ୟ ନଦୀଗୁଡ଼ିକୁ ପ୍ରଦୂଷିତ କରୁଛି ବୋଲି କହିଛନ୍ତି। ଏଥିସହ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ପ୍ରାୟତଃ ଶେଷ ହୋଇଥିଲେ ହେଁ ନୂଆ ସରକାର ଆସିବା ପରେ କାମ ବନ୍ଦ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଡାଇରିଆପ୍ରଭାବିତ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକରେ ଦେଖାଯାଇଥିବା ଡାଇରିଆଜନିତ ସ୍ଥିତି ନିରୀକ୍ଷଣ ପାଇଁ ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ପ୍ରଭାବିତ ଅଞ୍ଚଳରେ ପହଞ୍ଚିଛନ୍ତି। ରାଜ୍ୟ ନିରୀକ୍ଷଣ ୟୁନିଟର ଏପିଡେମିଓଲୋଜିଷ୍ଟ ଡ. ସୁନୀତା ଜେନା ଓ ଏକ ଟିମ ସହ ଡା. ମିଶ୍ର କଣାସ ବ୍ଲକର ଡାଇରିଆ ପ୍ରଭାବିତ ଗାଁ ଓ ଅଞ୍ଚଳଗୁଡିକ ବୁଲି ସାମ୍ପ୍ରତିକ ସ୍ଥିତି ଓ ପରିସ୍ଥିତିର ମୂଲ୍ୟାଙ୍କନ କରିବା ସହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ଓ ଚିକିତ୍ସା ସେବାକୁ ଆହୁରି ଅଧିକ ବ୍ୟବସ୍ଥିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଡା. ମିଶ୍ର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାଇରିଆ ପ୍ରଭାବିତ ଏବଂ ସେମାନଙ୍କୁ ଚିକିତ୍ସା କରୁଥିବା ଚିକିତ୍ସକମାନଙ୍କ ସହ ବିଶଦ ଆଲୋଚନା କରି ଚିକିତ୍ସା ଓ ଅନ୍ୟାନ୍ୟ ସେବାକୁ ପ୍ରଭାବୀ କରିବା ସକାଶେ ଦେଇଛନ୍ତି। ସ୍ଥାନୀୟ ସ୍ୱାସ୍ଥ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଏକ ବୈଠକରେ ଡା. ମିଶ୍ର ନିରାପଦ ପାନୀୟ ଜଳ, ପରିମଳ ଓ ବର୍ଜ୍ୟବସ୍ତୁ ସୁପରିଚାଳନା ମାଧ୍ୟମରେ କିପରି ଏହି ସମସ୍ୟାର କିଭଳି ସମାଧାନ କରାଯାଇପାରିବ, ତା' ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଭାବିତ ନୂଆଗାଁ ଓ ଜାଗୁଲେଇପଦରରେ ଅବରୋଧିତ କେନାଲଗୁଡ଼ିକୁ ସଫା କରିବା ଓ ପ୍ରଭାବିତ ଗ୍ରାମଗୁଡିକୁ ଅତିରିକ୍ତ ପାନୀୟ ଟ୍ୟାଙ୍କର ଯୋଗାଇ ଦେବାକୁ ଡା. ମିଶ୍ର ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ପରିଷ୍କାର-ପରିଚ୍ଛନ୍ନତା ଓ ଶୌଚାଳୟ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ପୃକ୍ତ ଗାଁଗୁଡିକରେ ଏକ ବିସ୍ତୃତ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ଆବଶ୍ୟକତା ରହିଛି ବୋଲି ଡା. ମିଶ୍ର କହିଛନ୍ତି।

# ଦୟା ଜଳ ପ୍ରଦୂଷିତ,ସମସ୍ତେ ଜାଣି ନିରବ



**ଭୁବନେଶ୍ୱର,୨୨।୧:** ପ୍ରଦୂଷିତ ଜଳ ବ୍ୟବହାର କରି ଦୟାନଦୀ କୂଳରେ ଥିବା କଳାସ ଅଞ୍ଚଳରେ ୪ଜଣ ଲୋକଙ୍କ ମୃତ୍ୟୁ ସହ ଅନେକ ଆକ୍ରାନ୍ତ ହୋଇଥିବା ପରିପ୍ରେକ୍ଷୀରେ ଏବେ ଦୟାନଦୀ ଜଳକୁ ପ୍ରଦୂଷଣମୁକ୍ତ କରିବାପାଇଁ ଶାସକ ଓ ବିରୋଧିଦଳ ମଧ୍ୟରେ ବିବୃତ୍ତିଯୁଦ୍ଧ ଚାଲିଛି । କିନ୍ତୁ ଦୟା ସମେତ ରାଜ୍ୟର କୌଣସି ଗୋଟିଏ ହେଲେ ନଦୀର ଜଳ ଏମିତିକି ଚିଲିକା ଓ ଅଂଶୁପା ଭଳି ହ୍ରଦର ଜଳ ପ୍ରଦୂଷଣମୁକ୍ତ ନୁହେଁ ବୋଲି ବର୍ଷ ବର୍ଷ ଧରି ଜାଣିବା ସତ୍ୱେ କାହିଁକି ଉଭୟ ସରକାର ଓ ବିରୋଧିଦଳ ଏ ପ୍ରସଙ୍ଗରେ ନିରବ ରହି ଆସିଛନ୍ତି ସେଥିଘେନି ପରିବେଶପ୍ରେମୀମାନେ ପ୍ରଶ୍ନ ଉଠାଉଛନ୍ତି ।

ରାଜଧାନୀ ଭୁବନେଶ୍ୱରର ନାଳ ନର୍ଦ୍ଦମା ସମେତ ଅନ୍ୟ ବର୍ଜ୍ୟବସ୍ତୁ ଯେଭଳି ଗଙ୍ଗୁଆ ନାଳ ଦେଇ ଦୟାରେ ମିଶି ଏହାର ଶାଖାନଦୀଗୁଡିକ ସମେତ ଚିଲିକାକୁ ପ୍ରଦୂଷିତ କରୁଛି ତାହା ସମସ୍ତଙ୍କୁ ଜଣା । ବାରମ୍ବାର ରାଜ୍ୟ ବିଧାନସଭାରେ ସରକାର ସ୍ୱୀକାର କରି ଆସୁଛନ୍ତି ଯେ ରାଜ୍ୟର ଗୋଟିଏ ହେଲେ ନଦୀର ଜଳ ପାନୀୟ ଉପଯୋଗୀ କିମ୍ବା ପ୍ରଦୂଷଣମୁକ୍ତ ନୁହେଁ । ଏମିତିକି ବର୍ତ୍ତମାନ ଚର୍ଚ୍ଚାର ବଳୟରେ ଥିବା ଦୟାନଦୀର ଜଳ ବ୍ୟବହାର ଉପଯୋଗୀ ନୁହେଁ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତୀତରେ ସ୍ୱୀକାର କରିଛନ୍ତି ।

ମହାନଦୀ, ବ୍ରାହ୍ମଣୀ, ବୈତରଣୀ, କୁଶଭଦ୍ରା, ଋଷିକୂଲ୍ୟା, କୋଲାବ, ବୁଢ଼ାବଳଙ୍ଗ, କାଠଯୋଡ଼ି, ଦେବୀ, ବିରୂପା, ଗେଙ୍ଗୁଟି, ଭାର୍ଗବୀ, କୁଆଖାଇ, ସୋନ ସମେତ ରାଜ୍ୟର ସମସ୍ତ ନଦୀର ଜଳ ପ୍ରଦୂଷିତ ହେବାର ପ୍ରମୁଖ କାରଣ ହେଉଛି ଶିଳ୍ପାୟନ, ସହରୀକରଣ ଓ ଖଣିଜ ଉତ୍ତୋଳନ । ଏଥି ସହ କୀଟନାଶକ ଓ ରସାୟନିକ ସାରର ମଧ୍ୟ ବିଷାକ୍ତ ପ୍ରଭାବ ନଦୀ ଓ ହ୍ରଦର ଜଳଗୁଡିକରେ ବାରିହୋଇ ଯାଉଛି ।

ପରିବେଶବିତ୍‌ମାନେ କହୁଛନ୍ତି ଯେ ପ୍ରାକୃତି ଓ ମନୁଷ୍ୟକୃତ କାରଣରୁ ରାଜ୍ୟରେ ପ୍ରବାହିତ ନଦୀଗୁଡିକର ଜଳଧାରଣ କ୍ଷମତା କମିବା ସହ ଏହାର ସିଧାସଳଖ ପ୍ରଭାବ ଭୂତଳ ଜଳସ୍ତର ଏବଂ ଜଳସେଚନ ବ୍ୟବସ୍ଥା ଉପରେ ପଡୁଛି। ପ୍ରଦୂଷିତ ଜଳକୁ ଫସଲ ଉତ୍ପାଦନ ପାଇଁ ବ୍ୟବହାର କରିବା ଏବଂ ମଣିଷ ସମତେ ଅନ୍ୟ ଗୃହପାଳିତ ପଶୁ ଓ ଜୀବଜନ୍ତୁ ଏହା ସଂସ୍ପର୍ଶରେ ଆସି ବିପୁଳ କ୍ଷତିର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଉଦାରୀକରଣ, ଜଗତିକରଣ, ଶିଳ୍ପାୟନ, ଆଖିବୁଜା ଖଣି ଖନନ ସହିତ ଜଙ୍ଗଲ ସଫେଇ ଆଦି କାରଣ ଯୋଗୁଁ ଜଳ ସମ୍ପଦ ଏବେ ବିପଦ ଭିତରେ ରହିଥିବା ସେମାନେ ଦର୍ଶାଉଛନ୍ତି ।

କଣାସ ଅଞ୍ଚଳରେ ଦୟାନଦୀର ପ୍ରଦୂଷିତ ଜଳ ଯୋଗୁଁ ଉପୁଜୁଥିବା ସାଂଘାତିକ ସମସ୍ୟା ସାରା ଓଡିଶା ପାଇଁ ଚେତାବନୀ । ନିକଟ ଅତୀତରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଦୂଷିତ ଜଳ ଯୋଗୁଁ ଜଣ୍ଡିସ୍ ବ୍ୟାପିଥିବା ଘଟଣା ପରିବେଶବିତ୍‌ମାନଙ୍କ ମନରୁ ଲିଭିନଥିବାବେଳେ ନିଆଁରେ ଘିଅ ଢାଳିବା ଭଳି ଗଙ୍ଗୁଆ ଓ ଦୟା ପ୍ରଦୂଷଣ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି । କେବଳ ସେତିକି ନୁହେଁ, ଚିଲିକା ହ୍ରଦରେ ମିଶିଥିବା ୧୩ଟି ଯାକ ନଦୀନାଳର ଜଳ ପ୍ରଦୂଷିତ ହୋଇଥିବାରୁ ଏହାର ପ୍ରଭାବ ଏସିଆର ସର୍ବ ବୃହତ୍ତମ ଲବଣାକ୍ତ ହ୍ରଦ ଉପରେ ପଡିବା ସହ ଏହାର ମୁହାଣ ବାଟ ଦେଇ ପ୍ରଦୂଷିତ ଜଳ ସମୁଦ୍ରକୁ ଯାଉଥିବାରୁ ତାହା ମଧ୍ୟ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି । ଏସବୁ ସମସ୍ୟାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ଗଙ୍ଗୁଆ,ଦୟା ସମେତ ରାଜ୍ୟର ସମସ୍ତ ନଦୀର ଜଳ କିଭଳି ପ୍ରଦୂଷଣମୁକ୍ତ ହୋଇପାରିବ ଏବଂ ନଦୀଗୁଡିକ ଚିରସ୍ରୋତା ରହି ଚାଷ ଓ ଜନଜୀବନ ଉପରେ ସକରାତ୍ମକ ପ୍ରଭାବ ପକାଇବ ସେ କ୍ଷେତ୍ରରେ ସରକାର ଆଗେ ସଚେତନ ହୁଅନ୍ତୁ ଏବଂ ଏଥିଲାଗି ଜନ ସହଯୋଗ ଲୋଡନ୍ତୁ ବୋଲି ପରିବେଶପ୍ରେମୀମାନେ ଉଲ୍ଲେଖ କରୁଛନ୍ତି । (ତଥ୍ୟ)

# ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶକୁ ପ୍ରାଥମିକତା: ମନ୍ତ୍ରୀ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ) :** ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ତଥା ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ସୁଯୋଗ ଦେବା ସକାଶେ ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଫୁଟ୍‌ବଲ୍ ସଂଘ (ଫାଓ) ପକ୍ଷରୁ ମିଳିତ ଭାବେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୫ ବର୍ଷରୁ କମ୍ କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାର ପ୍ରଥମ ଚରଣରେ ରାଜ୍ୟର ୧୬ଟି ସ୍ଥାନରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଏହି ପ୍ରତିଯୋଗିତାର ଉଦ୍‌ଘାଟନ ଅବସରରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ହେଉଛି ଆମ ସରକାରଙ୍କ ଲକ୍ଷ୍ୟ। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନସିପ୍‌ର ଆୟୋଜନ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରାଯାଉଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତମାନେ ନିଶ୍ଚିତରୂପେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିଯୋଗିତା ପ୍ରାରମ୍ଭିକ ଚରଣ ବିଭିନ୍ନ ଜିଲ୍ଲାର କ୍ଲବମାନଙ୍କ ମଧ୍ୟରେ ଖେଳାଯିବ। ପରେ ଜିଲ୍ଲା ସ୍ତରରୁ ଚୟନ ହୋଇଥିବା ୩୧ଟି ଦଳକୁ ୪ଟି କ୍ଲଷ୍ଟରରେ ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯିବ।

SANCHAR
ସଂଚାର

୪ ଗୁରୁବାର ୨୩ ଜାନୁଆରୀ ୨୦୨୫, ଭୁବନେଶ୍ୱର
Thursday 23 January 2025 Bhubaneswar


# ଟ୍ରମ୍ପଙ୍କ ନାଳିଆଖି

ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଶପଥ ଗ୍ରହଣ କରିବାର ୨୪ ଘଣ୍ଟା ଭିତରେ ଅନେକ କଠୋର ନିଷ୍ପତ୍ତି ନେଇଛନ୍ତି ଯାହା ଅପ୍ରତ୍ୟାଶିତ ନୁହେଁ। ନିର୍ବାଚନ ପ୍ରଚାର ବେଳେ ସେ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ସେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପ୍ରଥମ ପାଳିର ଅଭିଜ୍ଞତା ତାଙ୍କୁ ଏଥିରେ ସହାୟତା କରିଛି। ନିର୍ବାଚନ ବେଳେ ଏବଂ ପରେ ସେ ଗୋଟିଏ କଥା କହିଆସୁଥିଲେ। ତାହା ହେଲା ଆମେରିକା ପ୍ରଥମ। ଅର୍ଥାତ ଆମେରିକାର ସ୍ୱାର୍ଥ ରକ୍ଷା ତାଙ୍କର ପ୍ରଥମ କର୍ତ୍ତବ୍ୟ ଏବଂ ଦାୟିତ୍ୱ। ଅନ୍ୟ କଥା ପରେ ଚିନ୍ତା କରାଯିବ। ରାଷ୍ଟ୍ରପତି ହେବା ପରେ ସେ ତତ୍କାଳ କେତେକ ପଦକ୍ଷେପ ନେଇଛନ୍ତି। ପ୍ରଥମ ଦିନ ସେ ଦେଶର ଦକ୍ଷିଣ ଭାଗରେ ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଲା ପଡ଼ୋଶୀ ଦେଶରୁ ଯେପରି ବେଆଇନ ଅନୁପ୍ରବେଶକୁ ରୋକାଯାଇପାରିବ। କାନାଡ଼ା ଓ ମେକ୍ସିକୋ ଭଳି ଦେଶରୁ ପ୍ରତି ବର୍ଷ ବହୁ ବ୍ୟକ୍ତି ଆମେରିକାରେ ଅନୁପ୍ରବେଶ କରୁଛନ୍ତି। ଏହା ଆମେରିକାର ଆର୍ଥିକ ଏବଂ ସାମାଜିକ ସ୍ଥିତିକୁ ପ୍ରଭାବିତ କରୁଛି। ସେ ଦୃଷ୍ଟିରୁ ଅନୁପ୍ରବେଶ ରୋକିବାକୁ ଟ୍ରମ୍ପଙ୍କ ଉଦ୍ୟମ ଯଥାର୍ଥ। ଏଥିରୁ ଭାରତ ସରକାର ଶିକ୍ଷା ଗ୍ରହଣ କରିବା ଉଚିତ। ସେହିପରି ଟ୍ରମ୍ପ ଆମେରିକାରେ ବେଆଇନ ଭାବେ ବସବାସ କରୁଥିବା ଅନ୍ୟ ଦେଶର ନାଗରିକଙ୍କୁ ଦେଶଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ୧୮ ହଜାର ଭାରତୀୟ। ସେହିପରି ଆମେରିକାରେ ଜନ୍ମ ନେଇଥିବା ପିଲାଙ୍କୁ ଆମେରିକାର ନାଗରିକତ୍ୱ ମିଳିବ ବୋଲି ଯେଉଁ ନିୟମ ରହିଛି ତାହାକୁ ଟ୍ରମ୍ପ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେବଳ ଆଇନଗତ ଭାବେ ଆମେରିକାରେ ବସବାସ କରୁଥିବା ବ୍ୟକ୍ତି ହିଁ ଆମେରିକାର ନାଗରିକତ୍ୱ ପାଇପାରିବ ବୋଲି ଟ୍ରମ୍ପ କହିଛନ୍ତି। ଏହା ମଧ୍ୟ ସ୍ୱାଗତଯୋଗ୍ୟ। କେବଳ ଆମେରିକା ନୁହେଁ, ସବୁ ଦେଶରେ ସମାନ ନିୟମ ଲାଗୁ ହେବା ଉଚିତ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ସ୍ୱର୍ଣ୍ଣିମ ଯୁଗ ଆରମ୍ଭ ହୋଇଛି। ଏହା ଏକ ଗୁରୁତ୍ୱହୀନ ରାଜନୈତିକ ବୟାନ। ସବୁ ଦେଶରେ ସବୁ ସମୟରେ ଯେଉଁମାନେ କ୍ଷମତାସୀନ ହୁଅନ୍ତି ସେମାନେ ସମସ୍ତେ ତାଙ୍କ ଶାସନ କାଳରେ ଦେଶ ସମୃଦ୍ଧିର ଚରମ ସୀମା ଛୁଇଁବ ବୋଲି କହିଥାଆନ୍ତି। ଏଥିରେ କିଛି ଅସ୍ୱାଭାବିକତା ନାହିଁ। କିନ୍ତୁ ଟ୍ରମ୍ପଙ୍କ ବୟାନ ଏକ ନୂଆ ସଙ୍କେତ ପ୍ରଦାନ କରୁଛି। ତାହା ହେଲା ଆଗାମୀ ୪ ବର୍ଷ ଭିତରେ ଆମେରିକାରେ ଅନେକ ପରିବର୍ତ୍ତନ ହେବ। ଟ୍ରମ୍ପ ତାଙ୍କ ପ୍ରଥମ ଅଭିଭାଷଣରେ ଦେଶରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ତାଙ୍କ ସରକାରର ପ୍ରଥମ କର୍ତ୍ତବ୍ୟ ହେବ ବୋଲି କହିଛନ୍ତି। ଗତ ୪ ବର୍ଷ ହେବ ଆମେରିକାରେ ମୁଦ୍ରାସ୍ଫୀତି ଅସ୍ୱାଭାବିକ ଭାବେ ବଢ଼ିଛି। ତେଣୁ ଦରବୃଦ୍ଧି ନିୟନ୍ତ୍ରଣକୁ ଟ୍ରମ୍ପଙ୍କ ଗୁରୁତ୍ୱ ଦେଇଛନ୍ତି। ଏହା ଜିଡିପି ବୃଦ୍ଧିରେ ସହାୟକ ହୋଇପାରିବ। ଟ୍ରମ୍ପ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ତାହା ହେଲା ଅନ୍ୟର ଯୁଦ୍ଧରେ ଆମେରିକା ହସ୍ତକ୍ଷେପ କରିବ ନାହିଁ ବା ମୁଣ୍ଡ ଖେଳାଇବ ନାହିଁ। ଅର୍ଥାତ ମଧ୍ୟପ୍ରାଚ୍ୟ ଏବଂ ଋଷିଆ-ୟୁକ୍ରେନ ଯୁଦ୍ଧରେ ଆମେରିକା ମୁଣ୍ଡ ଖେଳାଇବ ନାହିଁ ବା ହସ୍ତକ୍ଷେପ କରିବ ନାହିଁ। ଏହା ଗ୍ରହଣଯୋଗ୍ୟ ନୁହେଁ। ରାଷ୍ଟ୍ରପତି ହେବାର ପ୍ରଥମ ଦିନ ଟ୍ରମ୍ପ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରୁ ଆମେରିକା ଓହରିବା ଘୋଷଣା କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନକୁ ଆମେରିକା ସର୍ବାଧିକ ଅନୁଦାନ ପ୍ରଦାନ କରିଥାଏ। କିନ୍ତୁ କୋଭିଡ ମହାମାରୀ ବେଳେ ଏହା ଚୀନର ସମର୍ଥନରେ ବାହାରିଥିଲା ଏବଂ ଚୀନର ଦୋଷକୁ ଲୁଚାଇବା ପ୍ରୟାସ କରିଥିଲା। ଯଦି କୋଭିଡ ସମ୍ପର୍କରେ ଏହା ସଠିକ ସମୟରେ ସଠିକ ସୂଚନା ପ୍ରଦାନ କରିଥାଆନ୍ତା ତେବେ ଏତେ ବଡ଼ ମହାମାରୀ ହୋଇନଥାନ୍ତା। ଏହି ମହାମାରୀ ପାଇଁ ଟ୍ରମ୍ପ ୨୦୨୦ରେ ପରାଜିତ ହୋଇଥିଲେ। ତେଣୁ ଦ୍ୱିତୀୟ ଥର କ୍ଷମତାକୁ ଆସିବା ମାତ୍ରେ ସେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନରୁ ଆମେରିକା ଓହରିବା ନିଷ୍ପତ୍ତି ନେଇଛନ୍ତି। ସେହିପରି ପ୍ୟାରିସ ଜଳବାୟୁ ଚୁକ୍ତିରୁ ମଧ୍ୟ ଆମେରିକା ଓହରିଛି। ଏହା ଆମେରିକାର ସ୍ୱାର୍ଥ ରକ୍ଷା ଲାଗି ଉଦ୍ଦିଷ୍ଟ। ଏଥିରେ ଅନ୍ୟ କେହି ଆପତ୍ତି ଉଠାଇବା ଅନୁଚିତ। ଅନ୍ୟ ପକ୍ଷରେ ଟ୍ରମ୍ପ ଭାରତ, ଋଷିଆ, ବ୍ରାଜିଲ, ଚୀନ ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସଦସ୍ୟଭୁକ୍ତ ରାଷ୍ଟ୍ରମାନଙ୍କୁ ଚେତାବନୀ ଦେଇଛନ୍ତି ଯେ, ଯଦି ସେମାନେ ଅନ୍ତର୍ଜାତୀୟ ବାଣିଜ୍ୟ ଲାଗି ଡଲାରର ବିକଳ୍ପ ଚିନ୍ତା କରନ୍ତି ତେବେ ଆମେରିକା ଏହାକୁ ବରଦାସ୍ତ କରିବ ନାହିଁ ଏବଂ ସେହିସବୁ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୧୦୦% ଟାରିଫ ନିର୍ଦ୍ଧାରଣ କରାଯିବ। ଟ୍ରମ୍ପଙ୍କର ଏହି ଧମକ ବ୍ଲାକମେଲ ସହ ସମାନ। ବହୁ ବର୍ଷ ହେବ ବିଶ୍ୱରେ ଡଲାରର ରାଜୁତି ଚାଲୁଛି। ଏହାକୁ ଗ୍ରହଣ କରିବା, ନକରିବା ଅନ୍ୟ ଦେଶର ସ୍ୱାଧୀନତା। ଆମେ ଡଲାର ମାଧ୍ୟମରେ ବାଣିଜ୍ୟ କରିବୁ ଏଥିପାଇଁ ଆମକୁ କେହି ବାଧ କରିପାରିବେ ନାହିଁ। ଟ୍ରମ୍ପଙ୍କର ଏହି ଧମକ ଆମେରିକାର ଏକଚାଟିଆ ମନୋବୃତ୍ତିକୁ ପ୍ରମାଣିତ କରୁଛି। ଆଜି ନହେଲେ କାଲି ଡଲାରର ରାଜୁତି ଅନ୍ତ ହେବ। କାରଣ ସବୁ ଦିନ ସବୁ କଥା ସ୍ଥିର ରହେନି। ଦିନୋ ଦିନେ ଏଥିରେ ପରିବର୍ତ୍ତନ ହେବ। ଏହାକୁ ଗ୍ରହଣ କରିବାକୁ ପଡ଼ିବ। ଟ୍ରମ୍ପ ଯାହା କହୁଛନ୍ତି, ଯେଉଁ କଠୋର ନିଷ୍ପତ୍ତି ନେଉଛନ୍ତି ତାହା ଆମେରିକାର ସ୍ୱାର୍ଥ ସହ ଜଡ଼ିତ। ଟ୍ରମ୍ପ କେବଳ ଆମେରିକାର ରାଷ୍ଟ୍ରପତି ଭାବେ କଥା କହୁଛନ୍ତି। ବିଶ୍ୱନେତାଭାବେ ସେ କାର୍ଯ୍ୟ କରିବା ଉଚିତ। ସେ ମନେ ରଖିବା ଉଚିତ ଯେ, ତାଙ୍କର କାର୍ଯ୍ୟକାଳ ୪ ବର୍ଷରେ ସୀମିତ। ଦିନେ ତାଙ୍କର କାର୍ଯ୍ୟକାଳ ସରିବ। ହ୍ୱାଇଟ ହାଉସ ସେମିତି ରହିଥିବ, କେତେ ରାଷ୍ଟ୍ରପତି ଆସିବେ ଯିବେ। ତେଣୁ ନିଜ ସୀମିତ କ୍ଷମତା ଓ ପଦ ପାଇଁ ଅହଙ୍କାର ଗଦାପି ଗ୍ରହଣୀୟ ନୁହେଁ। ଟ୍ରମ୍ପ ଯାହା କରୁଛନ୍ତି ସେଥିରେ ଅନେକ ଆତଙ୍କିତ ହୋଇପଡ଼ିଛନ୍ତି। କାରଣ ସେମାନେ ଏଥିରେ ପ୍ରଭାବିତ ହୋଇପାରନ୍ତି। ତେଣୁ ଟ୍ରମ୍ପ ନିଜ ଦେଶର ସ୍ୱାର୍ଥ ରକ୍ଷା କରନ୍ତୁ କିନ୍ତୁ ଅଯଥା ଭୟ ଏବଂ ଆତଙ୍କ ସୃଷ୍ଟି ନକରନ୍ତୁ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଅନେକ ଭାରତୀୟ ଟ୍ରମ୍ପଙ୍କ ବିଜୟ କାମନା କରୁଥିଲେ। କାରଣ ପ୍ରଥମ ପାଳିରେ ଟ୍ରମ୍ପ ଏଭଳି କିଛି ନିଷ୍ପତ୍ତି ଏବଂ ପଦକ୍ଷେପ ନେଇଥିଲେ ଯାହା ଭାରତକୁ ସୁହାଇଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଟ୍ରମ୍ପଙ୍କର ଉତ୍ତମ ସମ୍ପର୍କ ରହିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ଆମେରିକା ନାଗରିକମାନେ ଟ୍ରମ୍ପଙ୍କୁ ସମର୍ଥନ କରିଥିଲେ। ତେଣୁ ଟ୍ରମ୍ପଙ୍କର ବିଜୟରେ ଭାରତ ଖୁସି ହେବା ସ୍ୱାଭାବିକ। କିନ୍ତୁ ଏବେ ଟ୍ରମ୍ପଙ୍କ ଆଭିମୁଖ୍ୟ ଦେଖି ଭାରତ ଚିନ୍ତିତ। ଆମେରିକାରେ ବେଆଇନ ଭାବେ ବସମାସ କରୁଥିବା ୧୮ ହଜାର ଭାରତୀୟ ସ୍ୱଦେଶ ଫେରିବେ। ଏହା ବଡ଼ କଥା ନୁହେଁ। କିନ୍ତୁ ଟ୍ରମ୍ପ ଚାହୁଁଛନ୍ତି ଆମେରିକା ସାମଗ୍ରୀ ଉପରେ ଭାରତ ଟାରିଫ ହ୍ରାସ କରୁ। ଏହା ଗ୍ରହଣୀୟ ହୋଇପାରେ। କିନ୍ତୁ ଭାରତ ସରକାର ଚାପରେ ପଡ଼ି କିଛି ନିଷ୍ପତ୍ତି ନିଅନ୍ତୁ ନାହିଁ। ଭାରତର ବିଶାଳ ବଜାର ବ୍ୟବସ୍ଥା ଉପରେ ଆମେରିକା ଅନେକାଂଶରେ ନିର୍ଭରଶୀଳ। ଭାରତକୁ ଅଣଦେଖା କରି ଆମେରିକାର ଅର୍ଥନୀତି ଆଗେଇ ପାରିବ ନାହିଁ। ଭାରତ ଯେତେବେଳେ ସବୁ କ୍ଷେତ୍ରରେ ନିଜକୁ ଆତ୍ମନିର୍ଭରଶୀଳ କରିବାକୁ ଉଦ୍ୟମ କରୁଛି ସେତେବେଳେ ଆମେରିକାର ନାଳିଆଖି ଆଗରେ କେବେ ବି ନଇଁବା ଅନୁଚିତ।

# ମୁକ୍ତିଯୋଦ୍ଧା-ନେତାଜୀ ସୁଭାଷ ବୋଷ

**ଦାଶରଥୀ ଶତପଥୀ**





ମାତୃଭୂମିର ସେବା କରିବା ପାଇଁ ଯେଉଁ କେତେଜଣ ଜାତୀୟ ବୀର ଜୀବନକୁ ଉତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅନ୍ୟତମ। ଜଣେ ମେଧାବୀ ଛାତ୍ର ହୋଇ ମଧ୍ୟ ଛାତ୍ର ଅବସ୍ଥାରୁ ସୁଭାଷ ବୋଷ ଇଂରେଜ ମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ। ଇଂରେଜ ସରକାରଙ୍କ ଭାରତବାସୀଙ୍କ ଉପରେ ଅକଥନୀୟ ନିର୍ମମ ଅତ୍ୟାଚାର ସର୍ବପରି ପିଲାଦିନୁ ଫିରିଙ୍ଗି ସରକାର ଖୁଦିରାମ ବୋଷଙ୍କୁ ଫାଶୀ ଦେବା, ହଜାର ହଜାର ସ୍ୱାଧୀନତା ସଂଗ୍ରାମୀଙ୍କୁ ଗିରଫ କରିବା, ପଂଜାବ ଜାଲିୱାନବାଗର ଗଣହତ୍ୟା ସମଗ୍ର ଦେଶରେ ଯେପରି ଶୋକର ଛାୟା ଖେଳାଇ ଦେଇଥିଲା ଏବଂ ଯେଉଁଥିରେ ଗାନ୍ଧିଜୀ ମର୍ମାହତ ହେବା ଘଟଣାକୁ ମର୍ମେ ମର୍ମେ ଅନୁଭବ କରି ସୁଭାଷ ବୋଷ ଇଂରେଜ ସରକାରଙ୍କ ଅଧୀନରେ ଗୋଲାମଗିରି କରିବା ଠିକ୍ ନୁହେଁ ବୋଲି ଚିନ୍ତା କରି ଶ୍ରୀ ବୋଷ ତାକୁ କାର୍ଯ୍ୟରେ ପରିଣତ କରିଥିଲେ। ଆଧାତ୍ମିକ ଚେତନାଧାରୀ ମହାନ ସ୍ୱଧୀନତା ସଂଗ୍ରାମୀ ଶ୍ରୀ ଅରବିନ୍ଦ ଘୋଷଙ୍କ ଆଦର୍ଶ ଓ ପ୍ରେରଣା, ଏଣେ ଫିରିଙ୍ଗିଙ୍କୁ ତଡିବା ପାଇଁ ଗାନ୍ଧିଜୀଙ୍କ ଡାକରା, ତାଙ୍କ (ସୁଭାଷଙ୍କ) ବଡ ଭାଇ ଭାରତକୁ ବେଡି ଶୃଙ୍ଖଳମୁକ୍ତ କରିବା ପରିପ୍ରେକ୍ଷୀରେ ତାଙ୍କୁ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ଚିଠି, ବିଲାତରୁ ଫେରିବା ବେଳେ ଜାହାଜରେ ବିଶ୍ୱଗୁରୁ ରବିନ୍ଦ୍ରନାଥ ଠାକୁରଙ୍କ ପରାମର୍ଶ, ଦେଶବନ୍ଧୁ ଚିତ୍ତରଂଜନ ସହ ଭେଟ ଓ ଆଳାପ ଆଲୋଚନା ତାଙ୍କୁ ପଦପଦବୀ ନୁହେଁ ବରଂ ଦେଶ ଓ ଜାତିର ସେବା ଶ୍ରେଷ୍ଠ ଧର୍ମ ବୋଲି ବିଚାର କରିନେଇଥିଲେ।

ଏହି ଅବିସ୍ମରଣୀୟ ବ୍ୟକ୍ତିତ୍ୱର ଜନ୍ମ ହୋଇଥିଲା ଓଡିଶା ମାଟିର ସଂସ୍କୃତି ସଂପନ୍ନ ଓ ଭାଇଚାରାର ସହର କଟକରେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ଯେଉଁଠି ତାଙ୍କର ବାଲ୍ୟ ଓ ଶୈଶବ କଟିଥିଲା ଏବଂ ରେଭେନ୍ସା କଲେଜିଏଟ୍ ସ୍କୁଲରେ ପଢିବା ବେଳେ ତାଙ୍କର କାର୍ଯ୍ୟକଳାପ ଉତ୍କଳ ଗୌରବ ମଧୁସୂଦନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପିଲାବେଳୁ ଆଧାତ୍ମିକ ଗୁରୁ ବିବେକାନନ୍ଦଙ୍କ ଦେଶପ୍ରେମ ତାଙ୍କ ଜୀବନରେ ଗଭୀର ରେଖାପାତ କରି ଆଜନ୍ମ ଦେଶପ୍ରେମୀ, ସଂଗ୍ରାମୀ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିଭାବେ ଗଢି ତୋଳିଥିଲା। ଜଣେ ସ୍ୱାଧୀନଚେତା ଓ ବିବେକୀ ମଣିଷ ଭାବରେ ବିଦେଶୀ ଶୃଙ୍ଖଳରୁ ଦେଶ ମାତୃକାକୁ ମୁକ୍ତ କରିବାକୁ ସେ ଯେମିତି ତତ୍ପର ହୋଇ ଉଠୁଥିଲେ ତାହା ଅନ୍ୟମାନଙ୍କୁ ଅନୁପ୍ରାଣୀତ କରୁଥିଲା। ପରାଧୀନତାର ବେଡି ଭିତରେ ରହି ଦୃଢ଼ଭାବେ ସଂଗ୍ରାମ ନ କଲେ ସ୍ୱାଧୀନତା ହାସଲ କରିହେବ ନାହିଁ, ଏହାକୁ ଜୋର ଜବରଦସ୍ତ ଛଡାଇ ଆଣିବାକୁ ପଡ଼ିବ, ମୋତେ ରକ୍ତ ଦିଅ, ମୁଁ ତମକୁ ସ୍ୱାଧୀନତା ଆଣିଦେବି, ନିଜର ଶକ୍ତି, ସାମର୍ଥ୍ୟ ବିନିମୟରେ ଆମେ ସ୍ୱାଧୀନତା ଲାଭ କରିବା। ଏହି ଉଦ୍ଦାମ ଗୁରୁଗମ୍ଭୀର ବାଣୀ ଥିଲା ସ୍ୱାଧୀନତା ସଂଗ୍ରାମର ଏକ ପ୍ରଜ୍ୱଳିତ ଅନିର୍ବାଣ ଦୀପଶିଖା ଦେଶମୁକ୍ତି ସଂଗ୍ରାମର ମହାନ ଯୋଦ୍ଧା, ସୁଭାଷ ବୋଷଙ୍କ ଉକ୍ତି, ଯିଏ କି ଦେଶପ୍ରେମ ଓ ଜାତିପ୍ରେମରେ ବିହ୍ୱଳିତ ହୋଇ ସମ୍ମାନସ୍ପଦ।.ଉ.ଛ.(ଆଇ.ସି.ଏସ) ପଦ ତ୍ୟାଗ କରି ଦେଶ ମାତୃକାର ସେବା ପାଇଁ ନିଜ ଜୀବନକୁ ସମର୍ପଣ କରିଦେଇଥିଲେ। ବାମପନ୍ଥୀ ଧାରାର ବିଶ୍ୱାସୀ ସୁଭାଷ ବୋଷ ସେତେବେଳେ ଗାନ୍ଧିଜୀଙ୍କ ନେତୃତ୍ୱରେ(୧୯୩୦) ଚାଲିଥିବା ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ୧୯୩୮ ରେ ସୁବାଷ ହରିପୁରଠାରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତିଭାବେ ମନୋନୀତ ହେଲେ। ୧୯୩୯ରେ ତ୍ରିପୁରାଠାରେ କଂଗ୍ରେସ ଅଧିଗବେଶନରେ ଗାନ୍ଧିଜୀଙ୍କ ଇଚ୍ଛା ବିରୁଦ୍ଧରେ ଛିଡା ହୋଇ ସଭାପତି ନିର୍ବାଚିତ ହେଲେ। ଗାନ୍ଧିଜୀ ଓ ତାଙ୍କ ସମର୍ଥକମାନେ ଥିଲେ ଦକ୍ଷିଣପନ୍ଥୀ ଅର୍ଥାତ ଅହିଂସା ଯୁଦ୍ଧରେ ବିଜୟୀ ହେବାରେ ବିଶ୍ୱାସୀ।ଉଭୟଙ୍କ ଭିତରେ ଭିନ୍ନ ଭିନ୍ନ ମତ, ଆଦର୍ଶ ଓ ନୀତି ପରିଲକ୍ଷିତ ହେଉଥିଲା ଯଦିଓ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା ସ୍ୱାଧୀନ ଭାରତ।ତେଣୁ ମତାନ୍ତର ଯୋଗୁଁ ସୁବାଷ ୧୯୩୯ରେ କଂଗ୍ରେସର ସଭାପତି ନିର୍ବାଚିତ ହୋଇ ମଧ୍ୟ ଗାନ୍ଧିବାଦୀମାନଙ୍କ ଚାପରେ ଇସ୍ତଫା ଦେଇ ଏକ ନୂଆ ଦଳ ଗଠନ କଲେ ଓ ଯାହାର ନାଁ ଫରୱାର୍ଡବ୍ଲକଥିଲା। ଏହାଥିଲା ଏକ ରାଜନୈତିକ ସଂଗଠନ, ଏଥିରେ ବହୁ କଂଗ୍ରେସର ବାମପନ୍ଥୀ ଚିନ୍ତାଧାରାର କର୍ମୀ ଏକାଠି ହେଲେ, ସେହିଦିନ ନେତାଜୀ ନିଜର ପ୍ରାଣର କଥା ଓ ପରାଧିନତାର ବ୍ୟଥାକୁ ଜନସମାଜ ଆଗରେ ପ୍ରକାଶ କରିଥିଲେ। ଭାବବିହ୍ୱଳ ହୋଇ କହିଥିଲେ ସ୍ୱାଧୀନତା ପାଇଁ ଚେଷ୍ଟା କରିବା ଏବଂ ଚେଷ୍ଟା କରି ବିଫଳ ହେବା ଏହା ସଂପୂର୍ଣ୍ଣ ଅଲଗା। ସ୍ୱାଧୀନତା ପାଇଁ ରକ୍ତାକ୍ତ ସଂଘର୍ଷ ଆମେ ଚାହୁଁନା, ଆବଶ୍ୟକ ପଡ଼ିଲେ ଏଥିରୁ ଆମେ ପଛାଇବା ନାହିଁ। ଏଥି ପାଇଁ ଆମକୁ ସଜାଗ ହେବାକୁ ପଡ଼ିବ। ଭାରତ ଚାହେଁ ଆଜାଦୀ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାରତର ସନ୍ତାନ। ଦେଶର ମୁକ୍ତି ସଂଗ୍ରାମସମସ୍ତଙ୍କକାମ୍ୟ। ଏହି ବାର୍ତ୍ତା ଦେଶସାରା ବୁଲି ପ୍ରଚାର କରି ଇଂରେଜମାନଙ୍କ ନଜର ବନ୍ଦୀରେ ରହିଲେ। ୧୯୪୦ରେ ସର୍ବଭାରତୀୟ ଫରୱାର୍ଡ ବ୍ଲକର ଦ୍ୱିତୀୟ ଅଧୀବେଶନରେ ଇଂରେଜ ସରକାର ଭାରତକୁ ତୁରନ୍ତ ସ୍ୱାଧୀନତା ଦେଉବୋଲି ଦାବୀ କରି ସେ ଗାନ୍ଧୀ, ଜୀନ୍ନା, ପଟେଲ, ଆବୁଲ କାଲାମଆଜାଦ ଆଦି ବଡ ବଡ ନେତାଙ୍କ ସହ ଆଲୋଚନା କଲେ କିନ୍ତୁ ଏହା ବେଶି ଫଳପ୍ରଦ ହୋଇପାରିଲା ନାହିଁ ସତ କିନ୍ତୁ ସୁଭାଷଙ୍କ ନେତୃତ୍ୱ ଓ ଦେଶପ୍ରୀତି ସ୍ୱାଧୀନତା ପାଇଁ ପ୍ରତିବଦ୍ଧତା ଓ ବାମପନ୍ଥୀ ଚିନ୍ତାଧାରା ଇଂରେଜମାନଙ୍କୁ ଆତଙ୍କିତ କରି ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ଭାରତରେ ରହି ସ୍ୱାଧୀନତା ସଂଗ୍ରାମକୁ ଆଗକୁ ନେବା ପାଇଁ ଯେତିକି ସାମର୍ଥ ଦରକାର ବିଦେଶରେ ରହି ତାହାଠାରୁ ଅଧିକ କାର୍ଯ୍ୟ କରିହେବ ଭାବି ବିଦେଶ ଯାତ୍ରା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ।

(୧୯୩୯ରୁ୧୯୪୫) ଦ୍ୱିତୀୟ ବିଶ୍ୱଯୁଦ୍ଧର ତାଣ୍ଡବ ଲୀଳା ଚାଲିଥିବାବେଳେ ସୁଭାଷ ବୋଷ ୧୯୪୧ ମସିହା ଜାନୁଆରୀ ୧୬ ତାରିଖ ମଧ୍ୟମ ରାତ୍ରୀରେ ଛଦ୍ମବେଶରେ ଭାରତରୁ ଆଫଗାନିସ୍ଥାନଓପରେ ଜର୍ମାନ ଯାଇ ସେଠାର ଶାସକ ହିଟଲରଙ୍କ ସହାୟତାରେ ବନ୍ଦୀ ଭାରତୀୟ ସୈନ୍ୟମାନଙ୍କୁ ନେଇ ଆଜାଦହିନ୍ଦ ଫୌଜଗଠନ କଲେ। ତାପରେ କେବଳ ଜର୍ମାନ ନୁହେଁ, ଜାପାନ, ଇଟାଲୀ ସହ ସଂପର୍କ ରଖିଲେ। ସେତେବେଳେ ଜର୍ମାନ, ଜାପାନ, ଇଟାଲି ଆକ୍ସିସ ପାୱାର ଥିବାବେଳେ ତାଙ୍କ ବିରୁଦ୍ଧରେ ମିତ୍ର ଶକ୍ତିଭାବେ ଆମେରିକା, ଇଂଲଣ୍ଡ, ରୁଷିଆ ବୃହତ ଶକ୍ତି ହୋଇ ରହିଥିଲେ। ସେତେବେଳେ ଜର୍ମାନରେ ନାଜିବାଦ, ଇଟାଲିରେ ଫାଶୀବାଦ, ହିଟଲର ପରି ଇଟାଲୀର ମୁଶୋଲିନ ଜଣେ ଏକଛତ୍ରବାଦୀ ଶାସକ ଥିଲେ। ଜର୍ମାନରୁ ଜାପାନ ଆସି ତାଙ୍କ ସରକାରଙ୍କ ସହାୟତାରେ ଭାରତୀୟ ନାଗରୀକଙ୍କୁ ତାଲିମ ଦେଲେ। ସେଠାରେ'ଆଜାଦହିନ୍ଦ ଫୌଜ'ଗଠନ କରି ଦିଲ୍ଲୀ ଚଲ୍ଲୋ ଡାକରା ଦେଇ ଭାରତ ଅଭିମୁଖେ ଯୁଦ୍ଧ ଯାତ୍ରା କଲେ। ଭାରତ ସୀମାରେ ପ୍ରବେଶ କରି ସେମାନେ ନାଗାଲାଣ୍ଡ ଅର୍ଥାତ କୋହିମା ଦଖଲ କରି ମଣିପୁର ରାଜଧାନୀ ଇମ୍ଫାଲକୁ ଘେରାଉ କଲେ ଓ ଭାରତ ମାଟିରେ ସ୍ୱାଧୀନତାର ପତାକା ଉଡାଇଲେ। ଏହି ସମୟରେ ଆମେରିକାର ପରମାଣୁ ବୋମା ଜାପାନର ହିରୋସୀମା ଓ ନାଗାସାକୀ ସହରରେ ଯଥାକ୍ରମେ ୧୯୪୫ ମସିହା ଅଗଷ୍ଟ୬ଓ୯ ତାରିଖରେ ନିକ୍ଷେପ କରାଗଲା, ଲକ୍ଷ ଲକ୍ଷ ଲୋକ ନିହତ ହେଲେ ଯାହାଫଳରେ ମିତ୍ରଶକ୍ତି ଦ୍ୱାରା ଜର୍ମାନ ଓ ଜାପାନ ପରାସ୍ତ ହୋଇ ଆତ୍ମସମର୍ପଣ କଲେ। ଜାପାନ ସରକାରଙ୍କର ସାହାଯ୍ୟ ଆଉ ମିଳିପାରିଲା ନାହିଁ। ମିତ୍ରଶକ୍ତି ଆଗରେ ନେତାଜୀ ତଥା ଆଜାଦ ହିନ୍ଦ ଫୌଜର ସମସ୍ତ ଆଶା ମଉଳିଗଲା ସତ କିନ୍ତୁ ତାଙ୍କର ନିର୍ଭୀକତା, ତ୍ୟାଗ, ନିଷ୍ଠା ଓ ସ୍ୱାଧୀନତା ସଂଗ୍ରାମର ବଳିଷ୍ଠ ପ୍ରଭାବ ଭାରତ ସେନାବାହାନୀଙ୍କ ଉପରେ ପଡ଼ିବାର ଦେଖି ଇଂରେଜ ସରକାର ଭାରତ ଛାଡି ପଳାଇଯିବାକୁ ପ୍ରସ୍ତୁତ ହୋଇଯାଇଥିଲେ। ଯାହାଫଳରେ ଏହାର ପରେ ପରେ ଭାରତ ସ୍ୱାଧୀନତା ଲାଭ କରିଥିଲା। ତାଙ୍କର ବିରାଟ ବ୍ୟକ୍ତିତ୍ୱ, ପ୍ରଗାଢ ଦେଶପ୍ରେମ ଭାରତୀୟମାନଙ୍କ ହୃଦୟରେ ଚିର ଦିନ ପାଇଁ ମନେ ରହିବ।


ସଚିବ, ଓଡିଶା ବିଧାନସଭା
ମୋବାଇଲ୍: ୯୪୩୮୦୮୧୭୧୩


# ବିପ୍ଲବୀ ନେତାଜୀ

**ଉମାଶଙ୍କର ପ୍ରସାଦ**



ସମଗ୍ର ଭାରତକୁ ଯେତେବେଳେ ପରାଧିନତାର ରାହୁ ଗ୍ରାସ କରିଥିଲା, ସେହିସମୟରେ ଆଜାଦ୍ ହିନ୍ଦ୍ ଫୌଜ୍ ଗଠନ କରି ବ୍ରିଟିଶ୍ ଶାସକଙ୍କ ବିରୁଦ୍ଧରେ ରଣହୁଙ୍କାର ଦେଇ ଭାରତୀୟମାନଙ୍କ ହୃଦୟରେ ଏକ ବୈପ୍ଳବିକ ସଂଗ୍ରାମର ଆହ୍ୱାନ ଦୃଢ଼ିଭୂତ କରି ଭାରତର ମୁକ୍ତିକାମୀ ଭାରତୀୟମାନଙ୍କ ମନରେ ଏକ ଅଭୁତପୂର୍ବ ଉନ୍ମାଦନା ଓ ଦେଶ ପ୍ରେମର ରୋମାଞ୍ଚକର ପ୍ରେରଣା ସୃଷ୍ଟି କରିଥିବା ମୁକ୍ତି ଯୁଦ୍ଧର ସେନାପତି ଥିଲେ ନେତାଜୀ ସୁବାଷ ଚନ୍ଦ୍ର ବୋଷ। ସ୍ୱର୍ଣ୍ଣପ୍ରସୁ ଉତ୍କଳ ଜନନୀର ଜଣେ ବୀରପୁତ୍ର ଭାବରେ ଏହି ଆମରି କଟକ ସହରର ଓଡ଼ିଆବଜାରରେ ଜନ୍ମଗ୍ରହଣ କରିଥିଲେ ୧୮୯୭ ମସିହା ଜାନୁଆରି ୨୩ ତାରିଖରେ। ବାପା ଜାନକୀନାଥ ବୋଷ କଟକର ଜଣେ ଖ୍ୟାତନାମା ଓକିଲ ଥିଲେ ଓ ମାତା ପ୍ରଭାବତୀ ଦେବୀ ଥିଲେ ଜଣେ ଧର୍ମପରାୟଣ ମହିଳା। କୃତି ପିତାର କୃତି ସନ୍ତାନ ଭାବେ ତାଙ୍କ ସ୍ଥାନ ଥିଲା ନବମରେ। ଗାନ୍ଧିଜୀ ଥିଲେ ଅହିଂସା ସତ୍ୟାଗ୍ରହର କର୍ଣ୍ଣଧାର ମାତ୍ର ନେତାଜୀ ସୁବାଷ ବୋଷ ଥିଲେ ସଶସ୍ତ୍ର ମୁକ୍ତି ସଂଗ୍ରାମର କର୍ଣ୍ଣଧାର। ସେ ମୁକ୍ତି ସଂଗ୍ରାମ ହେଉଛି ସାମ୍ରାଜ୍ୟବାଦୀ ବ୍ରିଟିଶ୍ ସରକାର ବିରୁଦ୍ଧରେ ସଶସ୍ତ୍ର ଯୁଦ୍ଧ ଘୋଷଣା। ବ୍ରିଟିଶ ଶାସକ ଗୋଷ୍ଠୀମଧ୍ୟରେ ନେତାଜୀ ସୁବାଷ ବୋଷ ଜର୍ମାନୀ ରହଣି କାଳ ମଧ୍ୟରେ ପ୍ରଥମ ଥର ପାଇଁ ସାମ୍ରାଜ୍ୟବାଦୀ ବ୍ରିଟିଶ ମଧ୍ୟରେ ଯେଉଁ ଭୟ ଓ ଆତଙ୍କ ସୃଷ୍ଟି କରିଥିଲେ, ତାହାର ପ୍ରଥମ ଆଭାସ ଶୁଣିବାକୁ ମିଳିଥିଲା ସିଙ୍ଗାପୁର ପତନ ପରେ ୧୯୪୨ ଫେବୃଆରୀରେ। ଜର୍ମାନୀରୁ ଆଜାଦ୍ ହିନ୍ଦୁ ର ଏକ ସ୍ୱତନ୍ତ୍ର ବେତାର ଭାଷଣରୁ ସେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଭାରତର ମୁକ୍ତିର ସମୟ ଆସି ପହଞ୍ଚିଛି। ଦୀର୍ଘ ଦିନ ଧରି ଯେଉଁ ଦାସତ୍ୱର ଶୃଙ୍ଖଳରେ ଆମ୍ଭେମାନେ ବନ୍ଧା ହୋଇଛୁ, ଭାରତ ଆଜି ଜାଗ୍ରତ ହୋଇ ତାକୁ ଭାଙ୍ଗିଦେବ। ଭାରତର ମୁକ୍ତି ମାଧ୍ୟମରେ ଏସିଆ ଏବଂ ସମଗ୍ର ବିଶ୍ୱ ମାନବ ଜାତି ମୁକ୍ତି ପଥରେ ଆଗେଇ ଯିବ।

୧୯୪୧ ମସିହା ଶେଷ ଆଡ଼କୁ ନେତାଜୀ ତାଙ୍କର ଅସୀମ ଆତ୍ମବିଶ୍ୱାସ ଓ ସାହସିକତାର ବଳରେ ଜର୍ମାନୀର ନାମୀ ନେତା ହିଟଲରଙ୍କ ସହ ସାକ୍ଷାତ କରି ଜର୍ମାନୀ ସରକାରଙ୍କ ସହ କୁଟନୈତିକ ସମ୍ପର୍କ ସ୍ଥାପନ କରି 'ମୁକ୍ତ ଭାରତ ସେଣ୍ଟର' ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ। ସେ ଆଜାଦ୍ ହିନ୍ଦୁ ରେଡ଼ିଓ, ନ୍ୟାସନାଲ କଂଗ୍ରେସ ରେଡ଼ିଓ ଓ ଆଜାଦ୍ ମୁସଲିମ୍ ରେଡ଼ିଓ ମାଧ୍ୟମରେ ଭାରତର ପୂର୍ଣ୍ଣ ସ୍ୱାଧୀନତା ପାଇଁ ବେତାର ପ୍ରଚାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଜର୍ମାନୀରେ ଉତ୍ତର ଆଫ୍ରିକାରୁ ଆସିଥିବା ଯୁଦ୍ଧବନ୍ଦୀ ମାନଙ୍କୁ ନେଇ ଭାରତୀୟ ଜାତୀୟ ସୈନ୍ୟ ବାହିନୀ ଗଠନ କରି ତାଙ୍କ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବା ସହ ମୁକ୍ତ ଭାରତ ସେଣ୍ଟର କାର୍ଯ୍ୟକଳାପକୁ ସମଗ୍ର ଇଉରୋପରେ ସମନ୍ୱିତ କରିବାରେ ଯେଉଁ ଦୁଃସାହାସିକ ପଦକ୍ଷେପ ଗ୍ରହଣ କରିଥିଲେ ସେ ଆଉ କେହି ନୁହନ୍ତି ନିର୍ଭିକ ପୁରୁଷ କଟକର ସିଂହ ଛୁଆ ନେତାଜୀ ସୁବାଷ ଚନ୍ଦ୍ର ବୋଷ। ମହାନଦୀ କୂଳରେ ବସି ସୁବାଷ ଦେଖୁଥିଲେ ସୁଦୂର ଦିଗନ୍ତର ସ୍ୱପ୍ନ, ବିପ୍ଳବୀ ସ୍ୱାଧୀନତା ସଂଗ୍ରାମର ସ୍ୱପ୍ନ। ୧୮୯୭ ରୁ ୧୯୧୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୬ ବର୍ଷ କଟକରେ ରହି ପାଠପଢ଼ିବା ସମୟରେ ବହୁ ଓଡ଼ିଆ ସତୀର୍ଥ ମାନଙ୍କସହ ଏକ ହାର୍ଦ୍ଦିକ ପରିବେଶ ମଧ୍ୟରେ ଜଣେ ଆଦର୍ଶ ବନ୍ଧୁବତ୍ସଳ ଛାତ୍ରଭାବରେ ନିଜକୁ ଗଢ଼ିଥିଲେ। ରେଭେନ୍ସା କଲିଜିଏଟ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୀମାଧବଙ୍କ ବ୍ୟକ୍ତିତ୍ୱ, ଜ୍ଞାନ ଓ ନୈତିକମୂଲ୍ୟବୋଧ ସୁବାଷଙ୍କ କିଶୋର ମନ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେ ନିଜେ ଆଦର୍ଶ ଶିକ୍ଷକ ବେଣୀମାଧବଙ୍କ ସମ୍ପର୍କରେ ତାଙ୍କ ଆତ୍ମ ଜୀବନୀ **An Indian Pilagrim- An unfinished Autobiography** ପୁସ୍ତକରେ ଲେଖିଛନ୍ତି- **" I secretly said to myself that if I wanted an ideal for my life, it should be to emulate him "**

ଓଡ଼ିଶାର ଗୌରବାବହ ସାଂସ୍କୃତିକ ପରମ୍ପରା ଓଡ଼ିଆ ଜାତିର ବୀରତ୍ୱ, ଓଡ଼ିଶାର କଳା ସ୍ଥାପତ୍ୟ ଓ ଜଗନ୍ନାଥ ଧର୍ମ ସୁବାଷଙ୍କ କିଶୋର ମନକୁ ଯେ ଗଭୀର ଭାବରେ ଆଲୋଡ଼ିତ କରିଥିଲା, ତାହା ତାଙ୍କର ଆତ୍ମଜୀବନୀରେ ଲେଖି ଯାଇଛନ୍ତି। ଏହି ବିଷୟ ପ୍ରତ୍ୟେକ ଓଡ଼ିଆ ଜାଣିବା ଉଚିତ୍। ସୁବାଷ ବୋଷ ତାଙ୍କ ଆତ୍ମ ଜୀବନୀରେ ଲେଖି ଯାଇଛନ୍ତି- **"Cuttack had an importance of own owing to a veriety of factors. It had an unbroken tradition since the days of the early Hindu kings of Kalinga. It was defacto capital of Orissa which could boast to such a famous place of pilgrimage as Puri's such glorious art relics as those of Konark, Bhubaneswar and Udayagiri."**

ବିଶ୍ୱ ଇତିହାସର ତୁଙ୍ଗ ନେତା ମେଜିନି, ଗେରିବ୍ଲଡ଼ି, ଅପତୁର୍କୀ, କାମଲପାଶାରଙ୍କ ଆଦର୍ଶ ତାଙ୍କୁ ପ୍ରଭାବିତ କରିଥିଲା। ତାଙ୍କର ଯୁକ୍ତି ଥିଲା ଇଂରେଜଶାସକମାନଙ୍କର ଗୋଲାମ ହେବା ଅପେକ୍ଷା ଭାରତର ସ୍ୱାଧୀନତା ଓ ଅର୍ଥନୈତିକ ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ଶ୍ରେୟସ୍କର। ତାଙ୍କର କାର୍ଯ୍ୟକ୍ଷେତ୍ର ସମଗ୍ର ଭାରତବର୍ଷ ଓ ପରେ ସମଗ୍ର ବିଶ୍ୱକୁ ବ୍ୟାପିଥିବା ବେଳେ ସେ ଓଡ଼ିଶାର ମାଟି ପବନକୁ କେବେ ଭୂଲି ନଥିଲେ। ୧୯୩୮ ମସିହାରେ ନେତାଜୀ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେବା ପରେ ଯେଉଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କଲେ ସେଥିରେ ଓଡ଼ିଶାର ଯୁବ ନେତୃତ୍ୱ ହରେକୃଷ୍ଣ ମହତାବଙ୍କୁ ସଦସ୍ୟ ରୂପେ ମନୋନୀତ କରିଥିଲେ। ୧୯୪୧ ମାର୍ଚ୍ଚ ୨୯ ତାରିଖରେ ଜର୍ମାନୀର ଚାନ୍ସିଲର ହିଟଲରଙ୍କ ସହ ସାକ୍ଷାତ କରି ବର୍ଲିନରେ ରହି ଭାରତୀୟ ସୈନ୍ୟମାନଙ୍କୁ ନେଇ ଗଠନ କଲେ ଭାରତୀୟ ମୁକ୍ତି ବାହିନୀ। ସେତେବେଳେ ସୁବାଷ ବୋଷଙ୍କ ଆଜାଦ୍ ହିନ୍ଦ୍ ରେଡ଼ିଓରୁ ଭାରତୀୟମାନଙ୍କ ମନରେ ସୃଷ୍ଟି କଲା ନୂତନ ଉନ୍ମାଦନା। ଏକ ଉଗ୍ର ଜାତୀୟତାବୋଧରେ, କାଶ୍ମୀରରୁ କନ୍ୟାକୁମାରୀ ଯାଏଁ, ମାନସିକ ସ୍ତରରେ ସ୍ୱାଧୀନତା ସଂଗ୍ରାମୀମାନେ ପ୍ରସ୍ତୁତ ହୋଇଗଲେ ଭାରତଛାଡ଼ ଆନ୍ଦୋଳନ ଆଡ଼କୁ। ଭାରତ ମୁକ୍ତି ସଂଗ୍ରାମକୁ ତୀବ୍ରତର କରିବା ପାଇଁ ସୁବାଷ ତତ୍କାଳୀନ ଜାପାନର ପ୍ରଧାନମନ୍ତ୍ରୀ ତୋଜୋଙ୍କ ସହ ସମ୍ପର୍କ ସ୍ଥାପନ କଲେ ଓ ୧୯୪୩ ଜୁନ୍ ୧୩ ତାରିଖରେ, ଟୋକିଓରେ ପହଞ୍ଚିଲେ। ସୁବାଷଙ୍କ ବର୍ଲିନରୁ ଟୋକିଓ ଯାତ୍ରା ମଧ୍ୟ ରୋମାଞ୍ଚକର ଥିଲା। ସୁବାଷ ବୋଷଙ୍କ ଦୁଃସାହସ ଓ ବୈପ୍ଳବିକ ମନୋଭାବ କଥା ଭାବିଲେ ବିସ୍ମିତ ହେବାକୁ ପଡ଼େ। ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ଆଧାତ୍ମିକ ଚିନ୍ତାଧାରାରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ କଲିଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ବେଣୀମାଧବଙ୍କ ସେଇ ପ୍ରଥମ ନୈତିକ ଶିକ୍ଷା ତାଙ୍କୁ ଦେଇଥିଲା ଆତ୍ମବଳ। ସେ ମୂଲ୍ୟବୋଧ ଥିଲା " ଦେଶମାତୃକା ପୀଠରେ ଜୀବନୋତ୍ସର୍ଗ ହିଁ ଶ୍ରେଷ୍ଠ ମୂଲ୍ୟବୋଧ"। ପଶୁବଳ, କ୍ଷମତା, ଧନଲୋଭ ଓ ଐଶ୍ୱର୍ଯ୍ୟ ସୁଖ ଏସବୁ ଜୀବନରେ ତୁଚ୍ଛ। ଏହି ଜୀବନାଦର୍ଶ ସୁବାଷ ବୋଷଙ୍କୁ ଦେଇଥିଲା ସାଲିସବିହୀନ ସଂଗ୍ରାମୀ ମନୋଭାବ। "ଦିଲ୍ଲୀ ଚାଲୋ ଦିଲ୍ଲୀ ଚାଲୋ" ରଣହୁଙ୍କାର ଓ ନେତାଜୀଙ୍କ ଉଦ୍‌ବୋଧନ ଦେଶବାସୀଙ୍କୁ " ତୁମେମାନେ ରକ୍ତ ଦିଅ, ମୁଁ ତୁମମାନଙ୍କୁ ସ୍ୱାଧୀନତା ଦେବୀ" ଏହି ବଜ୍ର ଘୋଷଣା ବିଲାତର ତତ୍କାଳୀନ ବ୍ରିଟିଶ ଶାସକମାନଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି କରିଥିଲା। ଭାରତରେ ବ୍ରିଟିଶ ସରକାରଙ୍କ ଅଧୀନରେ ଯୁଦ୍ଧରତ ଭାରତୀୟ ସୈନ୍ୟମାନଙ୍କ ମଧ୍ୟରେ ବୈପ୍ଳବର ସ୍ୱର ଶୁଣାଯାଇଥିଲା।

ଦେଶ ଭିତରେ ଅସହଯୋଗ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନର ନିଆଁ ଜଳୁଥିଲା ବେଳେ ପୂର୍ବ ସୀମାନ୍ତରେ ଆଜାଦ୍ ହିନ୍ଦ୍ ବାହିନୀର ' ଦିଲ୍ଲୀ ଚାଲୋ' ରଣହୁଙ୍କାର ବ୍ରିଟିଶ ସାମ୍ରାଜ୍ୟବାଦ ପ୍ରାସାଦର ମୂଳଦୁଆକୁ ଯେ ଦୋହାଲାଇ ଦେଇଥିଲା, ଏହା ହିଁ ଐତିହାସିକ ସତ୍ୟ। ଶେଷରେ ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ପାର୍ଲିଆମେଣ୍ଟ ଭାରତକୁ ସ୍ୱାଧୀନତା ଦେବାକୁ ବାଧ ହେଲେ। ତେଣୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସାଫଲ୍ୟ ପଛରେ ଗାନ୍ଧିଜୀଙ୍କ ' ଅହିଂସା ସତ୍ୟାଗ୍ରହ' ହିଁ ମୂଳ କାରଣ ହେଲେ ମଧ୍ୟ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜ୍‌ର ଯୁଦ୍ଧ ଘୋଷଣା ଓ କୋହିମାଠାରେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଉତ୍ତୋଳନ ମାନସିକ ସ୍ତରରେ ବ୍ରିଟିଶ ସାମ୍ରାଜ୍ୟବାଦର ଅହଙ୍କାରକୁ ଧ୍ୱଂସ କରି ଦେଇଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ ୧୯୪୭ ଅଗଷ୍ଟ ୧୫ ତାରିଖ ଭାରତର ସ୍ୱାଧୀନତାର ସ୍ୱାଦ ଉପଲବ୍ଧି କରିବାକୁ ନେତାଜୀ ନଥିଲେ। ମାତ୍ର ତାଙ୍କର ଅମର ଆତ୍ମା ସ୍ୱର୍ଗରେ ରହି ଦେଶବାସୀଙ୍କୁ ଦେଶପ୍ରେମର ଅଗ୍ନି ପ୍ରଜ୍ୱଳିତ କରି ଦେଶମାତୃକାର ପରିଚୟ ଦେବାକୁ ଆଜି ବି ଆହ୍ୱାନ କରୁଛି। ସେହି ମହାନ୍ ସ୍ୱାଧୀନଭାରତର ଦିଗଦର୍ଶକ, ଅଗ୍ନି ସ୍ଫୁଲିଙ୍ଗଙ୍କ ପ୍ରତି ମାର୍ଗଦର୍ଶୀର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଜୟ ହିନ୍ଦ୍


ଭଗତ ଲେନ୍, ମେନ୍ ରୋଡ଼, ଖୋର୍ଦ୍ଧା


# ନେତାଜୀ ସୁଭାଷ ଓ କଟକର ସଚ୍ଚିଦାନନ୍ଦ ମଠ

**ବାଦଲ ଭୂୟାଁ**



ଛାତ୍ର ଜୀବନରୁ ରାଜନୈତିକ ସଂଘର୍ଷ ଓ ସ୍ୱାଧୀନତା ସଂଗ୍ରାମ ସବୁଠି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତି କଟକ ସହିତ ଜଡ଼ିତ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୧ରୁ ନେତାଜୀଙ୍କ ଜନ୍ମ ଦିବସ ତଥା ଜାନୁଆରୀ ୨୩କୁ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି। ପ୍ରଥମେ ଏହାକୁ କୋଲକାତା ଓ ପରେ ଲାଲକିଲ୍ଲାରେ ଆୟୋଜନ କରାଯାଉଥିଲା। ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବାରବାଟୀ ଦୁର୍ଗ ମଧ୍ୟରେ ଥିବା ସତ୍ୟବ୍ରତ ଷ୍ଟାଡିୟମରେ ଏହା ପାଳନ ହୋଇଥିଲା। କହିବାକୁଗଲେ ନେତାଜୀଙ୍କ ପରିଚୟ ପ୍ରଦାନରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ କାରଣ ସେ କେବଳ କଟକ, ଓଡ଼ିଶା ବା କୋଲକାତା ଭିତରେ ସୀମିତ ରହିନଥିଲେ। ସେ ଥିଲେ ଦେଶର ସମ୍ପତ୍ତି। ଏକ ବିଶ୍ୱବ୍ୟାପ୍ତ ବ୍ୟକ୍ତିତ୍ୱ। ଚଳିତ ବର୍ଷ ନେତାଜୀଙ୍କ ୧୨୫ତମ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନରେ ଓଡ଼ିଶା ସରକାର ଆଗୁଆ ରହି ନେତାଜୀଙ୍କ ସ୍ମୃତିରକ୍ଷା ପାଇଁ ଅନେକ ପ୍ରକଳ୍ପ ହାତକୁ ନେଇଛନ୍ତି। ନେତାଜୀ ଜୟନ୍ତୀ ଅବସରରେ ଏକ ଅନାଲୋଚିତ ତଥ୍ୟ ଭାବେ ଖୋଦ କଟକ ସହରର ଏକ ମଠରେ ତାଙ୍କ ବାଲ୍ୟ ସ୍ମୃତିର ପାରିବାରିକ ଘଟଣାବଳୀ ମୁକସାକ୍ଷୀ ହୋଇରହିଛି। ଏହି ଲେଖକ ଅତି ବିନମ୍ର ଭାବେ ସେହି ଅପାସୋରା ସ୍ମୃତିକୁ ଉପସ୍ଥାପନ କରୁଛି।

ଯୁଗେ ଯୁଗେ ମୁନି, ଋଷିଗଣ ଆଧାତ୍ମମାର୍ଗରେ ଦେଶ ପରିଚାଳନା ପାଇଁ ପ୍ରଚେଷ୍ଟା କରିଆସିଛନ୍ତି। ତେଣୁ ପିଲାଦିନୁ ନେତାଜୀ ସୁଭାଷ ବୋଷ ଆଧାତ୍ମବାଦ ଆଡ଼କୁ ଆକର୍ଷିତ ହେବା ସ୍ୱାଭାବିକ ଥିଲା। ସେ ପ୍ରତିଦିନ ଗୀତା ପଢ଼ିବା ସହ ମା'ଙ୍କଠାରୁ ରାମାୟଣ, ମହାଭାରତ କଥା ଶୁଣୁଥିଲେ। ବାପାଙ୍କ ସହ ସେ ସଚ୍ଚିଦାନନ୍ଦ ମଠକୁ ଯାଉଥିଲେ। ନେତାଜୀଙ୍କ ପିଲାଦିନରେ ଏହି ଆଧାତ୍ମବାଦର ମୂକସାକ୍ଷୀ ହୋଇଛି କଟକ ବାଉଁଶଗଳିସ୍ଥିତ ସଚ୍ଚିଦାନନ୍ଦ ମଠ। ମଠର ପ୍ରତିଷ୍ଠାତା ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କ ବନ୍ଦେଧଇ ଫଟୋ ମଠ ପକ୍ଷରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ପ୍ରଦାନ କରାଯାଇଛି। ଯାହାକି ସଂଗ୍ରହାଳୟର ୧୦ ନମ୍ବର ଗ୍ୟାଲେରୀରେ ଏହି ଫଟୋ ସ୍ଥାନିତ ହୋଇଛି। ବିଶ୍ୱବ୍ୟାପୀ ଗୌଡ଼ୀୟ ମଠ ପ୍ରତିଷ୍ଠାତା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଘର କେନ୍ଦ୍ରାପଡ଼ା ନିକଟ ଛୋଟିମଙ୍ଗଳପୁର ଗ୍ରାମରେ। ସରସ୍ୱତୀ ଗୋସ୍ୱାମୀ ପ୍ରଥମେ କଟକର ଗଣେଶଘାଟ ଓ ପରେ ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଘର ନିକଟସ୍ଥ ଏକ ଭଡ଼ାଘରେ ସଚ୍ଚିଦାନନ୍ଦ ମଠ ସ୍ଥାପନ କରିଥିଲେ। ଗୌଡ଼ୀୟ ମଠରେ ବରିଷ୍ଠ ସନ୍ନ୍ୟାସୀ ଭକ୍ତିପ୍ରଦୀପ ତୀର୍ଥ ମହାରାଜ ଓ ରେଭେନ୍ସା କଲେଜର ତତ୍କାଳୀନ ବରିଷ୍ଠ ଇତିହାସ ଅଧ୍ୟାପକ ନିଶିକାନ୍ତ ସାନ୍ୟାଲ (ସୁଧାକର ପଣ୍ଡା) ପ୍ରମୁଖ ଜାନକୀନାଥ ବୋଷ ନେତାଜୀଙ୍କ ପିତାଙ୍କ ଘରକୁ ଭିକ୍ଷାର୍ଥେ ଯିବା ଆସିବା କରୁଥିଲେ। ଜାନକୀନାଥ ବାବୁ ସଚ୍ଚିଦାନନ୍ଦ ମଠରେ ଠାକୁର ଓ ସାଧୁ ବୈଷ୍ଣବଙ୍କ ସେବା ପାଇଁ ପ୍ରତି ମାସରେ ୧୩୦୦ ଟଙ୍କା ପ୍ରଦାନ କରୁଥିଲେ। ମଠରେ ଶ୍ରୀଗୌରହରି ଓ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ବିନୋଦ ରମଣଙ୍କୁ ଆରାଧନା କରାଯାଉଥିଲା। ସକାଳ ସନ୍ଧ୍ୟାରେ ମଧୁର ସଂକୀର୍ତ୍ତନ ଓ ଭକ୍ତ ଗ୍ରନ୍ଥାଦି ପାଠବ୍ୟାଖ୍ୟା ହୁଏ। ସେତେବେଳେ ସଚ୍ଚିଦାନନ୍ଦ ମଠକୁ ଅନେକେ ବୈକୁଣ୍ଠ ବୋଲି ବର୍ଣ୍ଣନା କରୁଥିଲେ। ବାପା ଜାନକୀନାଥଙ୍କ ସହ ସୁଭାଷ ପିଲାଦିନେ ବହୁବାର ସନ୍ଧ୍ୟାରେ ମଠକୁ ଯାଉଥିଲେ। ପରେ ଏହି ମଠ ବାଉଁଶଗଳିରେ ସ୍ଥାୟୀ ଜମିକୁ ସ୍ଥାନାନ୍ତର ହେଲା। ସେଠାରେ ମନ୍ଦିର ନିର୍ମାଣ ହୋଇ ଶ୍ରୀବିଗ୍ରହମାନଙ୍କୁ ସ୍ଥାପନ କରାଯାଇଥିଲା। ପତ୍ରିକା ଅନୁଷ୍ଠାନର ମୁଖଦର୍ପଣ ପରି। ତେଣୁ ୧୯୩୨ରୁ ଓଡ଼ିଆ ପତ୍ରିକା 'ପରମାର୍ଥୀ' ପ୍ରକାଶ ଆରମ୍ଭ ହୋଇଥିଲା। ଏହି ପତ୍ରିକାରେ ପ୍ରାକ୍ତନ ସମ୍ପାଦକ ଯତିଶେଖର ଭକ୍ତିଶାସ୍ତ୍ରୀ ଉପରୋକ୍ତ ବିଷୟରେ ଉଲ୍ଲେଖ କରିଛନ୍ତି। ଜାନକୀନାଥ ଆମିଷାଦି ତ୍ୟାଗ କରି ସଦାଚାର ଜୀବନଯାପନ କରୁଥିଲେ। ଏଥିସହ ଶ୍ରୀଗୌରଙ୍କ ଜନ୍ମସ୍ଥଳୀ ନବଦ୍ୱୀପର ଯୋଗପୀଠ ମନ୍ଦିର ମଧ୍ୟ ଦର୍ଶନ କରୁଥିଲେ। ପିତାଙ୍କ ଏସବୁ ଆଧାତ୍ମିକ କାର୍ଯ୍ୟାବଳୀ ତଥା ମାନସିକତାର ପ୍ରଭାବ ସୁଭାଷଙ୍କ ଉପରେ ପଡ଼ିଥିଲା। କଟକ ରେଭେନ୍ସା କଲିଜିଏଟ ସ୍କୁଲରେ ପଢ଼ିବାବେଳେ ବାବାଜୀ ମହାରାଜଙ୍କ ପାଖକୁ ଯାଇ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଲୀଳା ଶୁଣୁଥିଲେ। ଏହାଦ୍ୱାରା ସୁଭାଷଙ୍କ ମନରେ ଶ୍ରୀଚୈତନ୍ୟ ଦେବଙ୍କ ପ୍ରତି ଶ୍ରଦ୍ଧାଭାବ ଜାଗରିତ ହୋଇଥିଲା। ଥରେ ନେତାଜୀ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହ କଲିକତା ଗୌଡ଼ୀୟ ମଠକୁ ଆସି ଶ୍ରୀଲ୍ ପ୍ରଭୁପାଦଙ୍କ ଶ୍ରୀଚୈତନ୍ୟ ବାଣୀ ପ୍ରଚାରରେ ବହୁ ଶିକ୍ଷିତ ଯୁବକ ଆକୃଷ୍ଟ ହେଉଥିବା ଜାଣିବାକୁ ପାଇଥିଲେ। କେତେଜଣ ଯୁବକଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଦେବା ଲାଗି ନେତାଜୀ ଶ୍ରୀଲ ପ୍ରଭୁପାଦଙ୍କୁ ଅନୁରୋଧ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଦଧିମାଛଗାଡ଼ିଆ ସାମନ୍ତରାୟପୁରର ଜନୈକ ଲେଖକ ତାଙ୍କ ପ୍ରବନ୍ଧ ଶ୍ରୀଶ୍ରୀଲ ପ୍ରଭୁପାଦ ପଣ୍ଡିତ ମାଳବ୍ୟଜୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରେ ଏ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଅନୁରୋଧ ଶୁଣି ଶ୍ରୀଲ ପ୍ରଭୁପାଦ ନେତାଜୀଙ୍କୁ ପଚାରିଲେ, ଆପଣ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି? ନେତାଜୀ ଉତ୍ତର ଦେଇଥିଲେ ଏପରି କେଉଁ ହିନ୍ଦୁ ଅଛି ଯେ ପୁନର୍ଜନ୍ମରେ ବିଶ୍ୱାସ ନରଖିବ। ଏହାପରେ ଶ୍ରୀଲ ପ୍ରଭୁପାଦ କହିଲେ, ଯଦି ଦୈବବଶତଃ ଆପଣଙ୍କ ମୃତ୍ୟୁ ହୋଇଯାଏ ଏବଂ ଆପଣଙ୍କର ପରବର୍ତ୍ତୀ ଜନ୍ମ ଇଂଲଣ୍ଡରେ ହୁଏ, ତେବେ ମଧ୍ୟ କ'ଣ ଆପଣ ଭାରତର ସ୍ୱାଧୀନତା ପାଇଁ ପ୍ରୟାସ କରିବେ। ନେତାଜୀ କହିଥିଲେ ଆପଣଙ୍କ ଅଭିପ୍ରାୟ ବୁଝିପାରିଲି, ତଥାପି ମାତୃଭୂମିର ସେବା କରିବା ପାଇଁ ଚିନ୍ତାକରିବା ମଧ୍ୟ ଉଚିତ। ଶ୍ରୀଲ ପ୍ରଭୁପାଦ କହିଲେ କେବଳ ଭାରତୀୟମାନଙ୍କ ଅନିତ୍ୟ ସ୍ୱତନ୍ତ୍ରତା ପାଇଁ ଆପଣ ଚିନ୍ତିତ। କିନ୍ତୁ ମୁଁ ସମ୍ପୂର୍ଣ୍ଣ ମାନବ ଜାତିକୁ ଏହି ଦୁଃଖାଳୟ ସଂସାର କାରାଗାରରୁ ମୁକ୍ତ କରିବା ପାଇଁ ଚିନ୍ତିତ। ନେତାଜୀ କହିଥିଲେ, ମୁଁ ପୂର୍ବରୁ ଏଭଳି ବିଚାର କେବେ ବି ଶୁଣି ନଥିଲି। ଗୀତାର ଶିକ୍ଷା ମୋତେ କେହି ଏଭଳି ବର୍ଣ୍ଣନା କରି ବୁଝାଇ ନାହାନ୍ତି। ଯାହାହେଉ, ମୁଁ ଏବେ ସ୍ୱାଧୀନତା ସଂଗ୍ରାମରେ ଏତେ ଆଗେଇ ଯାଇଛି ଯେ ଏବେ ଆଉ ପଛକୁ ଫେରିବା ମୋ ପକ୍ଷରେ ସମ୍ଭବ ହେବନାହିଁ। ଏତିକି କହି ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରଣାମ ଜଣାଇ ସେଠାରୁ ବିଦାୟ ନେଇଥିଲେ ନେତାଜୀ।


୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼,
ପୁରୁଣା ସୋନାରୀ, ଜାମସେଦପୁର
ମୋବାଇଲ୍: ୯୨୦୪୬୫୨୦୬୫

### କେଜ୍ରିୱାଲଙ୍କୁ ଟାର୍ଗେଟ କଲେ ଅଜୟ ମାକେନ

# କେଜ୍ରିୱାଲ ନା ଫର୍ଜିୱାଲ





**ନୂଆଦିଲ୍ଲୀ, ୨୨।୧:** ଦିଲ୍ଲୀରେ ବିଧାନସଭା ନିର୍ବାଚନ ପାଇଁ ଦଳମାନଙ୍କ ମଧ୍ୟରେ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଫେବୃଆରୀ ୫ ତାରିଖରେ ଭୋଟ ଗ୍ରହଣ କରାଯିବ। ନିର୍ବାଚନ ଫଳାଫଳ ଫେବୃଆରୀ ୮ ତାରିଖରେ ଘୋଷଣା କରାଯିବ। ଏହି ସମୟରେ, ବିଜେପି, ଆମ ଆଦମୀ ପାର୍ଟି ଏବଂ କଂଗ୍ରେସ ପରସ୍ପରକୁ କଡ଼ା ଟାର୍ଗେଟ କରୁଛନ୍ତି। ଏପରି ପରିସ୍ଥିତିରେ ଏବେ କଂଗ୍ରେସ ନେତା ଅଜୟ ମାକେନ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଥିଲେ ଯେ କେଜ୍ରିୱାଲ ଜଣେ ନକଲି ବ୍ୟକ୍ତି ଏବଂ ସେ ଦେଶ ବିରୋଧୀ। ସେ କହିଲେ ଯେ ଆଜି ମୁଁ କେଜ୍ରିୱାଲଙ୍କ ଦୁର୍ନୀତିର ପ୍ରଥମ ପ୍ରମାଣ ସମସ୍ତଙ୍କ ସାମ୍ନାରେ ରଖିବାକୁ ଚାହୁଁଛି। ଦିଲ୍ଲୀରେ ଜଣେ ନେତା ଅଛନ୍ତି ଯିଏ ଦୁର୍ନୀତି ବିରୁଦ୍ଧରେ ଲଢ଼ିବା ପାଇଁ ନିଜସ୍ୱ ଦଳ ଗଠନ କରିଥିଲେ। ସେତେବେଳେ କେଜ୍ରିୱାଲ ସିଏଜି ରିପୋର୍ଟ ଆଧାରରେ କଂଗ୍ରେସ ବିରୋଧରେ ଅଭିଯୋଗ ଆଣୁଥିଲେ। ଅଜୟ ମାକେନ କହିଛନ୍ତି ଯେ ବର୍ତ୍ତମାନ ସିଏଜିର ଏପରି ୧୪ଟି ରିପୋର୍ଟ ଅଛି ଯେଉଁଥିରେ ଅରବିନ୍ଦ କେଜ୍ରିୱାଲ ସରକାରଙ୍କ ବିରୁଦ୍ଧରେ ଦୁର୍ନୀତିର ଗମ୍ଭୀର ଅଭିଯୋଗ ଅଛି, କିନ୍ତୁ ବର୍ତ୍ତମାନ ସେହି ରିପୋର୍ଟଗୁଡ଼ିକ ବାହାରକୁ ଆସୁନାହିଁ। ଏପରି ପରିସ୍ଥିତିରେ, ଆମେ କେଜ୍ରିୱାଲଙ୍କୁ ପଚାରିବାକୁ ଚାହୁଁଛୁ ଯେ ଏହି ରିପୋର୍ଟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମାମଲାରେ ୩୮୨ କୋଟି ଟଙ୍କାର ଦୁର୍ନୀତି କିପରି ହୋଇଛି। ମାକେନ କହିଛନ୍ତି ଯେ ଇନ୍ଦିରା ଗାନ୍ଧୀ ହସ୍ପିଟାଲରେ ୩୧୪ କୋଟି ଟଙ୍କା ଏବଂ ବୁରାଡି ହସ୍ପିଟାଲରେ ୪୧ କୋଟି ଟଙ୍କା ଅପବ୍ୟବହାର କରାଯାଇଛି। ଏହି ସମୟରେ, ନୂଆଦିଲ୍ଲୀ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ସନ୍ଦୀପ ଦୀକ୍ଷିତ କହିଛନ୍ତି, "ଯେକେହି ଯେକୌଣସି ରାଜ୍ୟକୁ ଆସି ପ୍ରଚାର କରିପାରିବେ କିନ୍ତୁ ଆପଣ ସରକାରୀ କଳକୁ ବ୍ୟବହାର କରୁଛନ୍ତି | ଆପ କର୍ମୀମାନେ ପଞ୍ଜାବ ପୋଲିସ ଗାଡ଼ିରେ ଦେଖାଯାଇଛନ୍ତି ଓ ଦିଲ୍ଲୀରେ ବୁଲୁଛନ୍ତି। ସେ କହିଥିଲେ, "ଏହା କି ପ୍ରକାରର ରାଜନୀତି ଯେ ପଞ୍ଜାବ ପୁଲିସର ଗାଡିଗୁଡ଼ିକ ଆପଣଙ୍କୁ ସୁରକ୍ଷା ଦେବ? ମୁଁ ପୂର୍ବରୁ ମଧ ଏ ବିଷୟରେ ଅଭିଯୋଗ କରିଥିଲି।

ମୁଁ ସେମାନଙ୍କୁ ଏହାର ତଦନ୍ତ କରିବାକୁ ବାରମ୍ବାର କହୁଛି। ନିର୍ବାଚନ ପାଇଁ ପଞ୍ଜାବ ପୁଲିସର ଗାଡିଗୁଡ଼ିକ ଦିଲ୍ଲୀରେ ଅଛି। ସୂଚନା ଥାଉ କି ଯେ ଏହା ପୂର୍ବରୁ ଆମ ଆଦମୀ ପାର୍ଟିର ସଂଯୋଜକ ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଜେପି ଉପରେ ହିଂସା ପ୍ରସାର କରିବାର ଅଭିଯୋଗ ଆଣିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରିବା ସମୟରେ ସେ କହିଛନ୍ତି ଯେ ବିଜେପି ଯେଉଁଭଳି ଭାବରେ ହିଂସା ବିସ୍ତାର କରୁଛି, ସାରା ଦିଲ୍ଲୀରୁ ଖବର ଆସୁଛି।

# ମଣିପୁର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କଲେ ନୀତିଶ



**ନୂଆଦିଲ୍ଲୀ, ୨୨।୧:** ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଜନତା ଦଳ (ୟୁନାଇଟେଡ୍) ମଣିପୁର ସରକାରଙ୍କୁ ସମର୍ଥନ ପ୍ରତ୍ୟାହାର କରିଛି। ମଣିପୁରରେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ନେତୃତ୍ୱରେ ବିଜେପି ସରକାର ଅଛି। ରିପୋର୍ଟ ଅନୁଯାୟୀ, ଜେଡିୟୁ ଆନୁଷ୍ଠାନିକ ଭାବରେ ମଣିପୁର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର ଘୋଷଣା କରିଛି।

ଜେଡିୟୁ ୨୦୨୨ ମସିହାରୁ ବିଜେପି ସହିତ ମେଣ୍ଟ କରିଥିଲା, କିନ୍ତୁ ଏବେ ଏହା ଶାସକ ସରକାରଠାରୁ ନିଜକୁ ଦୂରେଇ ରଖିଛି। ୨୦୨୨ ମସିହାରେ, ୬ ଜଣ ଜେଡିୟୁ ବିଧାୟକଙ୍କ ମଧ୍ୟରୁ ୫ ଜଣ ବିଜେପିକୁ ସମର୍ଥନ କରିଥିଲେ, ଯାହା ବିଜେପିର ସ୍ଥିତିକୁ ଆହୁରି ମଜବୁତ କରିଥିଲା। ଏବେ ଜେଡିୟୁ ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ପାଇଁ ରାଜ୍ୟପାଳଙ୍କୁ ଏକ ଆନୁଷ୍ଠାନିକ ଚିଠି ପ୍ରଦାନ କରିଛି। ଜେଡିୟୁ ସମର୍ଥନ ପ୍ରତ୍ୟାହାର କରିବା ସତ୍ତ୍ୱେ, ମୁଖ୍ୟମନ୍ତ୍ରୀ ବୀରେନ ସିଂହଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ସ୍ଥିରତା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ରାଜ୍ୟ ବିଧାନସଭାରେ ବିଜେପିର ସଂଖ୍ୟାଗରିଷ୍ଠତା ଏତେ ଶକ୍ତିଶାଳୀ ଯେ ଏହା କୌଣସି ରାଜନୈତିକ ବାଧା ବିନା କ୍ଷମତାରେ ରହିପାରିବ।

ଜେଡିୟୁର ସମର୍ଥନ ପ୍ରତ୍ୟାହାର ମଣିପୁରର ରାଜନୀତିରେ ପରିବର୍ତ୍ତନର ସଙ୍କେତ ଦେଉଛି। ଆପଣଙ୍କୁ କହିରଖୁଛୁ ଯେ ୨୦୧୩ରେ ପ୍ରଥମ ଥର ପାଇଁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ପରେ, ଜେଡିୟୁ ବିଜେପି ସହିତ ମେଣ୍ଟ ଭାଙ୍ଗିଥିଲା। ନୀତିଶ କୁମାର ଏହି ନିଷ୍ପତ୍ତିକୁ ସାମ୍ପ୍ରଦାୟିକତା ବିରୋଧରେ ଲଢ଼େଇ ବୋଲି ବର୍ଣ୍ଣନା କରିଥିଲେ। ଏହା ପରେ, ଜେଡିୟୁ ବିହାରରେ ଏକ ଭିନ୍ନ ରାସ୍ତା ବାଛିଲା ଏବଂ ଆରଜେଡି ସହିତ ଏକ ମହାଗଠବନ୍ଧନ ଗଠନ କଲା। ତା'ପରେ ୨୦୧୭ରେ ନୀତିଶ କୁମାର ଆରଜେଡି ଏବଂ କଂଗ୍ରେସ ସହିତ ମହାଗଠବନ୍ଧନ ଭାଙ୍ଗି ପୁଣି ଥରେ ବିଜେପି ସହିତ ହାତ ମିଳାଇଲେ, ଏହାକୁ ବିହାର ରାଜନୀତିରେ ଏକ ବଡ଼ ଘଟଣା ବୋଲି ବିବେଚନା କରାଯାଇଥିଲା।

ବିଜେପି ଏବଂ ଜେଡିୟୁ ମିଶି ସରକାର ଗଠନ କଲେ ଏବଂ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେଲେ। ତଥାପି, ଅଗଷ୍ଟ ୨୦୨୨ରେ, ଜେଡିୟୁ ପୁଣି ଥରେ ବିଜେପି ସହିତ ମେଣ୍ଟ ଭାଙ୍ଗିଲା। ନୀତିଶ କୁମାର ଏହାକୁ ବିଜେପିର "ଷଡ଼ଯନ୍ତ୍ର ଏବଂ ଚାପ ରାଜନୀତି" ବୋଲି କହିଥିଲେ । ଏହା ପରେ, ଜେଡିୟୁ ଆରଜେଡି, କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳଗୁଡ଼ିକ ସହିତ ମିଶି ମହାଗଠବନ୍ଧନ ସରକାର ଗଠନ କରିଥିଲା। ବିହାର ରାଜନୀତିରେ, ବିଜେପି ଏବଂ ଜେଡିୟୁର ମେଣ୍ଟ ଅନେକ ଥର ଗଠନ ହୋଇ ଭାଙ୍ଗିଥିଲା। ତଥାପି, ବର୍ତ୍ତମାନ ବିହାରରେ ବିଜେପି (ଭାରତୀୟ ଜନତା ପାର୍ଟି) ଏବଂ ଜେଡିୟୁ (ଜନତା ଦଳ ୟୁନାଇଟେଡ୍)ର ଏକ ମେଣ୍ଟ ସରକାର ଚାଲିଛି।

## ଚିନ୍ତା ବଢ଼ାଉଛି ଗୁଇଲେନ-ବେରି ସିଣ୍ଡ୍ରୋମ ୨୪ ଆକ୍ରାନ୍ତ ଚିହ୍ନଟ

**ପୁନେ, ୨୨।୧:** ପୁନେରେ ଚିନ୍ତା ବଢ଼ାଇଲାଣି ଗୁଇଲେନ- ବେରି ସିଣ୍ଡ୍ରୋମ (ଜିବିଏସ୍)। ଗୁଇଲେନ-ବେରି ସିଣ୍ଡ୍ରୋମର ୨୪ଟି ମାମଲା ସାମ୍ନାକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ଆକ୍ସନ ମୋଡ଼କୁ ଆସିଛି। ଏହି ରୋଗର ଆକସ୍ମିକ ବୃଦ୍ଧି ଯୋଗୁ ମହାରାଷ୍ଟ୍ର ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଛି। ଏହାସହିତ ପୁନେ ମ୍ୟୁନିସିପାଲିଟି କର୍ପୋରେସନ୍ (ପିଏମସି)ର ସ୍ୱାସ୍ଥ୍ୟ ବିଭାଗ ଆକ୍ରାନ୍ତମାନଙ୍କର ନମୁନା ପରୀକ୍ଷା ପାଇଁ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ-ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଆଇସିଏମ୍ଆର-ଏନଆଇଭି)କୁ ପଠାଇଥିବା ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଜିବିଏସ୍ ସାଧାରଣତଃ ଜୀବାଣୁ ଏବଂ ଭାଇରାଲ୍ ସଂକ୍ରମଣ ଦ୍ୱାରା ବ୍ୟାପିଥାଏ ଏବଂ ପରେ ଆକ୍ରାନ୍ତଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଥାଏ। ତେବେ ଏହାର ଅଧିକାଂଶ ମାମଲା ସହରର ସିଂହଗଡ଼ ରୋଡ୍ ଅଞ୍ଚଳରୁ ଆସିଛି ବୋଲି ସେ ସୂଚନା ଦେଇଛନ୍ତି। ସହରର ୬ଟି ଡାକ୍ତରଖାନାରେ ୨୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୧୨ ରୁ ୩୦ ବର୍ଷ ମଧ୍ୟରେ ରହିଥିବାବେଳେ ୫୯ ବର୍ଷୀୟ ରୋଗୀର ଏକ ମାମଲା ମଧ ସାମ୍ନାକୁ ଆସିଛି। ତେଣୁ ସେ ସମସ୍ତଙ୍କୁ ସଚେତନ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି।

## ନିର୍ବାଚନ ପାଇଁ ଦିଲ୍ଲୀରେ ୪ ଦିନ ଡ୍ରାଏ ଡ଼େ

**ନୂଆଦିଲ୍ଲୀ, ୨୨।୧:** ପାଖେଇ ଆସୁଛି ନିର୍ବାଚନ। ଏନେଇ ଦିଲ୍ଲୀରେ ୪ ଦିନ ଡ୍ରାଏ ଡ଼େ ରହିବ। ଦିଲ୍ଲୀ ସରକାର ୩ ରୁ ୫ ତାରିଖ ଓ ଫେବୃଆରୀ ୮ ତାରିଖ ଦିନ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ସହରରେ ମଦ ଦୋକାନ ବନ୍ଦ ରହିବ। ଏଥି ସମୟରେ ମଦ ଦେଉଥିବା ପ୍ରତିଷ୍ଠାନ ବି ବନ୍ଦ ରହିବ। ନିକଟରେ ଦିଲ୍ଲୀ ଅବକାରୀ କମିଶନରଙ୍କ ଦ୍ୱାରା ଏକ ବିଜ୍ଞପ୍ତି ଜାରି କରାଯାଇଛି। ଯେଉଁଥିରେ ୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମତଦାନ ଏବଂ ଗଣନା ଦିନ ବିଭିନ୍ନ ଉତ୍ପାଦ ଲାଇସେନ୍ସ ପାଇଁ ଅବକାରୀ ନିୟମ-୨୦୧୦ ଅନୁଯାୟୀ ଡ୍ରାଏ ଡ଼େ ଘୋଷଣା କରାଯାଇଛି। ଫେବୃଆରୀ ୩ ତାରିଖ ସନ୍ଧ୍ୟା ୬ଟାରୁ ଫେବୃଆରୀ ୫ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏବଂ ତା'ପରେ ଫେବୃଆରୀ ୮ ତାରିଖ ଗଣନା ଦିନ ଏକ ଡ୍ରାଏ ଡ଼େ ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀରେ ଡ୍ରାଏ ଡେ ସମୟରେ କୌଣସି ମଦ ଦୋକାନ ଖୋଲିବ ନାହିଁ। ଏହା ସହିତ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ମଦ ପରିବେଷଣ କରାଯିବ ନାହିଁ। ବିଜ୍ଞପ୍ତିରେ କୁହାଯାଇଛି ଯେ ମଦ ବିକ୍ରି କିମ୍ବା ପରିବେଷଣ କରୁଥିବା କ୍ଲବ୍ କିମ୍ବା କୌଣସି ପ୍ରତିଷ୍ଠାନକୁ ମଧ୍ୟ ମଦ ବିକ୍ରୟ କିମ୍ବା ପରିବେଷଣ କରିବାକୁ ଅନୁମତି ଦିଆଯିବ ନାହିଁ। ପ୍ରକାଶ ଥାଉକି, ଦିଲ୍ଲୀର ସମସ୍ତ ୭୦ଟି ଆସନ ପାଇଁ ଫେବୃଆରୀ ୫ ତାରିଖରେ ଗୋଟିଏ ପର୍ଯ୍ୟାୟରେ ମତଦାନ ହେବ। ସେହିପରି ଫେବୃଆରୀ ୮ ତାରିଖରେ ଫଳାଫଳ ଘୋଷଣା କରାଯିବ। ବିଧାନସଭା ନିର୍ବାଚନରେ ମୋଟ ୬୯୯ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିବା ବେଳେ ଏମାନଙ୍କ ମଧ୍ୟରୁ ୯୬ ଜଣ ମହିଳା ନିର୍ବାଚନ କ୍ଷେତ୍ରରେ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି।

## ହିଜବୁଲାର ମୁଖ୍ୟ କମାଣ୍ଡର ଅଲି ହମାଦୀକୁ ହତ୍ୟା

**ନୂଆଦିଲ୍ଲୀ:** ପୂର୍ବ ଲେବାନନର ବେକା ଘାଟି ଅଞ୍ଚଳରେ ହିଜବୁଲ ନେତା ଶେଖ ମହମ୍ମଦ ଅଲି ହମାଦିଙ୍କୁ କିଛି ଅଜ୍ଞାତ ବନ୍ଧୁକଧାରୀ ଗତକାଲି (ମଙ୍ଗଳବାର) ଗୁଳି କରି ହତ୍ୟା କରିଛନ୍ତି। ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, ହିଜବୁଲାର ସ୍ଥାନୀୟ କମାଣ୍ଡର ହାମାଦିଙ୍କୁ ପଶ୍ଚିମ ବେକା ଜିଲ୍ଲାର ମଛଘରାରେ ତାଙ୍କ ଘର ନିକଟରେ ହତ୍ୟା କରାଯାଇଛି। ଏହି ସମୟରେ ତାଙ୍କୁ ଛଅ ଥର ଗୁଳି କରାଯାଇଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ହମାଦିଙ୍କୁ ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିଲା, ହେଲେ ସେଠାରେ ଚିକିତ୍ସାଧିନ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ପାରିବାରିକ ବିବାଦ ସନ୍ଦେହ କରି ଏହି ଘଟଣା ଘଟିଛି। ଲେବାନନ୍ ଅଧିକାରୀ ମାନେ ଏହାର ଏକ ତଦନ୍ତ ଆରମ୍ଭ କରିଛନ୍ତି। ତେବେ କିଛି ଗଣମାଧ୍ୟମ ରିପୋର୍ଟରେ, ଏହି ହତ୍ୟା ପଛରେ ଇସ୍ରାଏଲର ହାତ ଥିବା କୁହାଯାଉଛି। ଆମେରିକାର ଫେଡେରାଲ୍ ଏଜେନ୍ସି ଏଫବିଆଇର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କ ତାଲିକାରେ ମହମ୍ମଦ ଅଲି ହମାଦି ମଧ୍ୟ ସାମିଲ ଥିଲା।

## 'ପୁଷ୍ପା ୨' ନିର୍ଦ୍ଦେଶକ ସୁକୁମାରଙ୍କ ଘରେ ଆଇଟି ରେଡ୍



**ହାଇଦ୍ରାବାଦ, ୨୨/୧ :** 'ଗେମ୍ ଚେଞ୍ଜର' ଭଳି ଫିଲ୍ମକୁ ପ୍ରଡ୍ୟୁସ କରିଥିବା ପ୍ରଯୋଜକ ଦିଲ ରାଜୁଙ୍କ ପରେ ବୁଧବାର ବି ହାଇଦ୍ରାବାଦର କେତେକ ସ୍ଥାନରେ ଆଇଟି ରେଡର ଖବର ସାମ୍ନାକୁ ଆସିଛି। ଏଥିରେ ସବୁଠାରୁ ବଡ଼ ନାଁ ରହିଛି 'ପୁଷ୍ପା ୨'ର ନିର୍ଦ୍ଦେଶକ ସୁକୁମାରଙ୍କ। 'ସାକ୍ଷୀ ପୋଷ୍ଟ'ର ରିପୋର୍ଟ ଅନୁସାରେ ବୁଧବାର ସୁକୁମାରଙ୍କ ଘରେ ଏବଂ ଅଫିସରେ ରେଡ କରାଯାଇଛି। ଖାଲି ଏତିକି ନୁହେଁ ଆଇଟି ଅଧିକାରୀ ସୁକୁମାରଙ୍କୁ ହାଇଦ୍ରାବାଦରୁ ତାଙ୍କ ଘର ବି ନେଇଯାଇଥିଲେ। ଆଇଟି ରେଡ ବୁଧବାର ସକାଳେ କେତେ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ରିପୋର୍ଟରେ ଏହା ବି କୁହାଯାଇଛି କି ସୁକୁମାର ହାଇଦ୍ରାବାଦ ଏୟାରପୋର୍ଟରୁ କେଉଁ ଆଡ଼େ ଯାଉଥିଲେ କିନ୍ତୁ ଆଇଟି ବିଭାଗ ତାଙ୍କୁ ଏୟାରପୋର୍ଟରୁ ହିଁ ଉଠାଇ ନେଲେ। ମାତ୍ର ଏବେ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ କି ଏହି ରେଡ୍ କାହିଁକି ହୋଇଛି। ପ୍ରକାଶ ଯେ, ନିର୍ଦ୍ଦେଶକ ଏବଂ ଇନକମ ଟ୍ୟାକ୍ସ ଡିପାର୍ଟମେଣ୍ଟ ତରଫରୁ ବୟାନ ସାମ୍ନାକୁ ଆସିନାହିଁ। ସୁକୁମାର ନିକଟରେ ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨'କୁ ନେଇ ଚର୍ଚ୍ଚାରେ ଥିଲେ। ତାଙ୍କର ଏହି ଫିଲ୍ମ ବକ୍ସ ଅଫିସରେ ବ୍ଲକ ବଷ୍ଟର ରହିଥିଲା। ଯେଉଁଥିରେ ଅଲ୍ଲୁଙ୍କ ବ୍ୟତୀତ ଫହାଦ ଫାସିଲ ଏବଂ ରଶ୍ମିକା ମନ୍ଦାନା ମୁଖ୍ୟ ଭୂମିକାରେ ଥିଲେ। ଫିଲ୍ମ ବକ୍ସ ଅଫିସରେ ୧୮୦୦କୋଟିରୁ ଅଧିକର ବ୍ୟବସାୟ ବି କରିଥିଲା। ୨୧ଜାନୁଆରୀ ମଙ୍ଗଳବାର ବି ଇନକମ୍ ଟ୍ୟାକ୍ସ ତରଫରୁ ରେଡର ଖବର ସାମ୍ନାକୁ ଆସିଥିଲା। ଯେଉଁଥିରେ ଜଣାପଡ଼ିଥିଲା କି ବିଭାଗର ୫୫ଟିମ୍ ୮ରୁ ଅଧିକ ସ୍ଥାନରେ ରେଡ୍ କରିଥିଲେ। ଏଥିରେ ପୁଷ୍ପା ୨ର ପ୍ରଯୋଜକ ନବୀନ ୟେରନେନୀ ଏବଂ ମୈତ୍ରୀ ମୁଭି ମେକର୍ସର ସଂସ୍ଥାପକ ରବିଶଙ୍କର ୟେଲମଞ୍ଚିଲିରୁ ନେଇ ଦିଲ ରାଜୁଙ୍କ ନାଁ ସାମିଲ ଥିଲା।

### ଆରଜି କର ମେଡିକାଲ ଦୁଷ୍କର୍ମ ଓ ହତ୍ୟା ମାମଲାରେ ପିଆଇଏଲ୍

# ମମତାଙ୍କ ଆବେଦନକୁ ସିବିଆଇର ବିରୋଧ

**କୋଲକାତା, ୨୨।୧:** ଆରଜି କର ମେଡିକାଲ କଲେଜ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ କୋର୍ଟଙ୍କ ଫଇସଲାକୁ ନେଇ ପଶ୍ଚିମବଙ୍ଗ ସରକାର ଅସନ୍ତୋଷ ଜାହିର କରିଥିଲେ। ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ସଞ୍ଜୟ ରାୟଙ୍କୁ ଆଜୀବନ କାରାଦଣ୍ଡ ଦଣ୍ଡାଦେଶ ବିରୋଧରେ ପଶ୍ଚିମବଙ୍ଗ ସରକାର ଆବେଦନ କରିଥିଲେ। ହେଲେ ତାଙ୍କର ସେହି ଆବେଦନକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବୁଧବାର ବିରୋଧ କରିଛି। ସିବିଆଇ କୋଲକାତା ହାଇକୋର୍ଟଙ୍କୁ କହିଛି ଯେ "କେବଳ ପ୍ରସିକ୍ୟୁଟିଂ ଏଜେନ୍ସି ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରିପାରିବ। ରାଜ୍ୟ ଏହି ମାମଲାରେ ଆବେଦନ ଦାଖଲ କରିପାରିବ ନାହିଁ କାରଣ ଏହି ମାମଲା ସିବିଆଇ ଦ୍ୱାରା ତଦନ୍ତ କରାଯାଇ ସାରିଛି।"

ବିଚାରପତି ଦେବାଂଶୁ ବାସକ ଏବଂ ଏମଡି ଶବର ରଶିଦିଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଶୁଣାଣି ସମୟରେ ଏହା କହିଛନ୍ତି ଯେ କେବଳ ପ୍ରସିକ୍ୟୁଟିଂ ଏଜେନ୍ସିର ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରିବାର ଅଧିକାର ରହିଛି।" ତଦନ୍ତ ସଂସ୍ଥା ଦାବି କରିଛି ଯେହେତୁ ଏହି ମାମଲାର ତଦନ୍ତ ସେମାନଙ୍କ ଦ୍ୱାରା କରାଯାଇଥିଲା, ତେଣୁ ରାଜ୍ୟ ସରକାରଙ୍କ ପାଖରେ ଏହି ମାମଲାରେ ଆବେଦନ କରିବାର ଅଧିକାର ନାହିଁ। ପୂର୍ବରୁ କୋର୍ଟଙ୍କ ଶୁଣାଣୀ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମମତା କହିଛନ୍ତି ଯଦି ମାମଲାର ତଦନ୍ତ କୋଲକାତା ପୁଲିସ କରିଥାନ୍ତା ହୁଏତ ଦୋଷୀକୁ ଫାଶୀଦଣ୍ଡ ମିଳିଥାନ୍ତା । ଏଥିସହ ଟିଏମସି ମୁଖ୍ୟ କହିଛନ୍ତି ପ୍ରଥମ ଦିନରୁ ହିଁ ଆମେ ଦୋଷୀକୁ ଫାଶୀଦଣ୍ଡ ମିଳୁ ବୋଲି ଦାବି କରିଥିଲୁ କିନ୍ତୁ ସିବିଆଇର ତଦନ୍ତ ସନ୍ତୋଷଜନକ ନଥିଲା ଓ ଆଜି ଦୋଷୀକୁ ଫାଶୀଦଣ୍ଡ ଜାଗାରେ ଆଜୀବନ କାରାଦଣ୍ଡ ମିଳିଛି।

# ଆମେରିକାରେ ପ୍ରବଳ ତୁଷାରପାତ, ୨୧୦୦ ବିମାନର ଉଡ଼ାଣ ବାତିଲ

**ୱାଶିଂଟନ, ୨୨।୧:** ନିକଟରେ ଆମେରିକାର କେତେକ ଅଞ୍ଚଳରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଥିଲା। ଅନ୍ୟପକ୍ଷରେ, ଦକ୍ଷିଣ ଆମେରିକାରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରବଳ ତୁଷାରପାତ ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦକ୍ଷିଣ ଆମେରିକାରେ ପ୍ରବଳ ତୁଷାରପାତ ଯୋଗୁ ଏପର୍ଯ୍ୟନ୍ତ ୨୧୦୦ ରୁ ଅଧିକ ବିମାନ ବାତିଲ କରାଯାଇଛି। ଟେକ୍ସାସ୍, ଲୁଇସିୟାନା, ମିସିସିପି, ଅଲବାମା, ଜର୍ଜିଆ, ମିଲୱାକ୍, ଦକ୍ଷିଣ କାରୋଲିନା ଏବଂ ଫ୍ଲୋରିଡା ରାଜ୍ୟରେ ପ୍ରବଳ ତୁଷାରପାତ ଜାରି ରହିଛି। ଏହି ରାଜ୍ୟଗୁଡିକର ରାସ୍ତାଘାଟ ବରଫ ହୋଇଯାଇଛି। ଏସବୁ ଅଞ୍ଚଳରେ ୧୦ ଇଞ୍ଚରୁ ଅଧିକ ବରଫ ଜମିଛି।



ରାସ୍ତା ବରଫ ଯୋଗୁ ବନ୍ଦ ହୋଇଯାଇଛି। ବିମାନ ବାତିଲ କରାଯାଇଛି। ଅନେକ ରାଜ୍ୟରେ ତାପମାତ୍ରା ଶୂନ ଡିଗ୍ରି ତଳକୁ ଯାଇଛି। ଟେକ୍ସାସ୍, ଜର୍ଜିଆ ଏବଂ ମିଲୱାକ୍‌ରେ ପ୍ରବଳ ଥଣ୍ଡାରେ ଏପର୍ଯ୍ୟନ୍ତ ୪ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି। ବିଦେଶୀ ଗଣମାଧମ ଅନୁଯାୟୀ, ହ୍ୟୁଷ୍ଟନ୍‌ର ବିମାନବନ୍ଦର ବନ୍ଦ ରହିଛି ଏବଂ ତାଲାହସି ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ଅପରାହ୍ନରୁ ସମସ୍ତ ବିମାନ ଚଳାଚଳ ବାତିଲ କରାଯାଇଛି। ବୁଧବାର ହ୍ୟୁଷ୍ଟନ୍‌ର ଜର୍ଜ ବୁଶ୍ ଇଣ୍ଟରକଣ୍ଟିନେଣ୍ଟାଲ୍ ବିମାନବନ୍ଦର ଏବଂ ୱିଲିୟମ୍ ପି. ହବି ବିମାନବନ୍ଦର ଖୋଲିବ ବୋଲି ଆଶା କରାଯାଉଛି। ଲୁଇସିୟାନାର ନିଉ ଅରଲିୟନ୍ସରେ ତୁଷାର ଝଡ଼ ଭଳି ଅବସ୍ଥା ମଧ ସୃଷ୍ଟି ହୋଇଛି।୧୯୬୩ ମସିହା ପରେ ଏଠାରେ ପ୍ରଥମ ଥର ପାଇଁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ପ୍ରବଳ ତୁଷାରପାତ ଯୋଗୁ ସ୍କୁଲ କଲେଜ ବନ୍ଦ ରହିଛି। ଖରାପ ପାଗକୁ ଦୃଷ୍ଟିରେ ରଖି ଲୁଇସିୟାନା ରାଜ୍ୟପାଳ ଜେଫ ଲ୍ୟାଣ୍ଡ୍ରି ମଙ୍ଗଳବାର ଏକ ପରାମର୍ଶଦାତା ଜାରି କରିଛନ୍ତି। ସେ କହିଛନ୍ତି, ଆଗାମୀ ସାତ ଦିନ ମଧ୍ୟରେ ଥଣ୍ଡା ବିପଦପୂର୍ଣ୍ଣ ଭାବେ ବଢ଼ିବାକୁ ଯାଉଛି। ଯଦିଓ ରାସ୍ତାଗୁଡ଼ିକ ସ୍ପଷ୍ଟ ଦେଖାଯିବା ଆରମ୍ଭ କରିଛି, ତେବେ ବର୍ତ୍ତମାନ ଅଧିକ ଯାତ୍ରା କରନ୍ତୁ ନାହିଁ। ଜର୍ଜିଆର ସାଭାନାର ମେୟର କହିଛନ୍ତି ଯେ, ଯଦିଓ ଏହି ଅଞ୍ଚଳ ଝଡ଼କୁ ନିୟନ୍ତ୍ରଣ କରିବାକୁ ପ୍ରସ୍ତୁତ ତେବେ ଜମି ରହିଥିବା ବରଫ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବାର ଆଶଙ୍କା ରହିଛି।



# ଜୀବନ ବଞ୍ଚାଇଥିବା ଅଟୋ ଚାଳକଙ୍କୁ ଆଲିଙ୍ଗନ କଲେ ସୈଫ୍

**ନୂଆଦିଲ୍ଲୀ, ୨୨।୧:** ଜାନୁଆରି ୧୬ ତାରିଖରେ ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ଉପରେ ଛୁରାମାଡ଼ ହେବା ପରେ ତାଙ୍କୁ ନଚିହ୍ନି ମଧ୍ୟ ହସ୍ପିଟାଲ୍‌ରେ ପହଞ୍ଚାଇଥିଲେ ଜଣେ ଅଟୋ ଚାଳକ। ଏବେ ସେହି ଅଟୋ ଚାଳକଙ୍କୁ ଅଭିନେତା ଓ ତାଙ୍କ ମାଆ ଶର୍ମିଳା ଟାଗୋର ହସ୍ପିଟାଲ୍‌ରେ ଭେଟିଛନ୍ତି। ସୈଫ୍ ଅଲୀ ଖାନ ଅଟୋ ଡ୍ରାଇଭର ଭଜନ ସିଂହ ରାଣାଙ୍କୁ ଭେଟି ଆଲିଙ୍ଗନ କରିବା ସହ ଅଭିନେତାଙ୍କ ମାଆ ଶର୍ମିଳା ଟାଗୋର ତାଙ୍କୁ ଧନ୍ୟବାଦ ଏବଂ ଆଶୀର୍ବାଦ ଦେଇଛନ୍ତି। ସୈଫ୍ ତାଙ୍କୁ ଗୁରୁବାର ରାତିରେ ହସ୍ପିଟାଲ ନେଇଥିବା ହିରୋ ଅଟୋ ଡ୍ରାଇଭରଙ୍କୁ ଭେଟି ଖୁବ୍ ପ୍ରଶଂସା କରିଥିଲେ। ମଙ୍ଗଳବାର ଦିନ ଅଭିନେତାଙ୍କୁ ଲୀଳାବତୀ ହସ୍ପିଟାଲରୁ ଡିସଚାର୍ଜ କରାଯିବା ପୂର୍ବରୁ ସେମାନଙ୍କର ପ୍ରାୟ ପାଞ୍ଚ ମିନିଟ୍ ଧରି ଏକ ଛୋଟ ସାକ୍ଷାତ୍ ହୋଇଥିଲା। ସୈଫ୍ ରାଣାଙ୍କୁ ଆଲିଙ୍ଗନ କରିଥିଲେ ଏବଂ ତାଙ୍କ ଭଲ କାମ ପାଇଁ ଧନ୍ୟବାଦ ଦେଇଥିଲେ। ଇଣ୍ଡିଆ ଟୁଡେ ଟିଭି ସହିତ କଥାବାର୍ତ୍ତା ସମୟରେ ଡ୍ରାଇଭର ଭଜନ ସିଂହ ରାଣା ଘଟଣାର ରାତି ମନେ ପକାଇଛନ୍ତି। ସେ କହିଛନ୍ତି ଯେ ଖାନ ତାଙ୍କ ଅଟୋରିକ୍ସାରେ ବସିବା ମାତ୍ରେ ତାଙ୍କର ପ୍ରଥମ ପ୍ରଶ୍ନ ଥିଲା, "କିତନା ଟାଇମ୍ ଲଗେଗା (କେତେ ସମୟ ଲାଗିବ ହସ୍ପିଟାଲରେ ପହଞ୍ଚିବା ପାଇଁ?" ରାଣା କହିଛନ୍ତି, "ହଠାତ୍ ମୁଁ ଗେଟରୁ ଏକ ଶବ୍ଦ ଶୁଣିଲି। ଜଣେ ମହିଳା ମୁଖ୍ୟ ଗେଟ୍ ପାଖରୁ ସାହାଯ୍ୟ ପାଇଁ ଚିତ୍କାର କରି କହୁଥିଲେ। ସେ କହୁଥିଲେ ରିକ୍ସା ରୁକୋ (ରିକ୍ସା ଅଟକାଅ)। ପ୍ରାରମ୍ଭରେ ମୁଁ ଜାଣି ନଥିଲି ଯେ ସେ ସୈଫ୍ ଅଲୀ ଖାନ। ମୁଁ ଏହାକୁ ଏକ ସାଧାରଣ ଆକ୍ରମଣ ମାମଲା ଭାବରେ ଭାବିଥିଲି। ତାପରେ ସାହାଯ୍ୟ କରିବାକୁ ମୁଁ ହସ୍ପିଟାଲ୍ ନେଇଗଲି।" ଅଟୋ ଡ୍ରାଇଭର ଏହା ମଧ୍ୟ କହିଛନ୍ତି ଯେ "ସୈଫ୍ ନିଜେ ମୋ ପାଖକୁ ଚାଲି ଆସି ଗାଡ଼ିରେ ବସିପଡ଼ିଲେ। ସେ ଆହତ ଅବସ୍ଥାରେ ଥିଲେ। ତାଙ୍କ ସହିତ ଏକ ଛୋଟ ପିଲା ଏବଂ ଆଉ ଜଣେ ବ୍ୟକ୍ତି ଥିଲେ। ମୋ ଅଟୋରେ ବସିବା ପରେ ଆମେ ଆଠରୁ ଦଶ ମିନିଟ୍ ମଧ୍ୟରେ ହସ୍ପିଟାଲରେ ପହଞ୍ଚିଲୁ।"

# ବିଳାସପୂର୍ଣ୍ଣ ଗାଡ଼ିରେ ମହାକୁମ୍ଭକୁ ଆସୁଛନ୍ତି ସାଧୁ

**ପ୍ରୟାଗରାଜ ୨୨।୧:** ପ୍ରୟାଗରାଜରେ ଚାଲିଛି ବିଶ୍ୱର ସର୍ବବୃହତ ଧାର୍ମିକ ମେଳା। ବିଶ୍ୱର କୋଣ ଅନୁକୋଣରୁ ଲକ୍ଷାଧିକ ସାଧୁ-ସନ୍ଥ ଓ ଶ୍ରଦ୍ଧାଳୁ ପବିତ୍ର ମହାକୁମ୍ଭ ମେଳାରେ ଯୋଗ ଦେଉଛନ୍ତି। ପାପ ମୁକ୍ତ ହେବାକୁ ଓ ପୁଣ୍ୟଫଳ ପ୍ରାପ୍ତି ଲାଗି ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଉଛନ୍ତି। ଏ ଥର ମହାକୁମ୍ଭରେ ସାଧୁ-ସନ୍ଥଙ୍କ ଆଗମନ ବିଶ୍ୱସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ବିଳାସବହୁଳ ବାହନରେ ସେମାନେ ମହାକୁମ୍ଭରେ ପହଞ୍ଚିଛନ୍ତି। ୨୫ ଲକ୍ଷରୁ ୨୦ କୋଟି ମୂଲ୍ୟର ରେଞ୍ଜ୍ ରୋଭର୍, ରୋଲ୍ସ-ରୟସ, ଅଡି କ୍ୟୁ୭, ମର୍ସିଡିଜ୍ ବେଞ୍ଜ୍ ଓ ଡିଫେଣ୍ଡର୍ ଭଳି ବିଳାସପୂର୍ଣ୍ଣ କାର୍‌ରେ ସେମାନେ ଆସିଛନ୍ତି, ଯାହା ପରମ୍ପରା ଓ ସଂସ୍କୃତିରେ ବିଳାସବହୁଳତାର ସ୍ପର୍ଶ ଦେଇଛି। ଏ ପ୍ରକାର ମହଙ୍ଗା ଓ ବିଳାସପୂର୍ଣ୍ଣ କାର୍‌ରେ ମହାକୁମ୍ଭକୁ ଆସୁଥିବା ବାବାମାନଙ୍କର ଭିଡିଓ ସୋସିଆଲ ମିଡିଆରେ



ଭାଇରାଲ ହେଉଛି। ଆଖଡ଼ାଗୁଡ଼ିକର ଅନେକ ସନ୍ଥ କହିଛନ୍ତି, ଅଧିକାଂଶ ବିଳାସପୂର୍ଣ୍ଣ ବାହନ ସେମାନଙ୍କର ବରିଷ୍ଠ ଗୁରୁ ଯଥା- ପୀଠାଧୀଶ୍ୱର, ମହାମଣ୍ଡଳେଶ୍ୱର, ମହନ୍ତ ଓ ମଣ୍ଡଳେଶ୍ୱରଙ୍କର। ଖୁବ୍ କମ୍ ବାହନ ସେମାନଙ୍କ ଶିଷ୍ୟଙ୍କର। ଏହି ବିଳାସପୂର୍ଣ୍ଣ କାର୍‌ଗୁଡ଼ିକୁ ମେଳା କ୍ଷେତ୍ରରେ ପଇଁତରା ମାରୁଥିବା ଦେଖିବାକୁ ମିଳୁଛି। ଖାସ୍‌କରି ସହରର ଭିଆଇପି ମାର୍ଗ ସେକ୍ଟର-୨୦ରେ ଥିବା ତ୍ରିବେଣୀ ମାର୍ଗ ଓ କାଳୀ ମାର୍ଗରେ ଏଗୁଡ଼ିକୁ ଦେଖିବାକୁ ମିଳୁଛି। ପେଶୱାଇ ନାମରେ ପ୍ରସିଦ୍ଧ କୁମ୍ଭମେଳାର ଉଦ୍‌ଘାଟନୀ ଶୋଭାଯାତ୍ରାରେ ଏହି ବିଳାସବହୁଳ ବାହନଗୁଡ଼ିକ ପ୍ରଥମେ ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲା। ଏହି ଶୋଭାଯାତ୍ରାରେ ମହାକୁମ୍ଭରେ ଆଖଡ଼ାମାନଙ୍କର ଆଗମନ ହୋଇଥାଏ। ଏଥିରେ କାର୍, ରଥ, ହାତୀ, ଘୋଡ଼ା, ଆକ୍ରୋବାଟିକ୍ସ ଓ ମାର୍ଶଲ ଆର୍ଟ ଆଦି ସାମିଲ ହୋଇଥାଏ।

ଜୁନା ଆଖଡ଼ାର ମହାମଣ୍ଡଳେଶ୍ୱର ପବିତ୍ରାନନ୍ଦ ଗିରୀ ଭିଣ୍ଟେଜ୍ ୧୯୬୫ ରୋଲ୍ସ ରୟସରେ ଆସିଥିଲେ। କିନ୍ନର ଆଖଡ଼ାର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଭବ୍ୟ ଦେବତା ଯାତ୍ରାରେ ଏକ ବିଶାଳ ରୁପାର ସିଂହାସନରେ ବସିଥିଲେ। ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସଦସ୍ୟ ସ୍ୱାମୀ ବାସୁଦେବାନନ୍ଦ ୨୦ କୋଟିର ଦୁଇଟି ରୋଲ୍‌ସ-ରୟସର ମାଲିକ। ଉଭୟ କାର୍ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ତୁଳସୀ ପୀଠର ମୁଖ୍ୟ ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କର ଗେରୁଆ ରଙ୍ଗର ଏକ ଅଡି କାର୍ ଅଛି, ଯାହାର ମୂଲ୍ୟ ୫୦ ଲକ୍ଷଟଙ୍କା। ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ୧.୫ କୋଟି ମୂଲ୍ୟର ଏକ ଭ୍ୟାନ୍‌ରେ ମହାକୁମ୍ଭରେ ପହଞ୍ଚିଥିଲେ। ଏହି ଭ୍ୟାନିଟି ଭ୍ୟାନ୍ ତାଙ୍କର ଦିବଂଗତ ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କର। ହିନ୍ଦୁତ୍ୱକୁ ଧ୍ୟାନରେ ରଖି ଅଧିକାଂଶ ବାବା ଧଳା ରଙ୍ଗର ବାହନକୁ ଗେରୁଆ ରଙ୍ଗରେ ରଙ୍ଗାଇଛନ୍ତି। ଅନେକ କାର୍‌ର ମାଲିକ ପ୍ରତୀକ ଓ ନେମ୍‌ପ୍ଲେଟ୍ ମାଧ୍ୟମରେ ନିଜର କିମ୍ବା ସମ୍ପୃକ୍ତ ସଂଗଠନକୁ ଗର୍ବର ସହ ଦର୍ଶାଉଛନ୍ତି।

## ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡ ସ୍ଲାମ୍ ଟେନିସ୍

# ସେମିରେ ଜୋକୋଭିକ୍-ଜେରେଭ ଲଢ଼େଇ




**ମେଲବର୍ଣ୍ଣ, ୨୨।୧:** ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ପ୍ରତିଯୋଗିତାରେ ଜର୍ମାନୀର ଆଲେକ୍‌ଜାଣ୍ଡାର୍ ଜେରେଭଙ୍କ ବିଜୟ ଅଭିଯାନ ଜାରି ରହିଛି। ନିଜ ଘଟଣା ବହୁଳ ଖେଳ ଜୀବନର ଅନ୍ୟତମ ଶ୍ରେଷ୍ଠ ମୁକାବିଲାରେ ମଙ୍ଗଳବାର ଆମେରିକାର ଟମି ପଲ୍‌ଙ୍କୁ ୭-୬ (୧), ୭-୬ (୦), ୨-୬, ୬-୧ ସେଟ୍‌ରେ ପରାସ୍ତ କରି ଗତ ପାଞ୍ଚବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି ସେ। ରଡ୍ ଲେଭର ଏରିନାରେ ଖେଳାଯାଇଥିବା ଏହି ମାରାଥନ୍ ମୁକାବିଲାର ପ୍ରଥମ ଦୁଇ ସେଟ୍‌କୁ ଦ୍ୱିତୀୟ ସିଡ୍ ଜେରେଭ୍ ବହୁକଷ୍ଟରେ ଟାଇବ୍ରେକର୍‌ରେ ଜିତିଥିଲେ। ପୁଣି ତୃତୀୟ ସେଟ୍‌ରେ ଦ୍ୱାଦଶ ସିଡ୍ ପଲ୍‌ଙ୍କଠାରୁ ହାରି ଯାଇଥିଲେ। ତେବେ ନିର୍ଣ୍ଣାୟକ ଚତୁର୍ଥ ସେଟ୍‌ରେ ପୂରା ଆଧିପତ୍ୟ ବିସ୍ତାର କରି ପୁରୁଷ ଏକକର ପ୍ରଥମ ଖେଳାଳିଭାବେ ସେମିଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଥିଲେ। ସେମିଫାଇନାଲ୍‌ରେ ସେ ରେକର୍ଡ ଗ୍ରାଣ୍ଡ ସ୍ଲାମ୍ ବିଜୟ ଲକ୍ଷ୍ୟରେ ଥିବା ସର୍ବିଆର କିଂବଦନ୍ତି ତାରକା ନୋଭାକ ଜୋକୋଭିକଙ୍କୁ ଭେଟିବେ। ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ଜୋକୋଭିକ୍ ୪-୬, ୬-୪, ୬-୩, ୬-୪ ସେଟ୍‌ରେ ତୃତୀୟ ମାନ୍ୟତାପ୍ରାପ୍ତ ସ୍ପେନ୍‌ର କାର୍ଲୋସ୍ ଆଲ୍‌କାରାଜଙ୍କୁ ପରାସ୍ତ କରିଛନ୍ତି। ୪ ଗ୍ରାଣ୍ଡ ସ୍ଲାମ୍ ଓ ଗତ ଦୁଇ ୱିମ୍ବଲଡନ୍ ଫାଇନାଲ୍‌ରେ ଜୋକୋଭିକ୍‌ଙ୍କୁ ହରାଇଥିବା ଆଲ୍‌କାରାଜ ପ୍ରଥମ ସେଟ୍‌କୁ ଜିତି ନେଇଥିଲେ। ହେଲେ ପରବର୍ତ୍ତୀ ୩ ସେଟ୍ ସପ୍ତମ ମାନ୍ୟତାପ୍ରାପ୍ତ ଜୋକୋଭିକ୍ ଜିତି ଆଲ୍‌କାରାଜଙ୍କ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟ ଆଶା ଭାଙ୍ଗି ଦେଇଥିଲେ।

ମହିଳା ଏକକରେ ସ୍ପେନ୍‌ର ପାଓଲା ବଡୋସା ୭-୫, ୬-୪ରେ ଆମେରିକାର କୋକୋ ଗଫ୍‌ଙ୍କୁ ହରାଇ ସେମିଫାଇନାଲ୍ ଟିକେଟ ହାସଲ କରିଛନ୍ତି। ଏହା ହେଉଛି ତାଙ୍କର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ସ ମିଫାଇନାଲ୍ ପ୍ରବେଶ। ସେମିଫାଇନାଲ୍‌ରେ ସେ ଗତଥରର ଟାଇଟଲ୍ ବିଜୟିନୀ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ଭେଟିବେ। ସାବାଲେଙ୍କା ମଙ୍ଗଳବାରର ଅନ୍ୟଏକ କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ପଡ଼ୋଶୀ ରୁଷିଆର ଆନାସ୍ତାସିଆ ପାଭଲୁଚେଙ୍କୋଭାଙ୍କୁ ୬-୨, ୨-୬, ୬-୩ ସେଟ୍‌ରେ ହରାଇଛନ୍ତି।

ମିଶ୍ରିତ ଯୁଗଳ କ୍ୱାର୍ଟରରେ ଭାରତୀୟ ତାରକା ରୋହନ ବୋପାନ୍ନା ଓ ଚୀନର ସୁଇ ଝାଙ୍ଗ ୱାଇଲ୍‌ଡ କାର୍ଡଧାରୀ ଜନ୍ ପିଅର୍ସ ଓ ଓଲିଭିଆ ଗଡେକିଙ୍କଠାରୁ ୬-୨, ୪-୬, ୯-୧୧ରେ ହାରି ଯାଇଛନ୍ତି। ଫଳରେ ଭାରତୀୟ ଅଭିଯାନ ଶେଷ ହୋଇଛି। ଏକ ଘଣ୍ଟା ୮ ମିନିଟ୍ ଧରି ଚାଲିଥିବା ଏହି ମ୍ୟାଚ୍‌ରେ ବୋପାନ୍ନା ଓ ଝାଙ୍ଗ ପ୍ରଥମ ଦୁଇ ସେଟ୍ ସୁଦ୍ଧା ବରାବର ସ୍ଥିତିରେ ଥିଲେ। ତେବେ ତୃତୀୟ ସେଟ୍‌ରେ ଜୋର୍‌ଦାର ଲଢ଼େଇ କରିବା ସତ୍ତ୍ୱେ ସୁପର୍ ଟାଇବ୍ରେକ୍‌ରେ ହାରି ସେମିଫାଇନାଲ୍ ଖେଳିବା ସୁଯୋଗରୁ ବଞ୍ଚିତ ହୋଇଥିଲେ। ଏହା ପୂର୍ବରୁ ବୋପାନ୍ନା ପୁରୁଷ ଯୁଗଳରୁ ହାରି ସାରିଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ସୁମିତ ନଗଲ ପୁରୁଷ ଏକକ, ଯୁକି ଭାମ୍ବ୍ରି ଓ ଏନ୍ ଶ୍ରୀରାମ ପୁରୁଷ ଯୁଗଳରୁ ବିଦାୟ ନେଇ ସାରିଛନ୍ତି।



## ଚମକିଲେ ବରୁନ୍ ଓ ଅଭିଷେକ

# ପ୍ରଥମ ଟି-୨୦ରେ ଜିତିଲା ଭାରତ

**କୋଲ୍‌କାତା,୨୨।୧(ସଂଚାର ବ୍ୟୁରୋ):** ଆଜିଠାରୁ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହୋଇଥିବା ବେଳେ ଏଥିରେ ଘରୋଇ ଭାରତ ବିଜୟ ସହ ତା'ର ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ଭାରତ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ପାଇ ଇଂଲଣ୍ଡ ପ୍ରଥମ ଓଭର୍‌ରେ ଓପନର ଫିଲ୍ ସଲ୍ଟ (୦)ଙ୍କ ୱିକେଟ୍ ହରାଇଥିଲା। ଅର୍ଶଦୀପ ସିଂହ ତାଙ୍କୁ ଆଉଟ୍ କରି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନିଷ୍ପତ୍ତିକୁ ସଠିକ୍ ସାବ୍ୟସ୍ତ କରିଥିଲେ। ଏହାପରେ ଇଂଲଣ୍ଡ ଗୋଟିଏ ପରେ ଗୋଟିଏ ୱିକେଟ୍ ହରାଇଚାଲିଥିଲା। ଅବଶ୍ୟ ଅଧିନାୟକ ଜୋସ୍ ବଟଲର୍ ଗୋଟିଏ ପଟେ ଦୃଢ଼ ଭାବେ ବ୍ୟାଟିଂ କରି ୪୪ ବଲ୍‌ରେ ୮ଟି ଚୌକା ଓ ୨ଟି ଛକା ସହ ୬୮ ରନ୍ କରିଥିଲେ ହେଁ ୨୦ ଓଭର୍‌ରେ ଦଳ ମାତ୍ର ୧୩୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହ୍ୟାରୀ ବ୍ରୁକ୍ ୧୭ ଓ ଜୋଫ୍ରା ଆର୍ଚର୍ ୧୨ ରନ୍ କରିଥିଲେ। ଭାରତ ପକ୍ଷରୁ ସ୍ପିନର୍ ବରୁନ୍ ଚକ୍ରବର୍ତ୍ତୀ ସଫଳତମ ବୋଲର୍ ଭାବେ ୩ଟି ଏବଂ ଅର୍ଶଦୀପ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଭାରତ ମାତ୍ର ୧୨.୫ ଓଭର୍‌ରେ ୩ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଓପନର ଅଭିଷେକ ଶର୍ମା ମାତ୍ର ୩୪ ବଲ୍ ଖେଳି ଧୂଆଁଧାର ୭୯ ରନ୍ କରି ଦଳକୁ ବେଶ୍ ସହଜରେ ବିଜୟ ଲକ୍ଷ୍ୟରେ ପହଞ୍ଚାଇଦେଇଥିଲେ। ତାଙ୍କର ଏହି ଇନିଂସରେ ୫ଟି ଚୌକା ଓ ୮ଟି ଛକା ରହିଥିଲା। ଏହାଛଡ଼ା ତାଙ୍କ ଓପନିଂ ଯୋଡ଼ିଦାର ସଞ୍ଜୁ ସାମ୍‌ସନ୍ ୪ଟି ଚୌକା ଓ ଗୋଟିଏ ଛକା ସହ ୨୬ ଏବଂ ତିଲକ ବର୍ମା ଅପରାଜିତ ୧୯ ରନ୍ କରିଥିଲେ। ଇଂଲଣ୍ଡର ଆର୍ଚର୍ ୨ଟି ଓ ଆଦିଲ୍ ରଶିଦ୍ ଅନ୍ୟ ୱିକେଟ୍‌ଟି ନେଇଥିଲେ। ବରୁନ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ଟି ଆସନ୍ତା ୨୫ରେ ଚେନ୍ନାଇଠାରେ ଖେଳାଯିବ।

## ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍

# ୧୦ ୱିକେଟରେ ଜିତିଲା ଭାରତ

## ବୈଷ୍ଣବୀଙ୍କ ଘାତକ ବୋଲିଂ



**କୁଆଲାଲ୍ମପୁର, ୨୨।୧:** ପ୍ରଥମ ପଦାର୍ପଣରେ ବୈଷ୍ଣବୀ ଶର୍ମାଙ୍କ ହ୍ୟାଟ୍ରିକ୍ ୱିକେଟ୍ ସହ ଯୁବା ବିଶ୍ୱକପ୍‌ରେ ନୂଆ କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି। ବୈଷ୍ଣବୀ ଆଇସିସି ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଇତିହାସରେ ଶ୍ରେଷ୍ଠ ବୋଲିଂ ଚିତ୍ର ୪-୧-୫-୫ ସହ ଭାରତକୁ ବଡ଼ ବିଜୟ ମଧ୍ୟ ଦେଇଛନ୍ତି। ଭାରତ ମଙ୍ଗଳବାର ନିଜ ଦ୍ୱିତୀୟ ମ୍ୟାଚ୍‌ରେ ଏକତରଫା ଭାବେ ୧୦ ୱିକେଟ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମାଲେସିଆ ୧୪.୩ ଓଭରରେ ମାତ୍ର ୩୧ ରନ୍ ସଂଗ୍ରହ କରି ସମସ୍ତ ୱିକେଟ୍ ହରାଇଥିଲା। ଜଣେ ବି ବ୍ୟାଟର୍ ଦୁଇ ଅଙ୍କ ଛୁଇଁ ପାରି ନଥିବା ବେଳେ ୪ ଜଣ ଶୂନରେ ଆଉଟ୍ ହୋଇଥିଲେ। ଅତିରିକ୍ତରୁ ମିଳିଥିଲା ସର୍ବାଧିକ ୧୧ ରନ୍। ବାମହାତୀ ସ୍ପିନର୍ ବୈଷ୍ଣବୀ ଶର୍ମାଙ୍କୁ ଠିକଣା ସମର୍ଥନ ଦେଇ ଆୟୁଷୀ ଶୁକ୍ଳା (୩/୮) ମଧ୍ୟ ମାଲେସିଆର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଭାରତ ମାତ୍ର ୨.୫ ଓଭରରେ କୌଣସି ୱିକେଟ୍ ନ ହରାଇ ୩୨ ରନ୍ ସଂଗ୍ରହ କରି ନେଇଥିଲା। ଗୋଙ୍ଗାଡ଼ି ତ୍ରିଶା (୧୨ ବଲ୍‌ରୁ ୨୭* ରନ୍) ଓ ଜି କମଳିନୀ (୫ ବଲ୍‌ରୁ ୪* ରନ୍) ଘରୋଇ ଦଳର ଲକ୍ଷ୍ୟକୁ ବଢ଼ାଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇବା ପରେ ଗ୍ୱାଲିୟର୍ ଝିଅ ବୈଷ୍ଣବୀ କହିଥିଲେ "ମୁଁ ରାଧା ଯାଦବ ଓ ରବୀନ୍ଦ୍ର ଜାଡ଼େଜା (ଭାରତୀୟ ମହିଳା ଓ ପୁରୁଷ ଦଳର ବାମହାତୀ ସ୍ପିନର)ଙ୍କୁ ଅନୁସରଣ କରି କିଭଳି ୱିକେଟ୍ ଦଖଲ କରିବି ସ୍ୱପ୍ନ ଦେଖିଥିଲି"। ମ୍ୟାଚ୍‌ର ୧୪ତମ ଓଭର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ବଲ୍‌ରେ ବୈଷ୍ଣବୀ କ୍ରମାଗତ ୩ ୱିକେଟ୍ ନେଇ ହ୍ୟାଟ୍ରିକ୍ ପୂର୍ଣ୍ଣ କରିଥିଲେ।

## ବିସିସିଆଇକୁ ଆଇସିସିର ଚେତାବନୀ

# ଭାରତ ଜର୍ସିରେ ପାକିସ୍ତାନର ନାମ ନରଖିଲେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୨୨।୧:** ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ମ୍ୟାଚ୍ ପାକିସ୍ତାନର ତିନୋଟି ସହର (ରାୱଲପିଣ୍ଡି, କରାଚୀ ଏବଂ ଲାହୋର) ଏବଂ ଦୁବାଇରେ 'ହାଇବ୍ରିଡ୍ ମଡେଲ୍'ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଫେବ୍ରୁଆରି ୧୯ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ପାକିସ୍ତାନର ନାମ ଏଥର ଭାରତୀୟ କ୍ରିକେଟ ଦଳର ଜର୍ସିରେ ରହିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଆଗକୁ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ ଦଳର କିଟରେ ଆୟୋଜକ ଦେଶ ପାକିସ୍ତାନର ନାମ ନରଖିବାକୁ ନିଷ୍ପତ୍ତି ନେଇଥିଲା ବିସିସିଆଇ। ହେଲେ ଏଭଳି ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ କରିଛି ଆଇସିସି। ବିସିସିଆଇ ଦାବି କରିଥିଲା ଯେ, ଭାରତୀୟ ଦଳ ପାକିସ୍ତାନ ଯିବ ନାହିଁ। ସବୁ ମ୍ୟାଚ୍ ଦୁବାଇରେ ଖେଳାଯିବ। ଏଭଳି ହେଲେ କାହିଁକି ଭାରତୀୟ ଟିମର କିଟରେ ପାକିସ୍ତାନର ନାମ ରହିବ। ଏହାର ଉତ୍ତର ଦେଇ ଆଇସିସି ସ୍ପଷ୍ଟ କରିଛି ଯେ, "ପ୍ରତ୍ୟେକ ଦଳର ଦାୟିତ୍ୱ ହେଉଛି ଯେ ସେମାନେ ନିଜ ଜର୍ସିରେ ଆୟୋଜକ ଦେଶ ପାକିସ୍ତାନ ଲେଖାଥିବା ଟୁର୍ନାମେଣ୍ଟ ଲୋଗୋ ଯୋଡ଼ିବେ। ସମସ୍ତ ଦଳ ଏହି ନିୟମ ପାଳନ କରିବାକୁ ବାଧ୍ୟ। ମ୍ୟାଚ୍ ଯେଉଁଠି ଖେଳାଗଲେ ବି ଆୟୋଜକ ଦେଶର ନାମ ଜର୍ସିରେ ରହିବ। ଏହା ହିଁ ନିୟମ।

## ଦିବ୍ୟାଙ୍ଗ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ

# ଇଂଲଣ୍ଡକୁ ହରାଇ ଚାମ୍ପିଅନ ଭାରତ



**କଲମ୍ବୋ,୨୨।୧:** ଇତିହାସ ରଚିଲା ଭାରତ। ଦିବ୍ୟାଙ୍ଗ ଚାମ୍ପିଅନ୍ସ ଟ୍ରଫି କ୍ରିକେଟରେ ଦମଦାର ପ୍ରଦର୍ଶନ କରିଛି ଭାରତୀୟ ଦଳ। ଶ୍ରୀଲଙ୍କାରେ ଆୟୋଜିତ ପୁରୁଷ ଦିବ୍ୟାଙ୍ଗ କ୍ରିକେଟ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଚାମ୍ପିଅନ ହୋଇଛି। ଇଂଲଣ୍ଡକୁ ୭୯ରନରେ ହରାଇ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ଶ୍ରୀଲଙ୍କାର କାତୁନାୟକେଠାରେ ଦିବ୍ୟାଙ୍ଗ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯାଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ଭାରତ ୧୯୭ ରନ କରିଥିଲା। ଯୋଗେନ୍ଦ୍ର ଭଦୋରିଆ ଦ୍ରୁତ ବ୍ୟାଟିଂ କରି ୪୦ବଲରେ ୭୩ରନ ଦମଦାର ପାଳି ଖେଳିଥିଲେ। ଯେଉଁଥିରେ ୪ଟି ଚୌକା ଓ ୫ଟି ଛକା ସାମିଲ ରହିଛି। ଅଧିନାୟକ ବିକ୍ରାନ୍ତ କେନି ସମଗ୍ର ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ କରି ଦଳକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫାଇନାଲ ଫାଇଟରେ କ୍ୟାପ୍ଟେନ ବିକ୍ରାନ୍ତ ଅଲରାଉଣ୍ଡର ପ୍ରଦର୍ଶନ କରିଥିଲେ। ଉଭୟ ବ୍ୟାଟିଂ ଓ ବୋଲିଂରେ ଯାଦୁ ଦେଖାଇଥିଲେ ବିକ୍ରାନ୍ତ। ୧୯୮ରନର ବିଜୟ ଲକ୍ଷ୍ୟ ପିଛା କରି ବ୍ୟାଟିଂ ଆରମ୍ଭ କରିଥିଲା ଇଂଲଣ୍ଡ। ଭାରତୀୟ ବୋଲର ଇଂଲଣ୍ଡକୁ ଘାଇଲା କରିଥିଲେ। ଟାର୍ଗେଟର ପିଛା କରି ଇଂଲଣ୍ଡ ମାତ୍ର ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ୭୯ରନରେ ବିଜୟ ହାସଲ କରିଥିଲା ଭାରତ। ଫାଇନାଲରେ ଭାରତ ପକ୍ଷରୁ ରାଧିକା ପ୍ରସାଦ ଘାତକ ବୋଲିଂ କରି ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ସେ ୩.୨ ଓଭର ବୋଲିଂ କରି ୧୯ରନ ଦେଇ ୪ଟି ୱିକେଟ ଅକ୍ତିଆର କରିଥିଲେ। ଅଧିନାୟକ ବିକ୍ରାନ୍ତ କେନି ରବିନ୍ଦ୍ର ସାନ୍ତେ ୨ଟି ଲେଖାଏଁ ୱିକେଟ ନେବାରେ ସଫଳ ହୋଇଥିଲେ।

# ହୃଦୟ ଜିତିଲେ ନୀରଜ ଯୌତୁକରେ ଆଣିଲେ ଗୋଟିଏ ଟଙ୍କା ଓ ଗୋଟିଏ ସୁର୍ଣ୍ଣମୁଦ୍ରା

**ନୂଆଦିଲ୍ଲୀ, ୨୨।୧:** ହିମାଚଳ ପ୍ରଦେଶର ସୋଲାନର କୁମାରହାଟି-ନାହାନ ଜାତୀୟ ରାଜପଥ-୫ ସ୍ଥିତ ଗାନ୍ଧୀଗ୍ରାମ ନିକଟରେ ଏକ ଘରୋଇ ରିସର୍ଟରେ ନୀରଜ ଚୋପ୍ରା ଏବଂ ହିମାନି ମୋର ବିବାହ କରିଛନ୍ତି। ଏହି ବିବାହରେ ବର ଏବଂ କନ୍ୟା ପରିବାର ପକ୍ଷରୁ କେବଳ ୬୬ ଜଣ ଲୋକ ଯୋଗ ଦେଇଥିଲେ। ସମସ୍ତ ବିବାହ ରୀତିନୀତି ୧୫ରୁ ୧୭ ଜାନୁଆରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଜାନୁଆରୀ ୧୬ ତାରିଖରେ ସୋଲାନରେ ସୋନିପତର ହିମାନୀ ମୋରଙ୍କୁ ବିବାହ କରିଛନ୍ତି। ବିବାହ ପରେ ଦୁହେଁ ଆମେରିକା ଚାଲିଯାଇଛନ୍ତି। ସେ ମେ'ରେ ଭାରତ ଫେରିବାର ସମ୍ଭାବନା ଅଛି। ପରିବାର ପକ୍ଷରୁ କୁହାଯାଇଛି ଯେ ତାଙ୍କ ଫେରିବା ପରେ ହିଁ ଏକ ସ୍ୱାଗତ ସମାରୋହର ଆୟୋଜନ କରାଯିବ। ବିବାହ ଉତ୍ସବ ସମୟରେ ନୀରଜ ନିର୍ବନ୍ଧ, ବିବାହ ଏବଂ ବିଦାୟ ପାଇଁ କେବଳ ଗୋଟିଏ ଟଙ୍କା ଏବଂ ଗୋଟିଏ ସୁନାମୁଦ୍ରା ନେଇଛନ୍ତି। ଉଭୟ ପରିବାର କୌଣସି ଯୌତୁକ ବିନା ବିବାହ କରିଛନ୍ତି। ନୀରଜ ଚୋପ୍ରାଙ୍କ କାକା ଭୀମ ଚୋପ୍ରା କହିଛନ୍ତି ଯେ ନୀରଜ ଏବଂ ହିମାନୀଙ୍କ ବିବାହ ଉଭୟ ପରିବାରର ଖୁସି ଏବଂ ସମ୍ମତିରେ ହୋଇଛି। ହିମାନୀଙ୍କ ବାପା ଚାନ୍ଦରାମ ମୋର କହିଛନ୍ତି ଯେ ଜାନୁଆରୀ ୧୬ ତାରିଖରେ ବିବାହ ପରେ, ନୀରଜ ଏବଂ ହିମାନୀ ଜାନୁଆରୀ ୧୭ ତାରିଖରେ ଲାଡ୍ରାସୋଲି ଗ୍ରାମସ୍ଥିତ ତାଙ୍କ ଘରକୁ ଆସିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁକୁ-ମୋହନ...

ଛାଡ଼ିଯାଇଥିବା ବିଜେଡି ନୂଆ ସରକାରକୁ ସମାଲୋଚନା କରିବାକୁ କୌଣସି ବାଟ ପାଉନଥିବାବେଳେ ଶେଷରେ ଏହି ଦୁଇ ନେତାଙ୍କୁ ନିଶାଣ କରିଥିଲା। ତେବେ ଖୋଲାଖୋଲି ଭାବେ କିଛି କହିବାକୁ ସାହସ କୁଳାଇ ପାରୁନଥିବାରୁ ନିଜର ଛଦ୍ମବେଶୀ ସୋସିଆଲ ମିଡିଆକୁ ଲଗାଇଥିଲା। ହେଲେ ଏବେ ସବୁକିଛି ଭୁଲ୍ ପ୍ରମାଣିତ ହୋଇଛି। ମୋହନଙ୍କ ନେତୃତ୍ୱ ଓ ଧର୍ମେନ୍ଦ୍ରଙ୍କ ଦିଗ୍‌ଦର୍ଶନ ଏବେ ରାଜ୍ୟ ସରକାରଙ୍କୁ ବେଶ୍ ଭଲ ଭାବେ ଆଗକୁ ବାଟ କଢ଼ାଇ ନେଉଛି।

ଦୁଇ ନେତାଙ୍କ ମଧ୍ୟରେ ଠିକଣା ତାଳମେଳ ଯୋଗୁଁ ରାଜ୍ୟରେ ମୋହନଙ୍କ ନେତୃତ୍ୱ ଓ କେନ୍ଦ୍ରରେ ଧର୍ମେନ୍ଦ୍ର ପ୍ରଭାବ କାମ ଦେଉଛି। ଡିଜିପି ଓ ପ୍ରବାସୀ ଭାରତୀୟ ଭଳି ଜାତୀୟ ସ୍ତରର ସମ୍ମିଳନୀ ପ୍ରଥମ ଥର ପାଇଁ ଓଡ଼ିଶାରେ ହୋଇନାହିଁ, ଅନେକ କେନ୍ଦ୍ରୀୟ ପ୍ରକଳ୍ପ ସମେତ ଅର୍ନ୍ତଜାତୀୟ ନିବେଶକାରୀମାନେ ଓଡ଼ିଶାମୁହାଁ ହୋଇଛନ୍ତି। ଆଗାମୀ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ଏବେଠାରୁ ଆଲୋଚନା ଚାଲିଥିବାବେଳେ ଛଦ୍ମବେଶୀ ସୋସିଆଲ ମିଡିଆକୁ ଲଗାଇ ଆଉ କିଛିଦିନ ସମାଲୋଚନା ଜାରି ରଖିଲେ ବିଜେଡି ଛାଏଁ ଛାଏଁ ଓଡ଼ିଶାରେ ଇତିହାସ ପାଲଟିଯିବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ୧୭ ପ୍ରକଳ୍ପକୁ...

କେମିକାଲ ୬୦ କୋଟି ଟଙ୍କା ବ୍ୟୟରେ କୁଇକ ଲାଇମ କାରଖାନା ପ୍ରତିଷ୍ଠା କରିବ। ସେହିଭଳି ଯାଜପୁର ଜିଲ୍ଲାରେ ୪ଟି ପ୍ରକଳ୍ପ ଥିବା ବେଳେ ରାୟଗଡା, ଝାରସୁଗୁଡା, ଅନୁଗୁଳ ଓ ଢେଙ୍କାନାଳରେ ଗୋଟିଏ ଲେଖାଏଁ ଏବଂ ଖୋର୍ଦ୍ଧାରେ ଦୁଇଟି ପ୍ରକଳ୍ପକୁ ଆଜି ମଂଜୁରୀ ମିଳିଛି।

### ୧୯ରେ...

ମିଳିଥିଲା। ଟିମ୍‌ର ସଦସ୍ୟମାନେ ଗୋଟିଏ ପରେ ଗୋଟିଏ ମାଓବାଦୀଙ୍କୁ ନିପାତ କରିଚାଲିଥିଲେ। ୨୧ ତାରିଖ ସୁଦ୍ଧା ମୋଟ ୧୪ ଜଣ ମାଓବାଦୀଙ୍କୁ ନିପାତ କରାଯିବା ସହ ସେମାନଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଅବଶ୍ୟ ଏହି ଏନ୍‌କାଉଣ୍ଟର୍‌ରେ ୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିବା ଶ୍ରୀ ଖୁରାନିଆ କହିଛନ୍ତି। ସମ୍ପୃକ୍ତ ଜଙ୍ଗଲରେ ଏବେ ବି ହାଇ ଆଲର୍ଟ ଜାରି ରହିଛି। ଓଡ଼ିଶା-ଛତିଶଗଡ଼ ସୀମାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି। ତେଣୁ କୌଣସି ବି ମାଓବାଦୀ ରାଜ୍ୟ ଭିତରକୁ ପ୍ରବେଶ କରିବାର ସାମାନ୍ୟତମ ସମ୍ଭାବନା ନାହିଁ। ଉକ୍ତ ଜଙ୍ଗଲରେ ଏବେ ବି ଆହୁରି ୨୦ରୁ ୪୦ ଜଣ ମାଓବାଦୀ ସକ୍ରିୟ ଥିବା ଡିଜି କହିଛନ୍ତି। ଅପରେସନ୍ ସମୟରେ ସୁରକ୍ଷାକର୍ମୀମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିବା ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ବିରୋଧରେ ଏହି ଅପରେସନରେ ପ୍ରେମ ପାଇଁ ଗଲା ଚଲପତିର ଜୀବନ। ମାଓବାଦୀଙ୍କ କେନ୍ଦ୍ରୀୟ କମିଟିର ବଡ଼ ନେତା ଥିଲା ଚଲପତି । ଗରିଲା ଯୁଦ୍ଧରେ ଥିଲା ସିଦ୍ଧହସ୍ତ । ଆମ୍ବୁସ୍ କରି ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିବାରେ ଥିଲା ମାହିର । ସେଥିପାଇଁ ତ ଭିନ୍ନ ଭିନ୍ନ ସମୟରେ ତାକୁ ବଡ଼ ବଡ଼ ଅପରେସନ୍ ସମ୍ଭାଳିବାକୁ ଦେଉଥିଲେ। ହେଲେ ତାଙ୍କ ପାଇଁ ପ୍ରେମକରିବା ପଡିଲା ମହଙ୍ଗା । ଚଲପତି ନିଜ ଠାରୁ ୨୦ ବର୍ଷ ସାନ ମାଓ ନେତ୍ରୀ ଅରୁଣାଙ୍କ ପ୍ରେମର ପଡିଥିଲେ । ଏହି ଘଟଣାକୁ ନେଇ ଆନ୍ଧ୍ର ଓ ଛତିଶଗଡ ମାଓ କମାଣ୍ଡର ଦୁଇ ଭାଗ ହୋଇଗଲେ । ଅରୁଣାଙ୍କୁ ବିବାହ କରିବାରୁ ଏକ ବର୍ଷ ପାଇଁ ସଙ୍ଗଠନରୁ ନିଲମ୍ବିତ ହୋଇଥିଲେ ଚଲପତି। ସବୁଠୁ ବଡ କଥା ହେଲା ତାଙ୍କର ଏହି ପ୍ରେମ ରହସ୍ୟ ଖୋଲିଦେଲା ସେଲଫି । ସ୍ତ୍ରୀ ସହ ଗୋଟିଏ ସେଲଫି ହେଲା କାଳ ହୋଇଥିଲା।

### ମୋହନଙ୍କ...

ଲେଖାଏଁ ସ୍ମାର୍ଟ ସ୍କୁଲ ପ୍ରତିଷ୍ଠା ହେବ। ଗୋଟିଏ ବିଦ୍ୟାଳୟ ପିଛା ୪ରୁ ୫ କୋଟି ଟଙ୍କା ଖର୍ଚ୍ଚ ହେବ। ୪ ବର୍ଷ ଭିତରେ ଏହି କାର୍ଯ୍ୟ ଶେଷହେବ। ଚଳିତ ଆର୍ଥିକ ବର୍ଷରୁ ୧୧୪ ପ୍ରାଥମିକ ବିଦ୍ୟାଳୟରୁ ଏହି କାର୍ଯ୍ୟର ଶୁଭାରମ୍ଭ ହେବ। ଏଥିପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି କ୍ୟାବିନେଟ୍‌ରେ ଅର୍ଥ ବିଭାଗର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଷୋଡ଼ଶ ଅର୍ଥ କମିଶନ୍ ଆସନ୍ତା ୫ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବାକୁ ଥିବା ବେଳେ ଆଗାମୀ ୫ ବର୍ଷର ଯୋଜନା ସମ୍ପର୍କରେ କମିଶନ୍‌ଙ୍କୁ ଅବଗତ କରାଯିବ। ଏହି ଯୋଜନାର ମୂଲ୍ୟ ପାଖାପାଖି ୧୨ ଲକ୍ଷ ୫୦ ହଜାର ୧୪୮ କୋଟି ଟଙ୍କା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆହୁରି ସେମି କଣ୍ଡକ୍ଟର ନିର୍ମାଣ ପାଇଁ ଆରଆଇଆର ପାୱାର କମିଶନ ଲିମିଟେଡ୍‌କୁ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ୩୦ ପ୍ରତିଶତ ଆର୍ଥିକ ସହାୟତା ଦିଆଯାଉଥିବା ବେଳେ ଏବେ ଏହାକୁ ୫୦ ପ୍ରତିଶତ କରାଯିବ। ଏ ବାବଦରେ ରାଜ୍ୟ ସରକାରଙ୍କୁ ଅତିରିକ୍ତ ୧୧୦ କୋଟି ଟଙ୍କା ବ୍ୟୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଛନ୍ତି।ଏହାଛଡ଼ା ଶୀତଳଭଣ୍ଡାର ପାଇଁ ପୁଞ୍ଜି ବିନିଯୋଗ ସବସିଡି ଜରିଆରେ ୬୦ ପ୍ରତିଶତ ସବସିଡି ଯୋଗାଇ ଦିଆଯିବ। ସାଢ଼େ ୬ କୋଟି ଟଙ୍କାର ଆର୍ଥିକ ସହାୟତା ଉପରେ ସବସିଡି ଦିଆଯିବ। ୪ଟି ସ୍ଲାବରେ ଏହି ସହାୟତା ଯୋଗାଇ ଦିଆଯିବା ସହ ବିଦ୍ୟୁତ ସବସିଡି ବି ପ୍ରଦାନ କରାଯିବ। ଅଣକାର୍ଯ୍ୟକ୍ଷମ ଶୀତଳଭଣ୍ଡାରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଥମେ ତଦନ୍ତ ହେବ ଓ ଏହାପରେ କେଉଁସବୁ ଶୀତଳଭଣ୍ଡାରକୁ ପୁନଃକାର୍ଯ୍ୟକ୍ଷମ କରାଯିବ, ସେନେଇ ନିଷ୍ପତ୍ତି ନିଆଯିବ। ସେଥିପାଇଁ ମଧ୍ୟ ସରକାର ପାଖାପାଖି ଦେଢ଼ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦାଖଲ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ଦିଆଯାଇଛି। ଗ୍ରାମାଞ୍ଚଳର ତ୍ୱରିତ ବିକାଶ ପାଇଁ ନୂଆ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା ଆରମ୍ଭ ହୋଇଥିବା ବେଳେ ଏହି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି। ଚଳିତ ଆର୍ଥିକ ବର୍ଷ ୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରତି ବର୍ଷ ୧ ହଜାର କୋଟି ଟଙ୍କାର ବ୍ୟୟବରାଦ ହେବ। ଆସନ୍ତା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ସବୁ ନିଷ୍ପତ୍ତି ଗ୍ରାମସଭା ନେବ ଓ ପରେ ଜିଲ୍ଲାପାଳ ଅନୁମୋଦନ କରିବେ। ଏଥିପାଇଁ ୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଆହୁରି ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ନିୟମାବଳୀରେ କେତେକ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଡାକ୍ତର ଅଭାବଜନିତ ସମସ୍ୟା ଦୂର କରିବା ସକାଶେ ୫ ହଜାର ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ସେହିପରି ୧୨୬ ଜଣ ଦନ୍ତ ଚିକିତ୍ସକଙ୍କ ନିଯୁକ୍ତି ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁର କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ତା'ଛଡ଼ା ଶକ୍ତି ବିଭାଗର ଗୋଟିଏ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ଆଇନ ବିଭାଗର ଗୋଟିଏ ସଂଶୋଧନରେ କ୍ୟାବିନେଟ ମୋହର ମାରିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ଉଦ୍‌ଘାଟନ...

ପରିଚାଳନା କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଜାନୁଆରୀ ୨୮ ତାରିଖ ସକାଳ ୮ଟା ୩୫ ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ବାୟୁସେବା ବିମାନ ଯୋଗେ ବାହାରି ପୂର୍ବାହ୍ନ ୧୦ଟା ୩୫ରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚି ପୂର୍ବାହ୍ନ ୧୦ଟା ୫୫ରେ ଜନତା ମୈଦାନରେ ପହଞ୍ଚିବେ ଏବଂ ୧୧ଟା ରୁ ୧୨ଟା ୩୦ ପର୍ଯ୍ୟନ୍ତ 'ଉତ୍କର୍ଷ ଓଡ଼ିଶା'-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ଣ ୧୨ଟା ୫୫ ମିନିଟରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ଉତ୍ତରାଖଣ୍ଡ ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମସ୍ଥଳ ଓ ତାଙ୍କର ଯିବାଆସିବା ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି କମିଶନରରେଟ ପୁଲିସ ତରଫରୁ ଭୁବନେଶ୍ୱର ସହରରେ ସୁରକ୍ଷା କଡାକଡି କରାଯିବ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାରକେଡ ବ୍ୟବସ୍ଥା ଏବଂ ବିମାନର ସୁରକ୍ଷା ବ୍ୟବସ୍ଥା ପାଇଁ କଡା ସୁରକ୍ଷା ବ୍ୟବସ୍ଥା ରହିବ। ବୈଠକରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ, ମଞ୍ଚ ପ୍ରସ୍ତୁତି, ଇଣ୍ଟରନେଟ୍ ସୁବିଧା, ଗଣମାଧ୍ୟମ ପରିଚାଳନା ସହ ସମ୍ବାଦ ସରବରାହ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ପୂର୍ବଥର ଭଳି ରାଜ୍ୟ ଗୃହ ବିଭାଗ ପକ୍ଷରୁ ମଧ୍ୟ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ।

### ୧୨ ମୃତ...

ଏକ୍ସପ୍ରେସରେ ନିଆଁ ଲାଗିଥିବା ଗୁଜବ ପ୍ରଚାର ହୋଇଯାଇଥିଲା। ଏଥିରେ କୌଣସି ଯାତ୍ରୀ ଚେନ୍ ଭିଡ଼ିବା ଫଳରେ ଟ୍ରେନ୍‌ଟି ଅଟକିଥିଲା। ଏହି ସମୟରେ ଯାତ୍ରୀମାନେ ବାହାରକୁ ଆସି ପାଖ ଟ୍ରାକ୍‌ରେ ଛିଡ଼ା ହୋଇଥିଲେ। ତେବେ ଏହି ସମୟରେ କର୍ଣ୍ଣାଟକ ଏକ୍ସପ୍ରେସ୍ ଦ୍ରୁତ ଗତିରେ ଆସି ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଟ୍ରେନ୍‌ଟି ଏକ ବୁଲାଣିରୁ ଆସିବା ଫଳରେ ଯାତ୍ରୀମାନେ ଏନେଇ ଜାଣିପାରି ନଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ପୁଷ୍ପକ ଏକ୍ସପ୍ରେସ୍‌ରେ ଏକ କୋଚ୍‌ରେ ବ୍ରେକ୍ ବାଇଣ୍ଡିଂ କାରଣରୁ ଧୂଆଁ ବାହାରିବା ଫଳରେ ଏହାକୁ ଯାତ୍ରୀମାନେ ନିଆଁ ବୋଲି ଭାବି ଭୟଭୀତ ହୋଇଯାଇଥିଲେ। ଏହି ଘଟଣାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହାଛଡ଼ା ଆହତମାନଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ସ୍ୱିଜରଲାଣ୍ଡ୍ ଗସ୍ତରେ ଥିବା ଶ୍ରୀ ଫଡନବୀସ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି।

### ଉତ୍କର୍ଷ...

ଦେଶ ନୁହେଁ ବିଦେଶର ଶିଳ୍ପପତିଙ୍କୁ ଆମନ୍ତ୍ରଣ କରିଛନ୍ତି ରାଜ୍ୟ ସରକାର। ଅଷ୍ଟ୍ରେଲିଆ, ମାଲେସିଆ, ଜାପାନ, ଜର୍ମାନୀ, ୟୁକେ, ସିଙ୍ଗାପୁରର ନିବେଶକ ଉତ୍କର୍ଷ ଓଡ଼ିଶାରେ ସାମିଲ ହେବାକୁ ସମ୍ମତି ଦେଇଛନ୍ତି। ଫର୍ଚ୍ୟୁନ ୫୦୦ କମ୍ପାନିରୁ ୧୦୦ କମ୍ପାନୀର ପ୍ରତିନିଧି ଏହି ଶିଳ୍ପ ମହାକୁମ୍ଭରେ ଯୋଗଦେବେ ବୋଲି ସେ କହିଛନ୍ତି । ସେହିଭଳି ଉତ୍କର୍ଷ ଓଡ଼ିଶା ଭଳି ବଡ ପ୍ଲାଟଫର୍ମରେ ଯୁବ ଉଦ୍ୟୋଗୀଙ୍କୁ ସମ୍ମାନିତ କରିବେ ସରକାର । ଲୋକାଲ ଫର ଭୋକାଲ ନୀତିରେ ଜିଲ୍ଲାସ୍ତରର ଉଦ୍ୟୋଗୀଙ୍କ ମନରେ ଜୋଶ ଭରିବେ।

୨ ଦିନ ଧରି ଚାଲିବାକୁ ଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଓଡ଼ିଶାରେ ଶିଳ୍ପ ପାଇଁ ଥିବା ଅପାର ସମ୍ଭାବନା ବାବଦରେ ନିବେଶକଙ୍କୁ ଜଣାଇବେ। ବିକଶିତ ଭାରତ ପାଇଁ ଓଡ଼ିଶାକୁ ଫୋକସରେ ରଖିଛନ୍ତି ପ୍ରଧାନମନ୍ତ୍ରୀ। ଯେଉଁଥିପାଇଁ ଓଡ଼ିଶାକୁ ସିରିଜ ଗସ୍ତ କରୁଛନ୍ତି ମୋଦୀ । ଗତ ୭ ମାସରେ ୪ଥର ଓଡ଼ିଶା ଆସିଲେଣି। ଓଡ଼ିଶାର ବିକାଶ ସହ ବିଶ୍ୱସ୍ତରରେ କିଭଳି ଗୁରୁତ୍ୱ ବଢ଼ିବ ସେନେଇ ଶୀର୍ଷସ୍ତରରେ ପ୍ରସ୍ତୁତ ହେଉଛି ରୋଡମ୍ୟାପ।

ବିଶ୍ୱ ତଥା ଦେଶର ବଡ଼ ବଡ଼ ଶିଳ୍ପପତି ଓଡ଼ିଶାରେ ନିବେଶ ପାଇଁ ସୁଯୋଗ ଖୋଜୁଥିବା ବେଳେ ଉତ୍କର୍ଷ ଓଡ଼ିଶା ସାଜିବ ମାଧ୍ୟମ। କିଭଳି ବିଦେଶରୁ ନିବେଶ ଆସିବ ସେଥିପାଇଁ ସିଙ୍ଗାପୁର, ମୁମ୍ବାଇ ଓ ଦିଲ୍ଲୀରେ ରୋଡ ସୋ କରିଛି ଓଡ଼ିଶା । ଏବେ ଉତ୍କର୍ଷ ଓଡ଼ିଶା ଜରିଆରେ ଶିଳ୍ପ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ କେବେ ପୂର୍ଣ୍ଣ ହେବ ତାହାକୁ ଅପେକ୍ଷା।

### ଗଠନ ହେଲା...

କରାଯାଇଛି, ତା'ର ମଧ୍ୟ ଆୟୋଗ ସମୀକ୍ଷା କରିବେ। ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ରାଜ୍ୟପାଳ ନିଜର କ୍ଷମତାର ଉପଯୋଗ କରି ରାଜ୍ୟ ଷଷ୍ଠ ଅର୍ଥ ଆୟୋଗର ଗଠନ କରିଛନ୍ତି। ଆୟୋଗର ଅଧ୍ୟକ୍ଷ ଶ୍ରୀ ପଣ୍ଡା ରହିଥିବା ବେଳେ ଏକ୍ସଆଇଏମବି ପ୍ରଫେସର ଅସିତ୍ ରଞ୍ଜନ ମହାନ୍ତି, ପୁଡୁଚେରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ପ୍ରଫେସର ଅମରେଶ ସାମନ୍ତରାୟ, ଟାଟା ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ (ଟିଆଇଏସଏସ)ର ଡଃ ବିଭୁପ୍ରସାଦ ନାୟକ ସଦସ୍ୟ ଏବଂ ସଦସ୍ୟ ସଚିବ ଭାବେ ଅର୍ଥ ବିଭାଗର ଅତିରିକ୍ତ ସଚିବ ଡଃ ସତ୍ୟପ୍ରିୟ ରଥ ରହିଛନ୍ତି। ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟଙ୍କ କାର୍ଯ୍ୟକାଳ ବିଜ୍ଞପ୍ତି ପ୍ରକାଶ ପାଇବାର ୬ମାସ ପର୍ଯ୍ୟନ୍ତ ରହିବ। ସଦସ୍ୟ ସଚିବଙ୍କ ବ୍ୟତୀତ ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ଆୟୋଗରେ ପୂର୍ଣ୍ଣକାଳୀନ ଅବା ପାର୍ଟଟାଇମ୍ ସେବା ପ୍ରଦାନ କରିପାରିବେ । ସଦସ୍ୟ ସଚିବ ଶ୍ରୀ ରଥ ନିଜର କାର୍ଯ୍ୟ ସହ ଆୟୋଗ ନିମନ୍ତେ ପୂର୍ଣ୍ଣକାଳୀନ ସେବା ଦେବେ। ଆୟୋଗ ତାଙ୍କ ରିପୋର୍ଟରେ ଯେଉଁସବୁ ସୁପାରିସ୍ କରିବେ, ତାହା କେଉଁ ମାନକ ଆଧାରରେ ପ୍ରସ୍ତୁତ କରିଛନ୍ତି ସେନେଇ ସରକାରଙ୍କୁ ଅବଗତ କରାଇବେ।

### ୧୫୭ ପୁରୁଷ...

ଆହୁରି କହିଛନ୍ତି ଯେ ଅଦ୍ୟାବଧି ସୁଭଦ୍ରା ପାଇଁ ୧ କୋଟି ୭ ଲକ୍ଷ ମହିଳା ହିତାଧିକାରୀ ଆବେଦନ କରିଛନ୍ତି। ଏମପିସିଆଇ ପେଣ୍ଡିଂ ୨ ଲକ୍ଷରୁ ଅଧିକ ଥିଲା। ଯେଉଁମାନେ ବାହାରକୁ କାମ ପାଇଁ ଯାଇଛନ୍ତି, ସେମାନଙ୍କ ଫଟୋ ଉଠିବା ଦରକାର। ସେଥିପାଇଁ ସେମାନଙ୍କୁ ସୁଭଦ୍ରା ସହାୟତା ଦିଆଯାଇପାରୁନାହିଁ। ସେହିପରି ରାଜ୍ୟ ବାହାରେ ଯେଉଁ ମହିଳା ହିତାଧିକାରୀ ଅଛନ୍ତି, ସେମାନେ ବି ସୁଭଦ୍ରାରେ ଆବେଦନ କରିପାରିବେ। ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, କୋରାପୁଟ,ବଲାଙ୍ଗିର ଓ ଦେବଗଡ଼ ଆଦି ଜିଲ୍ଲାରେ ବହୁତ ମହିଳା ହିତାଧିକାରୀ ବାହାର ରାଜ୍ୟରେ କାମ କରୁଛନ୍ତି। ସେମାନଙ୍କୁ କିପରି ସୁଭଦ୍ରା ସହାୟତା ଦିଆଯାଇପାରିବ, ସେଥିପାଇଁ ସରକାର ଉଦ୍ୟମ କରୁଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

### ସମାନ୍ତରାଳରେ...

ସେପରି ସଫଳତା କୌଣସି ସରକାର ପାଇପାରିନାହିଁ ବୋଲି ପ୍ରଭାରୀ କହିଛନ୍ତି।

ସେହିପରି ଦଳ ଗତ ନିର୍ବାଚନ ପୂର୍ବରୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା, ତାକୁ ମଧ୍ୟ ପୂରଣ କରିଚାଲିଛି ବୋଲି ଶ୍ରୀ ତୋମାର କହିଛନ୍ତି। ସେହିପରି ଦଳୀୟ ନେତୃବର୍ଗ ଓ କର୍ମୀ ସବୁ ପ୍ରକାର ନିର୍ବାଚନ ପାଇଁ ସବୁବେଳେ ନିଜକୁ ପ୍ରସ୍ତୁତ ରଖିଛନ୍ତି। ବିଗତ ଦିନରେ ଦଳ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ କ୍ରମାଗତ ଭାବେ ବଢ଼ିଚାଲିଥିବାରୁ ୭୦ ଲକ୍ଷରୁ ଅଧିକ ସଦସ୍ୟ ବିଜେପି ସହ ଯୋଡ଼ି ହୋଇଛନ୍ତି ବୋଲି ଶ୍ରୀ ତୋମାର୍ କହିଛନ୍ତି। ଏହି ଅବସରରେ ରାଜ୍ୟ ବିଜେପିର ନୂଆ ସଭାପତି ନିର୍ବାଚନ ସମ୍ପର୍କରେ ଶ୍ରୀ ତୋମାର୍ କହିଛନ୍ତି ଯେ ଚଳିତ ମାସରେ ହିଁ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହେବ।

## ଚାଷୀଙ୍କ ଆୟ ବଢ଼ାଉଛି ସମନ୍ୱିତ କୃଷି ପ୍ରଣାଳୀ

### ବ୍ରଜବଲ୍ଲଭପୁର ଓ ନାଟୁଗାଁରେ ଜଳ ବିଭାଜିକା ଯାତ୍ରା



**ନୟାଗଡ଼,୨୨।୧ (ସଂଚାର ବ୍ୟୁରୋ):** ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଦ୍ୱାରା ସଦରବ୍ଲକ ଘଡୁଆଳ ପଞ୍ଚାୟତ ବ୍ରଜବଲ୍ଲଭପୁର ଗାଁରେ ଜଳ ବିଭାଜିକା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳୀଚରଣ ବେହେରା ଉପସ୍ଥିତ ରହିଥିଲେ । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଜଳ ବିଭାଜିକା ମାଧ୍ୟମରେ କ୍ଷେତ ପୋଖରୀ ଖନନ ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ପାଉଥିବା କହିଥିଲେ । ତତସହିତ ଚାଷୀମାନଙ୍କ ଆୟ ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ବହୁ ଗୁଣିତ ହେଉଥିବା କହିଥିଲେ । ଜୈବିକ ପଦ୍ଧତୀରେ ଫସଲ କରି ଆମେ ଖାଇବାକୁ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଜଳ ବିଭାଜିକା ଏକ ଚାଷ କ୍ଷେତ୍ରରେ ଆନ୍ଦୋଳନରେ ପରିଣତ ହୋଇଥିବା କହିଥିଲେ । ଚାଷୀଙ୍କୁ ସ୍ୱାବଲମ୍ବୀ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ଭାବେ ବିଭିନ୍ନ ସ୍ଥାନରେ ରହିଥିବା ଅଣୁ ଜଳବିଭାଜିକା କାର୍ଯ୍ୟକର୍ତ୍ତାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା । ସେହିଭଳି ଭାବେ ନାଟୁଗାଁଠାରେ ମଧ୍ୟ ଜଳ ବିଭାଜିକା ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ଶତପଥି ଉପସ୍ଥିତ ରହିଥିଲେ । ଉଭୟ କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ ।

# ଭିତରକନିକାରେ କୁମ୍ଭୀରଙ୍କ ସଂଖ୍ୟା ୧୮୨୬କୁ ବୃଦ୍ଧି



**ରାଜନଗର,୨୨।୧ (ସଂଚାର ବ୍ୟୁରୋ):** ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଶରୀସୃପଙ୍କ ନନ୍ଦନକାନନ ଭାବେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି। ଗତ ବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳ ଗୁଡିକରେ ୧୮୧୧ଟି ବଉଳାକୁମ୍ଭୀର ଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧୮୨୬କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷ ଠାରୁ ଚଳିତ ବର୍ଷ ୧୫ଟି କୁମ୍ଭୀର ଅଧିକ ଥିବା ଚଳିତ ବର୍ଷର କୁମ୍ଭୀର ଗଣନା ରିପୋର୍ଟରୁ ଜଣାପଡ଼ିଛି। ଚଳିତ ବର୍ଷ ଭିତରକନିକାରେ କନିକା ରେଞ୍ଜର ପାଟଶାଳାମାଉଥରୁ ଏଫଆରଏଚଜେଠି ମଧ୍ୟରେ ୨ଟି, ଏଫଆରଏଚ ଜେଠିରୁ ଖୋଲାମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ଗୋଟିଏ ୨୦ଫୁଟରୁ ଅଧିକ ଲମ୍ବର ବଉଳା କୁମ୍ଭୀରକୁ ବନବିଭାଗ ଗଣନା ଟିମ୍ ଗଣନା ସମୟରେ ଠାବ କରିଛି। ଚଳିତ ମାସ ୧୯ ତାରିଖରୁ ୨୧ ତାରିଖ ଯାଏଁ ୩ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା। ବରିଷ୍ଠ ଜୀବ ବିଜ୍ଞାନୀ, ଗବେଷକ, କୁମ୍ଭୀର ବିଶାରଦ ଡ଼. ସୁଧାକର କରଙ୍କ ନେତୃତ୍ୱରେ ୨୨ଟି ଟିମ୍ କୁମ୍ଭୀର ଗଣନା କରିଥିଲେ। ଏହି ଗଣନା ସମୟରେ କୁମ୍ଭୀରଶାବକ (ଛୁଆ) ଅର୍ଥାତ୍ ୨ ଫୁଟରୁ କମ ଲମ୍ବର କୁମ୍ଭୀର ୫୮୫ଟି, ବର୍ଷିକିଆ ଛୁଆ ଅର୍ଥାତ୍ ୨ ରୁ ୩ ଫୁଟିଆ କୁମ୍ଭୀର ୪୦୩ଟି, ଦୁଇ ବର୍ଷିଆ ଛୁଆ ଅର୍ଥାତ୍ ୩ ରୁ ୬ ଫୁଟ ଲମ୍ବର କୁମ୍ଭୀର ୩୨୮ ଟି, ୪ ରୁ ୫ ବର୍ଷର ଅର୍ଥାତ୍ ୬ ରୁ ୮ ଫୁଟ ଲମ୍ବର କୁମ୍ଭୀର ୧୬୪ଟି ଦେଖିବାକୁ ମିଳିଥିବା ବେଳେ ବଡ କୁମ୍ଭୀର ଅର୍ଥାତ ୮ ଫୁଟରୁ ଅଧିକ ଲମ୍ବର ୩୪୬ଟି କୁମ୍ଭୀର ଗଣନା ବେଳେ ଠାବ କରାଯାଇଛି ବୋଲି ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି। ୧୯୭୬ ମସିହା ଠାରୁ ଭିତରକନିକାରେ କୁମ୍ଭୀର ଗଣନା କରାଯାଉଛି। ହୁଲିଡଙ୍ଗାରେ ପାରମ୍ପାରିକ ପଦ୍ଧତି ସହିତ ପଲିଗନ ସର୍ଚ୍ଚ ଆପ୍ ମାଧ୍ୟମରେ କୁମ୍ଭୀର ଗଣନା କରାଯାଇଥିଲା। ଚଳିତବର୍ଷ କୁମ୍ଭୀର ଗଣନା ପକ୍ରିୟାକୁ ୫୦ବର୍ଷ ପୁରିଛି। ଏହି ଗଣନା ସୂର୍ଯ୍ୟ ଉଦୟ ଏବଂ ସୂର୍ଯ୍ୟାସ୍ତ ପରେ ଅନ୍ଧାର ପକ୍ଷରେ କରାଯାଏ। ଏଠାରେ ସୂଚନାଯୋଗ୍ୟ ଯେ, ସତୁରୀ ଦଶକ ମଧ୍ୟ ଭାଗ୍ୟରେ କୁମ୍ଭୀରମାନଙ୍କୁ ନେଇ କରାଯାଇଥିବା ସର୍ଭେରେ ଭାରତରେ କୁମ୍ଭୀର ମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡ଼ିଥିଲା। ଏହାପରେ କୁମ୍ଭୀର ମାନଙ୍କର ବଂଶବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ ଆମେରିକାର ୱାସିଂଟନ ଡିସି ଠାରେ ଆୟୋଜିତ ବିଶ୍ୱ ବନ୍ୟଜୀବ କର୍ମଶାଳାରେ ବଉଳା କୁମ୍ଭୀରମାନଙ୍କ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାର ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ଆନ୍ତର୍ଯ୍ୟାତୀୟ ଖ୍ୟାତି ସମ୍ପନ୍ନ ସାମୁଦ୍ରିକ ପ୍ରାଣୀ ବିଶେଷଜ୍ଞ ଡ଼. ଏଚ୍.ଆର୍. ବଷ୍ଟାର୍ଡ ଓଡ଼ିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ବୋଲି ଚିହ୍ନଟ କରିଥିଲେ।

**ବର୍ଷୱାରୀ କୁମ୍ଭୀର ଗଣନା ରିପୋର୍ଟ**

| ବର୍ଷ | ଛୁଆ | ବର୍ଷିକିଆ | ଦୁଇବର୍ଷିଆ | ୪ରୁ୫ ବର୍ଷ | ୮ ବର୍ଷରୁବଡ | ମୋଟ୍ |
|---|---|---|---|---|---|---|
| ୨୦୨୦-୨୧ | ୫୯୩ | ୩୬୭ | ୩୨୦ | ୧୫୨ | ୩୩୬ | ୧୭୬୮ |
| ୨୦୨୧-୨୨ | ୫୬୪ | ୩୭୮ | ୩୩୮ | ୧୫୮ | ୩୪୬ | ୧୭୮୪ |
| ୨୦୨୨-୨୩ | ୫୬୯ | ୩୮୮ | ୩୨୫ | ୧୬୬ | ୩୪୫ | ୧୭୯୩ |
| ୨୦୨୩-୨୪ | ୫୮୨ | ୩୮୭ | ୩୨୭ | ୧୬୭ | ୩୪୮ | ୧୮୧୧ |
| ୨୦୨୪-୨୫ | ୫୮୫ | ୪୦୩ | ୩୨୮ | ୧୬୪ | ୩୪୬ | ୧୮୨୬ |

### ଅସ୍ତରଙ୍ଗ ଓ ଏଡ଼ବାଂଶରେ ଧାନକିଣା ଆରମ୍ଭ

## ଖୋଲିଲା ଧାନ ମଣ୍ଡି, ଆଶ୍ୱସ୍ତି ହେଲେ ଚାଷୀ



**କାକଟପୁର/ଅସ୍ତରଙ୍ଗ,୨୨।୧(ସଂଚାର ବ୍ୟୁରୋ):** ଖରିଫ ଋତୁ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ଶେଷ ପର୍ଯ୍ୟାୟ ରେ ଖୋଲିଲା ୨ଟି ଧାନ ମଣ୍ଡି। ଏଣିକି ଚାଷୀ ମାନେ ନିଜ କଷ୍ଟ ଅର୍ଜିତ ଫସଲ ବିକ୍ରି କରି ପାରିବେ । ପୁରୀ ଜିଲ୍ଲା ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଂ ଅସ୍ତରଙ୍ଗ ଶାଖା ଅଧୀନ ଅସ୍ତରଙ୍ଗ ଓ ଏଡ଼ବାଂଶ ସେବା ସମବାୟ ସମିତି ତରଫରୁ ବୁଧବାର ଧାନମଣ୍ଡିରେ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ଅସ୍ତରଙ୍ଗ ସେବା ସମବାୟ ସମିତିର ସଭାପତି ବାଉରୀବନ୍ଧୁ ନାୟକ ଙ୍କ ସଭାପତିତ୍ୱ ରେ ଅତିଥି ଭାବେ ନିର୍ଦ୍ଦେଶକ କୁଞ୍ଜ ବିହାରୀ ପ୍ରଧାନ, ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ମଣ୍ଡି ନୋଡାଲ ଅଧିକାରୀଣୀ ନିବେଦିତା ପଟ୍ଟନାୟକ, ସୁଜିତ କୁମାର, ଅସ୍ତରଙ୍ଗ ସେବା ସମବାୟ ସମିତି ସମ୍ପାଦକ କାଳନ୍ଦୀ ପ୍ରଧାନ, ଡି. ଓ ଲିଜା ରାୟ ଓ ଏଡ଼ବାଂଶ ସମିତିର ସଭାପତି ସରୋଜକାନ୍ତ ମୁଦୁଲି ଙ୍କ ସଭାପତିତ୍ୱରେ ଅତିଥି ଭାବେ ସ୍ଥାନୀୟ ଅଞ୍ଚଳ ସମାଜସେବୀ ପ୍ରତାପ ପରିଡା, ସରପଞ୍ଚ ଦୀପକ ପରିଡା, ସମିତି ସଭ୍ୟ ଅମୀୟ ରଞ୍ଜନ ସେଠି, ଅଶୋକ ପଢ଼ିୟାରୀ,ହଟକିଶୋର ବିଶ୍ୱାଳ,ପ୍ରଫୁଲ୍ଲ ସେନାପତି, ରାଜା ମହାନ୍ତି, ଦିବାକର ସାହୁ, ବିଜୟ ପଢ଼ିୟାରୀ,ରମାରଞ୍ଜନ ସେନାପତି, ପ୍ରଣୟ ସେନାପତି,ଏଡ଼ବାଂଶ ସେବା ସମବାୟ ସମିତି ସମ୍ପାଦକ ପ୍ରକାଶ ମହାନ୍ତି, ମଣ୍ଡି ନୋଡାଲ ଅଧିକାରୀ ବିଶ୍ୱଜିତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।ଚଳିତ ବର୍ଷ ଅସ୍ତରଙ୍ଗ ବ୍ଲକର ୧୦ଟି ସେବା ସମବାୟ ସମିତିରେ ୨୭୧୩ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି। ଧାର୍ଯ୍ୟ ବାରରେ ସକାଳ ୮ଟାରୁ ଦିନ ୨ଟା ମଧ୍ୟରେ ଧାନ ବିକ୍ରି କରି ପାରିବେ ଚାଷୀ। ତେବେ ସାଧାରଣ ମାନ କୁଇଣ୍ଟାଲ ପିଛା ୨୩ଶହ ଟଙ୍କା ଏବଂ ଗ୍ରେଡ଼ ଏ ମାନର ଧାନ କୁଇଣ୍ଟାଲ ପିଛା ୨୩ଶହ ୨୦ଟଙ୍କା ରେ ସଂଗ୍ରହ କରାଯାଉଛି। ଚଳିତ ବର୍ଷ ଅସ୍ତରଙ୍ଗ ସେବା ସମବାୟ ସମିତି ରେ ୨୭୩ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୬ଜଣ ଚାଷୀ ୨ଶହ କୁଇଣ୍ଟାଲ ଧାନ ଓ ଏଡ଼ବାଂଶ ସେବା ସମବାୟ ସମିତିରେ ୧୩୧ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୧୧ଜଣ ଚାଷୀ ୫ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି।

## ବେଟି ବଚାଓ ବେଟି ପଢ଼ାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ପାଳନ



**ଖୋର୍ଦ୍ଧା,୨୨।୧(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଜି ଠାରୁ ଅର୍ଥାତ ୨୨ ଜାନୁଆରୀରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ ହେବା ପାଇଁ ଜିଲ୍ଲା ସ୍ତରରେ ନିଷ୍ପତି ହୋଇଥିବା ବେଳେ ଆଜି ଖୋର୍ଦ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭା ଗୃହରେ ଏହି ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନାର ୧୦ ବର୍ଷ ପୂର୍ତ୍ତିପାଳନର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଘାଟନ ପର୍ବକୁ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ପୌର ପରିଷଦର ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ କୁମାରି ପ୍ରହରାଜ, ଜିଲ୍ଲା ଶିକ୍ଷା ଅଧିକାରିଣୀ ସୋନାମିକା ରାୟ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ରଥ ପ୍ରମୁଖ ଯୋଗଦେଇ ପିଲାମାନେ କିପରି ପାଠ ପଢି ନିଜେ ସକ୍ଷମ ହୋଇପାରିବେ ଏବଂ ସେମାନଙ୍କର ମନବଳ କିପରି ବଢିବ ଯାହାକି ସମାଜରେ ଯେପରି ଝିଅ ମାନେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମଟି ଆୟୋଜନ ହୋଇଥିଲା।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଓ ୫୫ ହଜାର ଜରିମାନା

**ଜଗତସିଂହପୁର,୨୨।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିବା ମାମଲାରେ ଅଭିଯୁକ୍ତ ଦେବ ନାରାୟଣ ଦେବନାଥଙ୍କୁ ଫାଷ୍ଟଟ୍ରାକ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ।ଜୋରିମାନା ଅନାଦେୟ ହେଲେ ଅଧିକ ୧୧ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।ସୂଚନା ଅନୁସାରେ ଗତ ୨୦୨୩ ମସିହା ଡିସେମ୍ବର ୨୬ ତାରିଖ ଦିନ ନାବାଳିକା ଜଣକ ଘରୁ ଦୋକାନକୁ ଯାଇ ଆଉ ଫେରି ନଥିଲା । ଘର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ଶେଷ ପାଇନଥିଲେ । ପରେ ଜଣେ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଏକ ମୋଟର ସାଇକେଲରେ ବସାଇ ନେଇଥିବା ଜାଣିବାକୁ ପାଇଥିଲେ ।ପିଡ଼ିତାର ଜେଜେ ମା ଘଟଣାର ପରଦିନ ଅର୍ଥାତ ଡିସେମ୍ବର ୨୭ ତାରିଖ ଦିନ ତିର୍ତ୍ତୋଲ ଥାନାରେ ଏତଲା କରିଥିଲେ ।ତିର୍ତ୍ତୋଲ ପୋଲିସ କେଶ ନମ୍ବର ୫୯୯/୨୩ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।ଅନ୍ୟ ପଟେ ପୀଡ଼ିତାକୁ ନେଇ ଅଭିଯୁକ୍ତ ଦେବ ନାରାୟଣ ଦେବ ନାଥ ଭଦ୍ରକରେ ଏକ ଭଡା ଘରେ ରଖି ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା ।ପରେ ଉଭୟ ଭଦ୍ରକରେ ଏକ ଯାତ୍ରା ପାର୍ଟିରେ କାମ କରିଥିଲେ ।ପୋଲିସ ତଦନ୍ତ କରି ଭଦ୍ରକ ଜିଲ୍ଲା ପୀର ହାଟ ଏକ ଭଡା ଘରୁ ଉଭୟଙ୍କୁ ଉଦ୍ଧାର କରିଥିଲା ।ପିଡିତା ଘରକୁ ଫେରିବା ପରେ ସମସ୍ତ ଘଟଣା ଜେ ମା ଙ୍କୁ କହିବା ପରେ ତିର୍ତ୍ତୋଲ ପୋଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା ଏହି ମାମଲାର ବିଚାର କରି ୧୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଫାଷ୍ଟ ଟ୍ରାକ କୋର୍ଟ ର ବିଚାରପତି ଅଜୟ କୁମାର ମହାନ୍ତି ମୁଦାଲାକୁ ୨୦ ବର୍ଷ କାରାଦଣ୍ଡ ସହ ୫୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୧୧ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ପିଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ଆଇନଜୀବି ଦୋଳଗୋବିନ୍ଦ ଦାଶ ପରିଚାଳନା କରୁଥିଲେ ।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ



**ଡେଲାଙ୍ଗ,୨୨।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ଓ ରେଡକ୍ରସ୍ ୟୁନିଟ୍, ଗାଦିବ୍ରହ୍ମ ମହାବିଦ୍ୟାଳୟ ,ଡେଲାଂଗର ମିଳିତ ଆନୁକୁଲ୍ୟରେ 'ଜାତୀୟ ସଡକ ସୁରକ୍ଷା ମାସ-୨୦୨୫'ଉପଲକ୍ଷେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼. ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱ ରେ ଐତିହ କକ୍ଷ ରେ ବୁଧବାର ଦିବା ୧୧.୩୦ ଘ. 'ସଡକ ସୁରକ୍ଷା' ସଂପର୍କିତ ଏକ ଆଲୋଚନା ଚକ୍ର ସହିତ ମହାବିଦ୍ୟାଳୟ ଠାରୁ ଡେଲାଂଗ ହାଟ ବାୟା ବଜାର ପର୍ଯ୍ୟନ୍ତ ରେ ଏକ ସଡକ ସୁରକ୍ଷା ସଚେତନତା ରାଲି ସଂଗଠିତ ହୋଇଥିଲା ।ରାସ୍ତା ରେ ଛାତ୍ରଛାତ୍ରୀ,ପୋଲିସ ଅଧିକାରୀ ଓ ପୁରୀ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ର ଅଧିକାରୀ ମାନେ ରାସ୍ତା ରେ ଗାଡିଚାଳକ ମାନଂକୁ ସଚେତନ କରାଇଥିଲେ।ଉକ୍ତ ଆଲୋଚନା ଚକ୍ର ରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ସରୋଜ କୁମାର ପଣ୍ଡା ସଭାପତିତ୍ୱ କରିଥିଲାବେଳେ ପୁରୀ ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ରବିନ ପଟ୍ଟନାୟକ (ମୂଖ୍ୟଅତିଥି), ଗାଦିବ୍ରହ୍ମ ମହାବିଦ୍ୟାଳୟ ର ରାଜନୀତି ବିଗ୍ୟାନ ର ବିଭାଗୀୟ ମୂଖ୍ୟ ଯୁଦ୍ଧିଷ୍ଠିର ଘଟୁଆରୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସଡକ ସୁରକ୍ଷା ସପ୍ତାହ ପାଳନ ର ଗୁରୁତ୍ୱ ଓ ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ।

## ୫୦ ବସ୍ତାରୁ ୨୫୦ କେଜି ଗଂଜେଇ ଜବତ

**ଜୟପୁର,୨୨।୧ (ସଂଚାର ବ୍ୟୁରୋ):** ଜୟପୁର ସହର ଜଣଙ୍କ ଘରୁ ଗଂଜେଇ ଜବତ ଜଣେ ଅଟକ ଜଣେ ଗିରଫ। ଜୟପୁର ସହର ପ୍ରସାଦ ରାଓ ପେଟା ଦ୍ୱିତୀୟ ଲାଇନ ରେ ଏ ଦୁର୍ଗା ଙ୍କ ଘରେ ଗଂଜେଇ ଥିବା ନେଇ ଜୟପୁର ପୋଲିସ ସୂଚନା ପାଇବା ପରେ ଜୟପୁର ଟାଉନ ଥାନା ଅଧିକାରୀ କୋରାପୁଟ ପୋଲିସ ଅଧିକ୍ଷକ ଙ୍କ ନିର୍ଦ୍ଦେଶ ରେ ଏକ ଟିମ ସହ ଘରେ ଚଢ଼ାଉ କରିଥିଲେ। ଏବଂ ଘରୁ ଭିତରୁ ୫୦ ଟି ପ୍ଲାଷ୍ଟିକ ଡବା ଭିତରୁ ଗଂଜେଇ ଥିବା ଜାଣି ସମସ୍ତ ଗଂଜେଇ ଜବତ କରିଥିଲେ। ଏବଂ ଘରେ ଥିବା ମିଥୁନ ନାଗ ନାମକ ଯୁବକ ଙ୍କୁ ଗିରଫ କରିଥିଲେ। ଏବଂ ଥାନା ଅଧିକାରୀ ପ୍ରକାଶ କରିଛନ୍ତି କି ପ୍ରାଥମିକ ତଦନ୍ତ ରୁ ମିଥୁନ ନାଗ ଗଂଜେଇ ଉତ୍ତର ପ୍ରଦେଶ ନଏଡା ଓ ଦିଲ୍ଲୀ ଚାଲାଣ ପାଇଁ ଘର ଭଡା ନେଇ ରହୁଥିଲା ଏବଂ ୫୦ ଟି ବକେଟ ରୁ ୨୫୦ କେଜି ଗଂଜେଇ ଜବତ ହୋଇଛି। ଏବଂ ଅଧିକ ତଦନ୍ତ ଚାଲିଛି ତଦନ୍ତ ସାରିଲେ ବିଶେଷ ସୂଚନା ଦେବେ ବୋଲି ପ୍ରକାଶ କରିଛନ୍ତି। ଏହା ସହ ମାଲିକ ଙ୍କୁ ଥାନା ରେ ଅଟକ ରଖି ତଦନ୍ତ କରୁଥିବା ପ୍ରକାଶ କରୁଥିବା ସୂଚନା ଦେଇଛନ୍ତି। ତେବେ ଘର ମାଲିକ ଙ୍କ ସମ୍ପୃକ୍ତି ରହିଛି ନା ନାହିଁ ତାହା ପୋଲିସ ପ୍ରକାଶ କରିନାହାନ୍ତି କେବଳ ମିଥୁନ ନାଗ ଙ୍କ ନାମରେ ମାମଲା ରୁଜୁ ହୋଇଥିବା ପ୍ରକାଶ କରିଛନ୍ତି ।



## ସାପ କାମୁଡା ମୃତ୍ୟୁହାର କମାଇବା ପାଇଁ ଆଲୋଚନା ଚକ୍ର

**ବେତନଟୀ,୨୨।୧(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଓଡିଶା ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ଓସଡ଼ମା ଏବଂ ଓଡିଶା ମାଧ୍ୟମିକ ଶିକ୍ଷା କାର୍ଯ୍ୟକ୍ରମ( ଓସେପା) ଆନୁକୂଲ୍ୟରେରେ କୃଷ୍ଣଚନ୍ଦ୍ର ଶିକ୍ଷାନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପାଟଳୀପୁରାରେ ସର୍ପ ଆଘାତ ଜନିତ ମୃତ୍ୟୁହାର କମ କରିପାରିବା ସଚେତନତା ସୃଷ୍ଟି ନିମନ୍ତେ ଏକ ଆଲୋଚନା ଚକ୍ର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କର ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସ୍ନେକ ଲାଇନ ର ପ୍ରଶିକ୍ଷିତ କର୍ମୀ ସମାଜ ସେବୀ ଯତୀନ୍ଦ୍ର ନାଥ ନାୟକ ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟର ଆଲୁମିନୀ ସଭାପତି ସର୍ବେଶ୍ୱର ମହାନ୍ତି ଯୋଗଦାନ କରି ଛାତ୍ର ଛାତ୍ରୀ ମାନେ ତଥା ସେମାନଙ୍କର ପରିବାର ବର୍ଗ ସର୍ପଘାତରୁ କିପରି ରକ୍ଷା ପାଇ ପାରିବେ ଶିକ୍ଷା ଓ ସଚେତନତା ସୃଷ୍ଟି କରିଥିଲେ ।




## ଜେସିଆଇ ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ



**ବ୍ରହ୍ମପୁର,୨୨।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ଭିତରକୁ ସାମ୍ବାଦିକଙ୍କୁ ପ୍ରବେଶ ନିଷେଧ ପୋଷ୍ଟର ଲଗାଯିବା ଘଟଣା ସାରା ସାମ୍ବାଦିକ ଜଗତକୁ ନିନ୍ଦିତ କରିଛି। ଏହି ଖବର ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବ୍ଲକ୍ ପ୍ରଶାସନର ଏଭଳି ନିନ୍ଦନୀୟ କାର୍ଯ୍ୟ ଏବଂ ଗଣମାଧ୍ୟମର କଣ୍ଠରୋଧକୁ ବିଭିନ୍ନ ସାମ୍ବାଦିକ ମହଲରେ ନିନ୍ଦା କରାଯାଇଛି। ଏନେଇ ଜାର୍ଣ୍ଣାଲିଷ୍ଟ କାଉନସିଲ୍ ଅଫ୍ ଇଣ୍ଡିଆ ଓଡିଶା ଶାଖା ପକ୍ଷରୁ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ ମନ୍ତ୍ରୀ ନିଜେ ଫୋନ୍ ଯୋଗେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ସାନଖେମୁଣ୍ଡି ବିଡିଓ ଏବଂ ତହସିଲଦାରଙ୍କୁ ତୁରନ୍ତ ଥାନାରେ ଏଫଆଇଆର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାର ସଠିକ୍ ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ସାମ୍ବାଦିକଙ୍କ ଅଭିଯୋଗ ପ୍ରକାରେ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନାଁ ଲେଖି ବ୍ଲକ୍ ପରିସରରେ ଏପରି ପୋଷ୍ଟ ମରାଯାଇଥିଲା। ବିଡ଼ିଓଙ୍କ ପ୍ରକୋଷ୍ଠ, ଅତିରିକ୍ତ ବିଡ଼ିଓଙ୍କ ପ୍ରକୋଷ୍ଠ ସହ ଯନ୍ତ୍ରୀ, ମନରେଗା, ଆବାସ ଯୋଜନା ଭଳି ସମସ୍ତ ବିଭାଗ ସମ୍ମୁଖରେ ଏଭଳି ପୋଷ୍ଟର ଲାଗିଥିଲା। ଖବର ବାଜିବା ପରେ ପୋଷ୍ଟର ଗୁଡିକୁ ବାହାର କରି ଦିଆଯାଇଥିଲା। ତେବେ ଏହି ପୋଷ୍ଟର ମାରିଲା କିଏ ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜେସିଆଇ ଏହାକୁ ଦୃଢ ନିନ୍ଦା କରିଛି। ଯଦିଓ ବିଡିଓ ଏ ସମ୍ପର୍କରେ କିଛି ଜାଣିନଥିବା ସୂଚନା ଦେଇଛନ୍ତି, କିନ୍ତୁ ଜାଣିଶୁଣି ସାମ୍ବାଦିକଙ୍କୁ ଅପମାନିତ କରିବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଏପରି କରାଯାଇଥିବା ସ୍ଥାନୀୟ ସାମ୍ବାଦିକ ମହଲରେ ମତ ପ୍ରକାଶ ପାଇଛି।

## ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ




**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ଜାନୁଆରୀ ୨୨: ବୈଦେଶିକ ବାଣିଜ୍ୟ, ଲଜିଷ୍ଟିକ୍ସ ଏବଂ ରପ୍ତାନୀକୁ ନେଇ ଏକ କ୍ୟାପାସିଟି ବିଲ୍ଡିଂ କାର୍ଯ୍ୟକ୍ରମ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ହୋଇଯାଇଥିବା ବେଳେ ବିଶେଷଜ୍ଞମାନେ ରପ୍ତାନୀ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଅଲ୍ ଓଡ଼ିଶା ଏସ୍ସି - ଏସ୍ଟି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଓଏସ୍ସିଆଇ) ଦ୍ୱାରା ପ୍ରାୟୋଜିତ ତଥା ଏଗ୍ରିକଲ୍ଚରାଲ୍ ଆଣ୍ଡ ପ୍ରୋସେସ୍ଡ ଫୁଡ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥରିଟି (ଏପିଇଡିଏ), ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍ଆଇଡିବିଆଇ) ଏବଂ ସୋଆର ସହଯୋଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଏସ୍ଆଇଡିବିଆଇର ଡେପୁଟି ଜେନେରାଲ୍ ମ୍ୟାନେଜର ଶ୍ରୀ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ଯୋଗ ଦେଇ ବ୍ୟାଙ୍କଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମାଇକ୍ରୋ ସ୍ମଲ୍ ଏବଂ ମିଡିୟମ୍ ଏନ୍ଟରପ୍ରାଇଜେସ୍ (ଏମ୍ଏସ୍ଏମ୍ଇ) ଗୁଡ଼ିକୁ ସହଯୋଗ କରୁଥିବା ବେଳେ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅନ୍ତର୍ଗତ ବୈଦେଶିକ ବାଣିଜ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଅମିତ କୁମାର ରପ୍ତାନୀ ଏବଂ ଆମଦାନୀ କ୍ଷେତ୍ରରେ ବିକାଶ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ସହ ଏଥିରେ ପ୍ରଯୁକ୍ତି ବିଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ଏପିଇଡିଏର ଆଞ୍ଚଳିକ ମୁଖ୍ୟ ଶ୍ରୀ ଏସ୍.କେ ମଣ୍ଡଳ ଖାଦ୍ୟ ଏବଂ କୃଷିଜାତ ଦ୍ରବ୍ୟର ରପ୍ତାନୀ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ।

## ନାଉଗାଁ ବ୍ଲକରେ ୩ ଧାନମଣ୍ଡି ଉଦଘାଟନ

**ନାଉଗାଁ ୨୨।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆଜି ନାଉଗାଁ ବ୍ଲକର ଗଜରାଜପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସଭାପତି ବସନ୍ତ କୁମାର ପାଢ଼ୀ, ସମ୍ପାଦକ ମଙ୍ଗଳା କାନ୍ତ ମହାନ୍ତି, ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ହୋଇଥିବା ସୁଶାନ୍ତ କୁମାର ରାଉତ, ଏଆରସିସି ପ୍ରଭାତ



କୁମାର ଶତପଥିଙ୍କ ସମେତ ଧାନକ୍ରୟ କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ। ସେହିପରି ଅଲଣା ସେବା ସମବାୟ ସମିତି ଓ ଡେରିକି ସେବା ସମବାୟ ସମିତିରେ ମଧ୍ୟ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏହି ଧାନମଣ୍ଡି ଗୁଡ଼ିକ ମଧ୍ୟରେ ଗଜରାଜପୁର ମଣ୍ଡିରେ ଧାନ ବିକ୍ରି କରିବାକୁ ମୋଟ ୮୭୮ ଜଣ, ଅଲଣା ମଣ୍ଡିରେ ୬୮୦ ଜଣ ଓ ଡେରିକି ମଣ୍ଡିରେ ୮୬୫ ଜଣ ଚାଷୀ ପଞ୍ଜିକରଣ କରିଥିବା ସମିତିର ସଂପାଦକ ମାନେ ସୂଚନା ଦେଇଛନ୍ତି।

## ମନରେଗା, ପିଏମ୍ଏୱାଇ ହିତାଧିକାରୀଙ୍କ ଯାଞ୍ଚ ଜାରି

**ନୀଳଗିରି,୨୨।୧(ସଂଚାର ବ୍ୟୁରୋ):** ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ୨୫ ଗୋଟି ଗ୍ରାମପଞ୍ଚାୟତ କାର୍ଯାଳୟଠାରେ (ମନରେଗା) ଯୋଜନାର ଜବକାର୍ଡ ହିତାଧିକାରୀଙ୍କ ଜବକାର୍ଡ ଜାଞ୍ଚ ପ୍ରକ୍ରିୟା ଗତ ଜାନୁଆରି ୨୦ ତାରିଖରୁ ଆରମ୍ଭ ହୋଇ ଆସନ୍ତା ଜାନୁଆରି ୨୫ ତାରିଖ ପର୍ଯ୍ୟନ୍ତ ଚାଲୁରହିଅଛି। ପ୍ରତି ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟରେ ହିତାଧୀକାରୀଙ୍କ ଜବ କାର୍ଡ ଯାଞ୍ଚ ସହିତ ସଠିକ ତଥ୍ୟ ମୂଳକ ନୂତନ ଜବ କାର୍ଡ ନିର୍ମାଣ ପାଇଁ ଆବେଦନ ପ୍ରକ୍ରିୟା ବ୍ୟବସ୍ଥା ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହିତାଧିକାରୀ ଚୟନ ପ୍ରକ୍ରିୟାର ସର୍ଭେ ମଧ୍ୟ କରାଯାଇଛି। ଏହି ଯୋଜନାରେ ଆଶାୟୀ ହିତାଧିକାରି ନିଜର ଜବକାର୍ଡ ସଠିକତା ଉପରେ ଉପଯୁକ୍ତ ଯୋଗ୍ୟ ତାଲିକା ଭୁକ୍ତ ହୋଇପାରିବେ। ଏହି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହିତାଧିକାରୀ ସର୍ଭେରେ କେତେକ ମାନଦଣ୍ଡକୁ ମଧ୍ୟ କୋହଳ କରାଯାଇଥିବା ସଂପର୍କରେ ବିଡିଓ ବିକ୍ରମ କେଶରୀ ପରିଡା, ଜି.ପି.ଇ.ଓ, ଏ.ପିଇ.ଓ ଙ୍କୁ ତାଲିମ କେନ୍ଦ୍ରରେ ଅବଗତ କରିଛନ୍ତି। ଏହି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ (ଗ୍ରାମୀଣ) ଗୋଟିଏ ପରିବାର ର ମାସିକ ଆୟ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି, ଦୁଇ ଚକିଆ ଯାନ, ଫ୍ରିଜ, ଲ୍ୟାଣ୍ଡ ଫୋନ, ଥିଲେ ମଧ୍ୟ ସର୍ଭେରେ ସାମିଲ ହୋଇପାରିବେ।

## ନଦୀରୁ ବାଲି ଚୋରି କରି ଜେଲଗଲେ ୫ ଯୁବକ



ଜେସିବି ସମେତ ୨ ଟ୍ରାକ୍ଟର, ୨ ବାଇକ,୭ ମୋବାଇଲ ଫୋନ ଜବତ

**ବାଲିଅନ୍ତା,୨୨।୧(ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଭିଙ୍ଗାରପୁର ସ୍ଥିତ କୁସଭଦ୍ରା ନଦୀରୁ ବାଲି ଲୁଟ ମାମଲାରେ ୫ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାଲି ଚୋରା ଚାଲାଣ କରୁଥିବା ଯୁବକମାନେ ହେଲେ ଭିଙ୍ଗାରପୁର ଶାସନ ଗ୍ରାମର ଟୁଲୁ ବେହେରା ( ୩୨), ଓରଫ ରାଜ, ରମାକାନ୍ତ ସାହୁ ଓରଫ ସୁନୀଲ (୨୭ ), ବଇଁଚୁଆ ପଞ୍ଚାୟତ ଅଧୀନ ସୁବାଲୋ ଗ୍ରାମର ହୃଦାନନ୍ଦ ସ୍ୱାଇଁ ( ୪୮ ) ଓରଫ ମଙ୍ଗୁଲି,ଉକ୍ତ ଗ୍ରାମର ବିଦ୍ୟାଧର ସାହୁ ( ୪୩ ) ଓରଫ ବିଦିଆ,ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଧୀନ ରଙ୍ଗିଆ ଗ୍ରାମର ମହେଶ୍ୱର ମହାନ୍ତି(୨୬)ଓରଫ ଅଶୋକା ଘଟଣାସ୍ଥଳରୁ ପୁଲିସ ବାଲି ଚାଲାଣରେ ବ୍ୟବହୃତ ଏକ ଜେସିବି ମେସିନ ସହିତ ବାଲି ବୋଝେଇ ୨ ଟ୍ରାକ୍ଟର, ୨ଟି ବାଇକ ଏବଂ ୭ଟି ମୋବାଇଲ ଫୋନ ଜବତ କରିଛି । ତେବେ କୋର୍ଟରେ ସେମାନଙ୍କ ଜାମିନ ଖାରଜ ହୋଇଯିବାରୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମାନସ ରଞ୍ଜନ ମଲ୍ଲିକ ସଦଳବଳେ ଥାନା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ । ସମୟ ପ୍ରାୟ ୧୨.୩୦ ରେ ଭିଙ୍ଗାରପୁର କୁଶଭଦ୍ରା ନଦୀରୁ ଅଭିଯୁକ୍ତ ଟୁଲୁ ବେହେରା ଓ ହୃଦାନନ୍ଦ ସ୍ୱାଇଁ ଓରଫ ମଙ୍ଗୁଲିଙ୍କର ନେତୃତ୍ୱରେ ସେଠାରେ ନଦୀବାଲି ଓ ଚୋରା ଚାଲାଣ ହୋଉଥିବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ସେମାନଙ୍କର ହସ୍ତଗତ ହୋଇଥିଲା । ସୂଚନା ଆଧାରରେ ପୁଲିସ ଟିମ ତୁରନ୍ତ ଘଟଣାସ୍ଥଳ ନିକଟକୁ ଯାଇଥିଲେ ଓ କିଛି ଦୂରରେ ରହି ଅଭିଯୁକ୍ତ ଟୁଲୁ ବେହେରା ଓ ହୃଦାନନ୍ଦ ସ୍ୱାଇଁ ଓରଫ ମଙ୍ଗୁଲି ଙ୍କୁ ଏକ ଜେସିବି ମେସିନ ରେ ବସି ସେମାନଙ୍କ ନିର୍ଦ୍ଦେଶରେ ନଦୀ ବାଲିକୁ ଟ୍ରାକ୍ଟରରେ ବୋଝେଇ କରାଯାଉଥିବାର ଦେଖିଥିଲେ ।




## ହେମନ୍ତ ଶର୍ମା ଓ ରଞ୍ଜନା ଚୋପ୍ରାଙ୍କୁ ମିଳିଲା ପଦୋନ୍ନତି

**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଜ୍ୟ ପ୍ରଶାସନର ଦୁଇ ବରିଷ୍ଠ ଆଇଏଏସ ଅଫିସରଙ୍କୁ ମିଳିଛି ପଦୋନ୍ନତି। ୧୯୯୫ ବ୍ୟାଚ ଆଇଏଏସ ଅଫିସର ହେମନ୍ତ କୁମାର ଶର୍ମା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। ହେମନ୍ତ ଶର୍ମା ଏବେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଅଛନ୍ତି। ସେହିଭଳି ୧୯୯୪ ବ୍ୟାଚ ଆଇଏଏସ ଅଫିସର ରଞ୍ଜନା ଚୋପ୍ରାଙ୍କୁ ମିଳିଛି ପଦୋନ୍ନତି। ସେ ମଧ୍ୟ ଆପେକ୍ସ ଗ୍ରେଡ ସ୍କେଲ୍‌-୧୭କୁ ଉନ୍ନୀତ ହୋଇଛନ୍ତି। ରଞ୍ଜନା ଏବେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ ବିକାଶ ବିଭାଗର ପ୍ରମୁଖ ସଚିବ ଅଛନ୍ତି। ଏନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଗୋମାତା ସୁଖ ଓ ସ୍ୱାସ୍ଥ୍ୟର ଆଧାର




**ପୋତାପାଲି/ସମ୍ବଲପୁର,୨୨।୧ (ସଂଚାର ବ୍ୟୁରୋ):** ସନାତନୀ ହିନ୍ଦୁ ସମାଜର ଆସ୍ଥାର ପ୍ରତୀକ ହେଉଛନ୍ତି ଗୋ ମାତା। ମାନବ ସମାଜକୁ ଗୋ ମାତାର ଅବଦାନ ଅନେକ। ଗୋ ମାତା ସୁଖ ଓ ସ୍ୱାସ୍ଥ୍ୟର ଆଧାର ବୋଲି ବୁଧବାର ସମ୍ବଲପୁର ଜିଲ୍ଲା ପୋତାପାଲି ସ୍ଥିତ 'ଶ୍ରୀକୃଷ୍ଣ ଗୌଶାଳା ଅନୁଷ୍ଠାନର ୧୨୫ତମ ସ୍ଥାପନା ଦିବସ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀକୃଷ୍ଣ ଗୋଶାଳା ପରିସରରେ ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଭୂମିପୂଜନ ସହ ଶ୍ରୀ ରାଧାକୃଷ୍ଣ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହରେ ଶ୍ରୀ ପ୍ରଧାନ ଯୋଗଦେଇ କହିଥିଲେ, ଗୋ ମାତାର ଲାଳନପାଳନ ସହ ସେମାନଙ୍କ ସୁରକ୍ଷା ଦିଗରେ 'ଶ୍ରୀକୃଷ୍ଣ ଗୋଶାଳା' ଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ। ୧୯୪୦ ମସିହାରେ ଜଣେ ବଦାନ୍ୟ ବ୍ୟକ୍ତି ଏହି ଗୋଶାଳା ପାଇଁ ୬୦ ଏକର ଜମି ଦେଇଥିଲେ। ଗୋ ମାତା ଆମ ପରିବାରର ସୁଖ ଓ ସମୃଦ୍ଧିର ଆଧାର। ଗୋସେବା କେବଳ ସାମାଜିକ ଏବଂ ଆଧ୍ୟାତ୍ମିକ ବିଷୟ ନୁହେଁ, ଏହା ଆର୍ଥିକ, ପରିବେଶ ସୁରକ୍ଷା, ସାଂସ୍କୃତିକ ବିଷୟ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଂସ୍କାରରେ ଗୋ ସେବା ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ ଥିଲା। ଓଡ଼ିଶା ସାମାଜିକ ଜୀବନରେ ଗୋମାତା ପ୍ରତି ଅନନ୍ୟ ସମ୍ପର୍କ ରହିଛି। ଗୋ ସମ୍ପଦର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ। ଆମ ଦେଶରେ ରାଷ୍ଟ୍ରୀୟ ଶିକ୍ଷା ନୀତି ମାଧ୍ୟମରେ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରାଯାଉଛି। ଜାତୀୟ ଶିକ୍ଷା ନୀତି ଗୁଣାତ୍ମକ, ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଉତ୍ତରଦାୟୀ, ଭଳି ୫ଟି ସ୍ତମ୍ଭ ଉପରେ ପ୍ରସ୍ତୁତ ହୋଇଛି। ରାଜ୍ୟରେ ସ୍କୁଲରୁ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ୧ କୋଟି ଛାତ୍ରଛାତ୍ରୀ ଅଛନ୍ତି। ଏହି ୧ କୋଟି ଛାତ୍ରଶକ୍ତିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି ବୋଲି ସେ କହିଥିଲେ।

## ଚାଲାଣ ବେଳେ ୨ ହାତୀଦାନ୍ତ ଜବତ, ୪ ଗିରଫ



**ବାରିପଦା,୨୨।୧(ସଂଚାର ବ୍ୟୁରୋ):** ବାରିପଦା ବନଖଣ୍ଡ ଅଧୀନସ୍ଥ ଦେଉଳି ବନାଞ୍ଚଳର ଝାରପୋଖରିଆ-ଜାମଶୋଲା ରାସ୍ତାର ଗୋଶାଣୀ ଛକ ନିକଟରେ ବନ କର୍ମଚାରୀମାନେ ଚଢ଼ାଉ କରି ୨ଟି ହାତୀ ଦାନ୍ତ ଜବତ କରିଛନ୍ତି। ଏଥିସହ ୪ ଜଣଙ୍କୁ ଗିରଫ କରାଯାଇଛି। ବିକ୍ରି ପାଇଁ ଏହି ହାତୀ ଦାନ୍ତ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ସମୟରେ ବନ ବିଭାଗର ଏନଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଥିଲା। ସେତେବେଳେ ଏକ ବାଇକ୍‌ରେ ଦୁଇ ଜଣ ବ୍ୟକ୍ତି ୨ଟି ହାତୀଦାନ୍ତକୁ ଗାମୁଛାରେ ବାନ୍ଧି ଏକ ବ୍ୟାଗରେ ଭର୍ତ୍ତି କରିଯାଉଥିଲେ। ସେମାନଙ୍କୁ ସୁରକ୍ଷା ଦେଇ ଆଉ ୨ ଜଣ ଅନ୍ୟ ଏକ ବାଇକ୍‌ରେ ସେମାନଙ୍କ ପଛରେ ମଧ୍ୟ ଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ସେମାନଙ୍କ ପିଛା କରିଥିଲେ। ଗୋଶାଣୀ ଛକ ନିକଟରେ ବନ ବିଭାଗ କର୍ମଚାରୀମାନେ ଉକ୍ତ ୪ ଜଣଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ହାତୀଦାନ୍ତ ଜବତ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ଝାଡ଼ଖଣ୍ଡର ଆନ୍ତରାଜ୍ୟ ହାତୀଦାନ୍ତ ବ୍ୟବସାୟୀ ହୋଇଥିବାବେଳେ ଅନ୍ୟ ଦୁଇ ଜଣ ମୟୂରଭଞ୍ଜର ରାସଗୋବିନ୍ଦପୁର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ୍ ଜିଲ୍ଲାର ମଙ୍ଗଲ ସୋରେନ୍ ଏବଂ ସୁରେଶ ସୋରେନ୍, ମୟୂରଭଞ୍ଜ ରାସଗୋବିନ୍ଦପୁର ଅଞ୍ଚଳର ବାର୍ଷା ମୁର୍ମୁ ଓ ଯୋଗେଶ୍ୱର ନାଏକ। ଜବତ ହୋଇଥିବା ହାତୀ ଦାନ୍ତ ଦୁଇଟି ମଧ୍ୟରୁ ଗୋଟିକର ଓଜନ ପାଖାପାଖି ଏକ କିଲୋ ହୋଇଥିବା ବେଳେ ଅନ୍ୟଟିର ଓଜନ ଏକ କିଲୋ ୨୦ ଗ୍ରାମ ରହିଛି। ପ୍ରାଥମିକ ତଦନ୍ତ ପରେ ହାତୀ ଦାନ୍ତ ଦୁଇଟିକୁ ଫରେନ୍ସିକ୍ ଲ୍ୟାବକୁ ପଠାଯାଇ ଅଧିକ ତଥ୍ୟ ସଂଗ୍ରହ କରାଯିବ ବୋଲି ବାରିପଦା ଏସିଏଫ୍ ରବିନାରାୟଣ ମହାନ୍ତି ସୂଚନା ଦେଇଛନ୍ତି।

## ଟ୍ରେନ୍‌ରୁ ନୌସେନା ଅଫିସର୍ ନିଖୋଜ, ଅପହରଣ ସନ୍ଦେହ



**ବ୍ରହ୍ମପୁର,୨୨।୧:** ଟ୍ରେନ୍‌ରୁ ଜନୈକ ନୌସେନା ଅଫିସର ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। କେରଳର କୋଚି ଆଇଏଏସ୍ ଗରୁଡ଼ାରେ ଯୋଗ ଦେବା ପୂର୍ବରୁ ସୌରଭ କୁମାର ପାତ୍ର ନିଖୋଜ ହୋଇଯାଇଛନ୍ତି। ତେବେ ତାଙ୍କୁ କେହି ଅପହରଣ କରିଥିବା ସନ୍ଦେହ କରାଯାଉଥିବା ବେଳେ ଏନେଇ ବ୍ରହ୍ମପୁର ଟାଉନ୍ ଥାନାରେ ତାଙ୍କ ମା' ଏତଲା ଦେଇଛନ୍ତି। ଏହି ଅଭିଯୋଗକୁ ଆଧାର କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ସୌରଭଙ୍କ ସମ୍ପର୍କରେ କିଛି ବି ସୂଚନା ପାଇପାରିନାହାଁନ୍ତି। ମିଳିଥିବା ସୂଚନାନୁଯାୟୀ, ବ୍ରହ୍ମପୁର ଗେଟ୍ ବଜାରର ବାସିନ୍ଦା ସୌରଭ ଗତ୨୦୧୯ରୁ ନୌସେନାରେ ନିଯୁକ୍ତି ପାଇଥିଲେ। କେରଳରେ ଆଇଏନ୍‌ଏସ୍ ଗରୁଡ଼ାରେ ତାଙ୍କର ନିଯୁକ୍ତି ଥିଲା। ତେବେ ଗତ ବର୍ଷ ଡିସେମ୍ବର ୨୮ ତାରିଖରେ ସେ ଘରକୁ ଛୁଟିରେ ଆସିଥିଲେ। ଗତ ୧୯ ତାରିଖରେ ତାଙ୍କର କୋଚି ଫେରିବାର ଥିଲା। ବ୍ରହ୍ମପୁରରୁ ଟ୍ରେନ୍ ଯୋଗେ ବିଶାଖାପାଟଣା ଯାଇ ସେଠାରୁ କୋଚିକୁ ବିମାନ ଯୋଗେ ସୌରଭ ଯାଇଥାନ୍ତେ। ୧୯ ତାରିଖ ଭୋର ୩ଟାରେ ବ୍ରହ୍ମପୁର ରେଳ ଷ୍ଟେସନ୍‌ରୁ ସୌରଭଙ୍କୁ ଟ୍ରେନ୍‌ରେ ବସାଇଥିଲେ ପରିବାର ଲୋକେ। ଅପରାହ୍ନରେ ତାଙ୍କର କୋଚିକୁ ଫ୍ଲାଇଟ୍ ଥିଲା। ହେଲେ ବ୍ରହ୍ମପୁର ଛାଡ଼ିବା ପରେ ତାଙ୍କ ଫୋନ୍ ସୁଇଚ୍‌ଅଫ୍ ହୋଇଯାଇଥିଲା। ପରିବାର ଲୋକେ ବାରମ୍ବାର ତାଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଫୋନ୍ ସୁଇଚ୍‌ଅଫ୍ ଥିବାରୁ ସେମାନେ ଯୋଗାଯୋଗ କରିବାରେ ସଫଳ ହୋଇନଥିଲେ। ବିଶାଖାପାଟଣା ରଳେଷ୍ଟେସନ୍ ଓ ଏୟାରପୋର୍ଟରେ ସୌରଭଙ୍କ ବିଷୟରେ ମଧ୍ୟ ସେମାନେ ଅନୁସନ୍ଧାନ କରିଥିଲେ। କିନ୍ତୁ ସେଠାରେ ସେ ଚେକ୍‌ଇନ୍ କରିନଥିବା ଜାଣିବାକୁ ପାଇଥିଲେ। ଶେଷରେ ପରିବାର ଲୋକେ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ କୋଚି ଆଇଏନ୍‌ଏସ୍ ଗରୁଡ଼ାର ଅଧିକାରୀଙ୍କ ସହ ମଧ୍ୟ ପରିବାର ଲୋକେ କଥା ହୋଇଛନ୍ତି। କିନ୍ତୁ ସେଠାରୁ ସେମାନେ ସୌରଭଙ୍କ ବିଷୟରେ କିଛି ବି ସୂଚନା ପାଇପାରିନାହାନ୍ତି। ଅନ୍ୟପକ୍ଷରେ ପୁଲିସ ମଧ୍ୟ ସୌରଭଙ୍କ ମୋବାଇଲ୍ ଲୋକେସନ ଯାଞ୍ଚ କରିଥିବା ବେଳେ ଇଚ୍ଛାପୁରମ୍ ତାଙ୍କର ଶେଷ ମୋବାଇଲ୍ ଲୋକେସନ୍ ଥିବା ଜାଣିବାକୁ ପାଇଛି।

## ବାରବାଟୀ ଦିନିକିଆ ପାଇଁ ମହାପ୍ରଭୁଙ୍କୁ ନିମନ୍ତ୍ରଣ

**କଟକ,୨୨।୧(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଘରୋଇ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଏକ ଦିନିକିଆ ମ୍ୟାଚ ଖେଳାଯିବ। ଏହି ମ୍ୟାଚ୍‌ର ଟିକେଟ୍ ବିକ୍ରି ପୂର୍ବରୁ ପ୍ରଥମ ଟିକେଟ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ମହାପ୍ରଭୁଙ୍କୁ ପ୍ରଥମ ନିମନ୍ତ୍ରଣ ଦିଆଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା ପୁରୀ ଯାଇ ମହାପ୍ରଭୁଙ୍କୁ ମ୍ୟାଚର ପ୍ରଥମ ଟିକେଟ ପ୍ରଦାନ କରିଛନ୍ତି। ମହାପ୍ରଭୁଙ୍କୁ




ମ୍ୟାଚର ପ୍ରଥମ ଟିକେଟ ପ୍ରଦାନ କରିବା ସହ ବାରବାଟୀରେ କିପରି ଭାରତ-ଇଂଲଣ୍ଡ ମ୍ୟାଚ୍‌ଟି ଶାନ୍ତିଶୃଙ୍ଖଳା ସହ ଶେଷ ହେବ, ସେଥିପାଇଁ ଶ୍ରୀ ବେହେରା ପ୍ରାର୍ଥନା କରିଛନ୍ତି। ଜଗନ୍ନାଥଙ୍କୁ ଟିକେଟ ପ୍ରଦାନ ସମୟରେ ପୁରୀ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଓ ଶ୍ରୀମନ୍ଦିର ସେବାୟତ ଉପସ୍ଥିତ ଥିଲେ।

# ସାଧାରଣତନ୍ତ୍ର ଦିବସ ପାଇଁ ଟ୍ରାଫିକ୍ କଟକଣା

**ଭୁବନେଶ୍ୱର,୨୨।୧ (ସଂଚାର ବ୍ୟୁରୋ):** ଚଳିତବର୍ଷ ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଓ ଗୁରୁବାର ଅପରାହ୍ନ ୨ଟାରୁ ୬ଟା ପର୍ଯ୍ୟନ୍ତ ପରେଡ୍ ଏବଂ ଶୁକ୍ରବାର ସକାଳ ୭ରୁ ୧୧ଟା୩୦ ଯାଏ ପୂର୍ଣ୍ଣ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ଏଥିସହିତ ୨୬ ତାରିଖରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ସକାଳ ୬ଟା୩୦ରୁ ଆରମ୍ଭ ହେବାକୁ ଥିବାବେଳେ ସର୍ବସାଧାରଣଙ୍କ ସୁଗମନାଗମନ ଓ ପାର୍କିଂ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ଟ୍ରାଫିକ୍ କଟକଣା ଜାରି କରାଯାଇଛି। କଟକଣା ସମୟରେ କୌଣସି ପ୍ରକାର ଭାରିଯାନ ରାମମନ୍ଦିର ଏବଂ ରାଜମହଲ ଛକ ପାର୍ଶ୍ୱରୁ ମାଷ୍ଟରକ୍ୟାଣ୍ଟିନ୍ ଛକ ଯିବାକୁ ଦିଆଯିବ ନାହିଁ। କେବଳ ଦୁଇଚକିଆ ତଥା ହାଲୁକା ଯାନ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଆଡ଼କୁ ଆସିପାରିବ କିନ୍ତୁ ପିଏମ୍‌ଜି ଛକ ଆଡ଼କୁ ଯିବାପାଇଁ ଅନୁମତି ଦିଆଯିବ ନାହିଁ। ହାଉସିଂବୋର୍ଡ ଛକ ପାର୍ଶ୍ୱରୁ ରବୀନ୍ଦ୍ରମଣ୍ଡପ ଆଡକୁ ଆସୁଥିବା ଯାନବାହାନଗୁଡ଼ିକ କେଶରୀ ଟକିଜ୍‌ଠାରୁ ଆଗକୁ ନ ଯାଇ ସେହିଠାରୁ ବାମପାର୍ଶ୍ୱ ଲେନ୍‌ରେ ଯିବ। ସେହିପରି ଏଜି ଛକରୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ଯାନବାହନଗୁଡ଼ିକ ଜୟଦେବ ଭବନ ଗଳି ରାସ୍ତା ଦେଇ ଇଡକଲ୍ ଅଡିଟୋରିୟମ୍ ପଟୁ ଯିବେ। ୧୨୦ ବାଟାଲିୟନ୍ ଛକରୁ ରବୀନ୍ଦ୍ରମଣ୍ଡପ ଆଡ଼କୁ ଆସୁଥିବା ସମସ୍ତ ଯାନବାହନ ଏମ୍.ଏଲ୍‌ଏ କଲୋନୀ ରାସ୍ତା ଦେଇ ୪ ନମ୍ବର ପାର୍ଶ୍ୱକୁ ଯିବେ। ମହାତ୍ମାଗାନ୍ଧୀ ମାର୍ଗ ସଂଲଗ୍ନ ସମସ୍ତ ଲେନ୍ ଓ ବାଇଲେନ୍‌ଗୁଡ଼ିକରେ ଯାନବାହନ ଚଳାଚଳ ବନ୍ଦ ରହିବ। କେବଳ ପଦଚାରୀମାନେ ଚାଲି ଚାଲି ମହାତ୍ମାଗାନ୍ଧୀ ମାର୍ଗକୁ ଆସିପାରିବେ। ତେବେ ସାଧାରଣତନ୍ତ୍ର ଦିବସରେ ପରେଡ୍ ସରିବା ଯାଏ ପିଏମ୍‌ଜି ଛକଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ କୌଣସି ଗ୍ୟାସ୍ ବେଲୁନ୍ ବିକ୍ରି ହୋଇପାରିବ ନାହିଁ।



ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମହାତ୍ମା ଗାନ୍ଧୀ ମାର୍ଗରେ ସ୍କୁଲ ଛାତ୍ରୀଙ୍କ ରିହରସେଲ୍

# ଆଜିଠୁ ତିନିଦିନିଆ ପରାକ୍ରମ ଦିବସ

● ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ




**କଟକ,୨୨।୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଦିନ ହୋଇଥିବା ବେଳେ ତାଙ୍କ ଜନ୍ମସ୍ଥାନ ଐତିହାସିକ କଟକ ସହରର ବାରବାଟୀ ଦୁର୍ଗରେ ପରାକ୍ରମ ଦିବସ ପାଳନ କରାଯିବ। ନେତାଜୀଙ୍କ ୧୨୮ତମ ଜୟନ୍ତୀ ଉପଲକ୍ଷେ ତିନି ଦିନ ଧରି ଚାଲିବାକୁ ଥିବା ବହୁମୁଖୀ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି କ୍ରମେ ଦେଶରେ ପ୍ରଥମ ପରାକ୍ରମ ଦିବସ କୋଲକାତାସ୍ଥିତ ଭିକ୍ଟୋରିଆ ମେମୋରିଆଲ ହଲରେ ପାଳନ କରାଯାଇଥିଲା। ଗତ ୨୦୨୨ରେ ନୂଆଦିଲ୍ଲୀର ଇଣ୍ଡିଆ ଗେଟଠାରେ ନେତାଜୀଙ୍କ ହୋଲୋଗ୍ରାମ ଥିବା ଏକ ପ୍ରତିମୂର୍ତ୍ତିକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ସେହିପରି ଗତ ୨୦୨୩ରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ୨୧ଟି ଛୋଟ ବଡ଼ ଦ୍ୱୀପକୁ ୨୧ ଜଣ ପରମବୀର ଚକ୍ର ବିଜେତାଙ୍କ ନାମରେ ନାମିତ କରାଯାଇଥିଲା। ଗତବର୍ଷ ନୂଆଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ତେବେ ଏହି ପରମ୍ପରା କ୍ରମେ ଚଳିତବର୍ଷ ନେତାଜୀଙ୍କ ଜନ୍ମସ୍ଥାନ କଟକ ସହରରେ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ପରାକ୍ରମ ଦିବସ ପାଳନ କରାଯିବ। ଏହି ତିନିଦିନିଆ କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ପଦାଧିକାରୀମାନେ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଂଗ୍ରହାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିବେ। ପରେ ପରେ ବାରବାଟୀ ଦୁର୍ଗ ଭିତରେ ଜାତୀୟସ୍ତରୀୟ ପରାକ୍ରମ ଦିବସ ପାଳନ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଏକ ଭିଡିଓ ମେସେଜରୁ ଏହା ଆରମ୍ଭ ହେବାକୁ ଥିବା ବେଳେ ନେତାଜୀଙ୍କ ସମ୍ପର୍କିତ ବିଭିନ୍ନ ପୁସ୍ତକ, ଫଟୋ, ଚିଠି, କାଗଜପତ୍ରର ପ୍ରଦର୍ଶନ ମଧ୍ୟ କରାଯିବ। ନେତାଜୀଙ୍କ ଜୀବନ ବୃତ୍ତାନ୍ତ ଓ ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ ବିଭିନ୍ନ ତଥ୍ୟ ମଧ୍ୟ ପ୍ରଦର୍ଶିତ ହେବ। ଏହି ଅବସରରେ ଚିତ୍ରକଳା ଶିବିର ସହ ଭାସ୍କର୍ଯ୍ୟ ଶିଳ୍ପ ନିର୍ମାଣର ମଧ୍ୟ ବନ୍ଦୋବସ୍ତ କରାଯାଇଛି। ନେତାଜୀ ଓ ଓଡ଼ିଶା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି।

## ଯକ୍ଷ୍ମାମୁକ୍ତ ଓଡ଼ିଶା ଗଠନ ଅଭିଯାନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯକ୍ଷ୍ମାମୁକ୍ତ ଓଡ଼ିଶା ଗଠନ ଅଭିଯାନକୁ ତୀବ୍ର କରିବା ପାଇଁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତବର୍ଷ ଡିସେମ୍ବର ୭ ତାରିଖରେ ରାଜ୍ୟର ୨୦ଟି ଯକ୍ଷ୍ମାପ୍ରବଣ ଜିଲ୍ଲାରେ ୧୦୦ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ଭାବ୍ୟ ବ୍ୟକ୍ତିବିଶେଷଙ୍କର ଭଲ ଭାବରେ ସ୍କ୍ରିନିଂ କରି ରୋଗ ଚିହ୍ନଟ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେଇ ମୃତ୍ୟୁ ହାରକୁ ସମ୍ପୂର୍ଣ୍ଣ କମାଇବା। ଯକ୍ଷ୍ମାପ୍ରବଣ ଜିଲ୍ଲାଗୁଡିକ ହେଉଛି ବଲାଙ୍ଗିର, ବରଗଡ, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ, ଗଞ୍ଜାମ, ଜଗତସିଂପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ରାୟଗଡା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ। ଗତକାଲି ସୁଦ୍ଧା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୬୦ ପ୍ରତିଶତ ପୂର୍ବ ଟିବି ଆକ୍ରାନ୍ତ, ଟିବି ରୋଗୀଙ୍କ ପରିବାର ସଦସ୍ୟ, ମଧୁମେହ ରୋଗୀ, ଏଚଆଇଭି ଆକ୍ରାନ୍ତ, ୬୦ ବର୍ଷରୁ ଅଧିକ ବୟସର ନାଗରିକ, ଧୂମ୍ରପାନ ଏବଂ ମଦ୍ୟପାନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ଭାବ୍ୟ ତାଲିକାଭୁକ୍ତ କରି ସେମାନଙ୍କର ସ୍କ୍ରିନିଂ ଓ ଅନ୍ୟାନ୍ୟ ପରୀକ୍ଷା କରି ଟିବି ରୋଗୀଙ୍କୁ ଚିହ୍ନଟ କରିଛି। ଅଦ୍ୟାବଧି ୪,୬୬୮ ଜଣ ଟିବି ରୋଗୀଙ୍କୁ ଏହି ୨୦ଟି ଜିଲ୍ଲାରୁ ଚିହ୍ନଟ କରାଯାଇଛି। ଅଭିଯାନକୁ କ୍ରିୟାଶୀଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱତୀ ଏସ. ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶକ ଡା ବୃନ୍ଦା ଡି. ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କ ସହିତ ଆଭାସୀ ମାଧ୍ୟମରେ ଅଭିଯାନର ସ୍ଥିତି, ଅଗ୍ରଗତି ଓ ଆଶୁ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି।

### ଏନ୍‌ଇପି ଜାତୀୟ ସ୍ତରୀୟ କର୍ମଶାଳା

# ଶିକ୍ଷାଦାନ ପଦ୍ଧତିରେ ଉନ୍ନତିକୁ ଗୁରୁତ୍ୱ



**ଭୁବନେଶ୍ୱର,୨୨।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ଏ ସମ୍ପର୍କରେ ସଚେତନତା ସୃଷ୍ଟି ସକାଶେ ଆରମ୍ଭ ହୋଇଥିବା ଜାତୀୟ ସ୍ତରୀୟ କର୍ମଶାଳାର ଦ୍ୱିତୀୟ ଦିନରେ ଆଜି ସମୟସୀମା, କାର୍ଯ୍ୟ ଯୋଜନା ଓ ଶିଶୁ ବାଟିକାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଏବଂ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିକାଶ ଉପରେ ଆଲୋଚନା କରାଯାଇଛି। ଏନ୍‌ଇପି-୨୦୨୦ ଓ ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୩କୁ ନେଇ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି। ପାଠ୍ୟକ୍ରମ ଭାର ହ୍ରାସ, ଧନ୍ଦାମୂଳକ ଶିକ୍ଷା ପ୍ରଚଳନ ଏବଂ ଅଭିଜ୍ଞତାମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଦେବା, ଅଭିନବ ଶିକ୍ଷାଦାନ ପଦ୍ଧତି ଗ୍ରହଣ କରିବା, ବିବିଧ ମୂଲ୍ୟାଙ୍କନର ବ୍ୟବହାର କରିବା ଏବଂ ଶିକ୍ଷା ମାନଦଣ୍ଡ ହାସଲ ପାଇଁ ସମୟସୀମା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଚି।

ବିଭିନ୍ନ ଗ୍ରୁପ୍ ପ୍ରଭାବଶାଳୀ ନିର୍ଦ୍ଦେଶ ଏବଂ ମୂଲ୍ୟାଙ୍କନ ପାଇଁ ଏକାଧିକ ବୋର୍ଡର ଏକୀକରଣ, ସ୍ପଷ୍ଟ ପାଠ୍ୟକ୍ରମ ଏବଂ ଶିକ୍ଷଣ ଫଳାଫଳ ସହ ଏକ 'ମାଧ୍ୟମିକ ପର୍ଯ୍ୟାୟ-୨ ରାଜ୍ୟ ପାଠ୍ୟକ୍ରମ ରୂପରେଖ' ବିକଶିତ କରିବା ନେଇ ଆଲୋଚନା କରିଥିଲେ। ଏଥିସହ ଶିକ୍ଷକମାନେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଗ୍ରେଡ୍ ସ୍ତରରେ ହୋଲିଷ୍ଟିକ୍ ପ୍ରୋଗ୍ରେସ୍ କାର୍ଡ (ଏଚ୍‌ପିସି) ଓ ମୂଲ୍ୟାଙ୍କନ ରେଜିଷ୍ଟର କାର୍ଯ୍ୟକାରୀ କରିବା ଉପରେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ସେମାନେ ବିଦ୍ୟାଳୟ ସ୍ତରରେ ଏଚ୍‌ପିସି କାର୍ଯ୍ୟକାରୀ କରିବାରେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ଶିକ୍ଷକଙ୍କ ଶିକ୍ଷା ଓ ସେମାନଙ୍କ ବୃତ୍ତିଗତ ବିକାଶକୁ ଏନ୍‌ଇପି-୨୦୨୦ ସହ ସମନ୍ୱିତ କରିବା ନିମନ୍ତେ ଏକ ଉତ୍ସର୍ଗୀକୃତ ଟାସ୍କ ଫୋର୍ସ ଗଠନ ଓ ବାଦ୍ ପଡୁଥିବା ଅନ୍ୟାନ୍ୟ ଦିଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ସେହିପରି ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ଶିକ୍ଷା ପାଇଁ କାର୍ଯ୍ୟାନ୍ୱୟନ ଯୋଜନାର ରୂପରେଖ ଉପସ୍ଥାପନ କରାଯାଇଥିଲା। ଭିତ୍ତିଭୂମି ଏବଂ ପାଣି, ଶିକ୍ଷକ ନିଯୁକ୍ତି ଓ ସେମାନଙ୍କ ତାଲିମ୍ ଉପରେ ଧ୍ୟାନ ଦେବା, ମୂଲ୍ୟାଙ୍କନ କରି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ଦିଗରେ ଆଲୋଚନା କରାଯାଇଛି। ଶିକ୍ଷକମାନଙ୍କୁ ସାହାଯ୍ୟ କରିବା ଓ ସେମାନଙ୍କ ନିରନ୍ତର ବୃତ୍ତିଗତ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିକ୍ଷାଦାନ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୁକ୍ତ ଓ ନିରାପଦ ବ୍ୟବହାର ନେଇ ଆଲୋଚନା ହୋଇଛି। ଏହାଛଡା ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଏବଂ ଟିଏଲଏମ୍ ବିକାଶ ନିମନ୍ତେ ଏକ କାର୍ଯ୍ୟ ଯୋଜନା ବିକଶିତ କରିବା ନେଇ ଆଲୋଚନା ହୋଇଛି, ଯେଉଁଥିରେ ୩ ପ୍ରକାରର ସମୟସୀମା ରହିବ। ସେଗୁଡ଼ିକ ଇମିଡିଏଟ୍ (୬ ମାସ ମଧ୍ୟରେ), ସ୍ୱଳ୍ପକାଳୀନ (୬ରୁ ୧୨ ମାସ) ଓ ଦୀର୍ଘକାଳୀନ (୧ ବର୍ଷରୁ ଅଧିକ)।

## କନ୍‌ଷ୍ଟେବଲଙ୍କୁ ୨୦ ବର୍ଷ ଜେଲ୍

**ଦାରିଙ୍ଗବାଡ଼ି,୨୨।୧(ସଂଚାର ବ୍ୟୁରୋ):** ଦାରିଙ୍ଗବାଡ଼ିର ଗୋବିନ୍ଦ ପ୍ରଧାନ ବିବାହର ପ୍ରଲୋଭନ ଦେଖାଇ ଗତ ୨୦୧୬ ମସିହାରେ ଜଣେ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୮ରେ ସେ ରାଜ୍ୟ ପୁଲିସ୍ ବିଭାଗରେ କନେଷ୍ଟବଳ ଭାବେ ନିଯୁକ୍ତି ପାଇଥିଲେ। ତେବେ ତାଙ୍କ ବିରୋଧରେ ବିଚାରାଧୀନ ଥିବା ଦୁଷ୍କର୍ମ ମାମଲାର ବିଚାର କରି ଆଜି କୋର୍ଟ ତାଙ୍କୁ ୨୦ ବର୍ଷ ଜେଲ୍‌ଦଣ୍ଡାଦେଶ ଶୁଣାଇବା ସହ ୨୫ ହଜାର ଟଙ୍କାର ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଦୁଷ୍କର୍ମ ମାମଲାର ୪ ବର୍ଷ ପରେ ଆଜି ଫୁଲବାଣୀ ପକ୍‌ସୋ କୋର୍ଟ କରିଥିବା ଶୁଣାଣିରେ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ଗୋବିନ୍ଦ ବିବାହର ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। କିନ୍ତୁ ପୁଲିସ୍ ବିଭାଗରେ ନିଯୁକ୍ତି ପାଇବା ପରେ ସେ ଆଉଉକ୍ତ ନାବାଳିକାଙ୍କୁ ଧରାଛୁଆଁ ଦେଇନଥିଲେ, ବରଂ ଅନ୍ୟତ୍ର ବିବାହ କରିଥିଲେ। ଗତ ୨୦୨୦ରେ ପୀଡ଼ିତା ଏନେଇ ଫୁଲବାଣୀ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ହେବା ପରେ ଗୋବିନ୍ଦ ଦୀର୍ଘ ଦିନ ଧରି ଚାକିରିରେ ଅନୁପସ୍ଥିତ ରହିଥିଲେ। ତେଣୁ ତାଙ୍କୁ ଚାକିରିରୁ ସସ୍‌ପେଣ୍ଡ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସେ ହାଇକୋର୍ଟରୁ ବେଲ୍ ଅର୍ଡର ଆଣି ପକ୍‌ସୋ କୋର୍ଟରେ ଦାଖଲ କରିଥିଲେ। ପରେ ସେ ପୁଣି ନିଯୁକ୍ତି ପାଇଥିଲେ। କିନ୍ତୁ ଡିପାର୍ଟମେଣ୍ଟାଲ୍ ବ୍ଲାକ ମାର୍ଚ୍ଚ କରାଯାଇଥିଲା, ଯେଉଁଥିରେ ତାଙ୍କୁ ୫ ବର୍ଷ ପର୍ଯ୍ୟନ୍ତ କୌଣସି ପ୍ରକାର ପଦୋନ୍ନତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା। ଏହି ମାମଲାରେ କୋର୍ଟ ୧୧ ଜଣ ସାକ୍ଷୀଙ୍କ ବୟାନ୍, ଡାକ୍ତରୀ ରିପୋର୍ଟ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଗୋବିନ୍ଦଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଏହାଛଡ଼ା ପୀଡ଼ିତାକୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

# ଧାନର ମାନ ନିମ୍ନ ଉପକୂଳରେ ବେପାରୀ ସକ୍ରିୟ

**ଭୁବନେଶ୍ୱର,୨୨।୧ (ସଂଚାର ବ୍ୟୁରୋ):** ବର୍ଷା ମାଡଖିଆ ଧାନ ବହୁ ସ୍ଥାନରେ ଏଫ୍‌ଏକ୍ୟୁ ମାନ ପରୀକ୍ଷାରେ ଫେଲ୍ ଖବର ପ୍ରସାରିତ ହେବାପରେ ଏବେ ଧାନ ବେପାରୀମାନେ ସକ୍ରିୟ ହୋଇଛନ୍ତି। ଚାଷୀଙ୍କ ଠାରୁ କୁଇଣ୍ଟାଲ ପ୍ରତି ୧୯୦୦ ରୁ ୨୦୦୦ ଟଙ୍କାରେ କିଣିବାକୁ ମୂଲଚାଲ କରୁଥିବାବେଳେ କେତେକ ଚାଷୀ ବି ଏମାନଙ୍କୁ ବିକିବାକୁ ପ୍ରସ୍ତୁତ ହେଉଥିବା ଲକ୍ଷ୍ୟ କରାଯାଉଛି।

ଚଳିତ ଖରିଫ ଋତୁରେ ସରକାରଙ୍କୁ ଧାନ ବିକ୍ରି କରିବାପାଇଁ ସାଢେ ୧୭ଲକ୍ଷ ଚାଷୀ ନିଜକୁ ପଞ୍ଜିକୃତ କରିଛନ୍ତି। ସେମାନଙ୍କ ପାଇଁ ୩୦ଟି ଜିଲ୍ଲାରେ ୩୧୦୩ଟି ମଣ୍ଡି ପ୍ରତିଷ୍ଠା ହୋଇଛି। ତେବେ ଏହି ମଣ୍ଡିରେ ଧାନ ବିକ୍ରି ପୂର୍ବରୁ ତାହାର ମାନ ଯନ୍ତ୍ର ଦ୍ୱାରା ପରୀକ୍ଷା ହେଉଛି। ତେବେ ଅମଳ ସମୟରେ ଅଦିନିଆ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ଅଧିକାଂଶ ଜିଲ୍ଲା ବିଶେଷକରି ଉପକୂଳରେ ବର୍ଷାମାଡରେ ଧାନର ରଙ୍ଗ ବଦଳିବା ସହିତ ମାନ ହ୍ରାସ ପାଇଛି। ଏହି କିସମର ଧାନ ଏଫ୍‌ଏକ୍ୟୁ ପରୀକ୍ଷାରେ ପାଶ୍ କରିପାରୁ ନାହିଁ।

ବର୍ତ୍ତମାନ ଉପକୂଳ ଜିଲ୍ଲାଗୁଡିକରେ ମଣ୍ଡିରେ



ଧାନ ବିକ୍ରି ଆରମ୍ଭ ହୋଇଥିବାବେଳେ ଚାଷୀମାନେ ନିଜର ଧାନକୁ ନେଇ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଅଦିନିଆ ବର୍ଷାରେ ପ୍ରଭାବିତ ହୋଇଥିବା ଏହିସବୁ ଧାନ ମାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କି ନାହିଁ ସେହି ଚିନ୍ତା ଘାରିଛି। ଯଦି ଧାନର ମାନ ଏଫଏକ୍ୟୁର ନହେବ ତେବେ ତାହାକୁ ମଣ୍ଡିରେ ବିକ୍ରିକରି ହେବନାହିଁ। ତେଣୁ ଧାନ ପରିବହନ ଖର୍ଚ୍ଚ ପାଣିରେ ପଡିବା ସହିତ ଏହି ଧାନକୁ ସରକାର କିଣିବେ କି ନାହିଁ ଓ ଯଦି କିଣିବେ ତେବେ କେତେ ଦରରେ କିଣିବେ ତାହା ସ୍ପଷ୍ଟ ହେଉନଥିବାରୁ ଚାଷୀମାନେ ଏବେ ଦୋଛକିରେ ରହିଛନ୍ତି। ଏହାର ସୁଯୋଗ ନେଇ ଏବେ ଗାଁ ଗାଁରେ ଧାନ ବେପାରୀମାନେ ସକ୍ରିୟ ହୋଇଛନ୍ତି। ବର୍ଷାମାଡ ଖିଆ ଧାନ ମାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କାଠିକରପାଠ ବୋଲି ଚାଷୀଙ୍କୁ ବୁଝାଇବାରେ ଲାଗିଛନ୍ତି। ତେଣୁ ମଣ୍ଡିକୁ ନେଇ ହଲାପଟା ହେବା ଅପେକ୍ଷା ଦୁଆର ମୁହଁରେ ବିକ୍ରି କରିବାକୁ କହୁଛନ୍ତି। ଏଥିପାଇଁ କୁଇଣ୍ଟାଲ ପିଛା ୧୯୦୦ ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଦର ଲଗାଉଛନ୍ତି।

ଚାଷୀମାନେ ଏହାକୁ ନେଇ ଦ୍ୱନ୍ଦରେ ପଡିଛନ୍ତି। କାରଣ ପୂର୍ବରୁ ଧାନର କୁଇଣ୍ଟାଲ ପ୍ରତି ସରକାରୀ ଦର ୨୩୦୦ ଟଙ୍କା ଥିବାବେଳେ ଚଳିତବର୍ଷ ରାଜ୍ୟ ସରକାର ଏଥି ସହିତ ଆଉ ୮୦୦ ଟଙ୍କାର ଇନ୍‌ପୁଟ୍ ସବସିଡ୍ ପ୍ରଦାନ କରୁଛନ୍ତି। ଫଳରେ ଯେଉଁ ଚାଷୀମାନଙ୍କ ଧାନ ମଣ୍ଡିରେ ବିକ୍ରି ହେବ ସେମାନେ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରି ପାଇବେ। ହେଲେ ଏଫ୍‌ଏକ୍ୟୁ ମାନର ଧାନ ନହେଲେ ତାହା ଖରିଦ କରାଯିବ ନାହିଁ ବୋଲି ବିଭିନ୍ନ ସମୟରେ ବିବୃତ୍ତି ଆସୁଥିବାରୁ ଚାଷୀମାନେ ଦ୍ୱନ୍ଦରେ ପଡିଛନ୍ତି। ପୂର୍ବରୁ କୁହାଯାଇଥିଲା ବର୍ଷାମାଡ ଖିଆ ଧାନ ସଂକ୍ରାନ୍ତରେ ଜିଲ୍ଲାପାଳମାନେ ନିଷ୍ପତ୍ତି ନେବେ। ହେଲେ ଏ ନେଇ କୌଣସି ଲିଖିତ ନିର୍ଦ୍ଦେଶନାମା ନଥିବାରୁ ଅନେକ ଜିଲ୍ଲାରେ ଜିଲ୍ଲାପାଳମାନେ ଏ କ୍ଷେତ୍ରରେ ଏକ ପ୍ରକାର ନିରବ ରହୁଛନ୍ତି। ତେଣୁ ଏଫ୍‌ଏକ୍ୟୁ ପ୍ରମାଣିତ ନହେଲେ ସେହିସବୁ ଧାନକୁ କେତେ ଦରରେ କିଏ ଖରିଦ କରିବ ତାହା ସ୍ପଷ୍ଟ ହେଉନାହିଁ। ତେଣୁ ବହୁ ସ୍ଥାନରେ ରବି ଚାଷ ସହିତ ବ୍ୟାଙ୍କ୍‌ରେ ଋଣ ଓ ସୁଧ ଭାର ବଢୁଥିବାରୁ ଚାଷୀମାନେ ବେପାରୀଙ୍କ କଥାରେ ରାଜିହେବା ଅବସ୍ଥାକୁ ଆସିଗଲେଣି।

ତେଣୁ ବର୍ଷାରେ ପ୍ରଭାବିତ ହୋଇଥିବା ଧାନ ଯଦି ଏଫ୍‌ଏକ୍ୟୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୁଏ ତେବେ ତାହାକୁ ସରକାର କିଣିବେ କି ନାହିଁ ଓ ଯଦି କିଣିବେ କେତେ ଦରରେ କିଣିବେ ତାହା ସ୍ପଷ୍ଟ କରିବାପାଇଁ ଉପକୂଳ ଜିଲ୍ଲାର ବହୁ ଚାଷୀ ଦାବି କରିଛନ୍ତି। ଏହା ନହେଲେ ପୂର୍ବବର୍ଷ ଭଳି ଚାଷୀମାନେ କମ୍ ଦରରେ ବେପାରୀଙ୍କୁ ଧାନ ବିକିବାକୁ ବାଧ୍ୟହେବା ଏକ ପ୍ରକାର ଥୟ। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଗତ ଦୁଇ ସପ୍ତାହ ଧରି ଘରୋଇ ବଜାରରେ ସୁନାର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖିବାକୁ ମିଳିପାରେ। ଏପରିକି ଚଳିତବର୍ଷ ଦୀପାବଳି ସୁଦ୍ଧା ଘରୋଇ ବଜାରରେ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କା ଛୁଇଁଯାଇପାରେ। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ୨୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୨ ହଜାର ୦୯୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୫, ୨୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୨ , ୦୯୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୫,୨୫୦ ଟଙ୍କା ଓ ୮୨,୦୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୫,୪୦୦ ଟଙ୍କା ଓ ୮୨, ୨୪୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୫,୨୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୨, ୦୯୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୫,୨୫୦ ଟଙ୍କା ଓ ୮୩,୦୯୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୬,୫୦୦ ହଜାର ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବଜାରକୁ ଆସିବ ଟୟୋଟା ଅର୍ବାନ କ୍ରୁଜର୍ ଇଭି

**ନୂଆଦିଲ୍ଲୀ, ୨୨।୧:** ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋରେ ଟୟୋଟା ଅର୍ବାନ କ୍ରୁଜର ଇଭିସାମ୍ନାକୁ ଆସିଛି। ଜବରଦସ୍ତ ରେଞ୍ଜ ଏବଂ ପାୱାରଫୁଲ୍ ବ୍ୟାଟେରୀ ପ୍ୟାକ୍ ସହିତ ଆସୁଥିବା ଅର୍ବାନ କ୍ରୁଜର ଇଭିକୁ ବହୁତ ପସନ୍ଦ କରାଯାଉଛି। ଟୟୋଟା ର ଏହି ଇଭି ସମାନ ପ୍ଲାଟଫର୍ମରେ ଡିଜାଇନ୍ ହୋଇଛି, ଯେଉଁଥିରେ ମାରୁତି ଇ ଭିଟାରାକୁ ଡିଜାଇନ୍ କରାଯାଇଛି।

ଟୟୋଟା ଏହି ମଡେଲକୁ ଭାରତରେ ମାରୁତି ଭିଟାରା ଇଲେକ୍ଟ୍ରିକ୍ ଲଞ୍ଚ ପରେ ହିଁ ଭାରତୀୟ ବଜାରରେ ଲଞ୍ଚ କରିପାରିବ। ମାରୁତି ସୁଜୁକି, ଇ ଭିଟାରା ଉପରେ ବେସ୍ଡ ଏହି ଏସୟୁଭିରେ ଅନେକ ସମାନତା ରହିଛି। ଏହି କାରରେ ନୂଆ ଡିଜାଇନର ଏଲଇଡି ଡ଼େ ଟାଇମ୍ ରନିଂ ଲାଇଟ୍, ହେଡ଼ଲ୍ୟାମ୍ପ, ଆଲଏ ହୁଇଲ୍ ଏବଂ ମୋଡିଫାଏଡ୍ ରିୟର ପ୍ରୋଫାଇଲ୍ ଦିଆଯାଇଛି।

ଏହା ସହିତ କାରରେ ଆପଣଙ୍କୁ କନ୍ନେକ୍ଟେଡ୍ ଆପ୍, ଟଚସ୍କ୍ରିନ୍ ଇନଫୋଟେନ୍ମେଣ୍ଟ ସିଷ୍ଟମ, ଇଲେକ୍ଟ୍ରିକ୍ ପାର୍କିଂ ବ୍ରେକ୍, ସନରୁଫ୍ ଏବଂ ଜେବିଏଲ ସାଉଣ୍ଡ ସିଷ୍ଟମ୍ ରହିଛି। ସେଫ୍ଟି ଫିଚର୍ସ ପାଇଁ ଅର୍ବାନ କ୍ରୁଜର ଇଭି ରେ ୩୬୦- ଡିଗ୍ରୀ କ୍ୟାମେରା ଏବଂ ଏଡିଏଏସ ଫିଚର୍ସ ଦିଆଯାଇଛି। ଏଥିରେ ଏଡିଏଏସ ସୁଟରେ ଆଡପ୍ଟିଭ୍ କ୍ରୁଜ୍ କଣ୍ଟ୍ରୋଲ୍, ଲେନ ଡେପାରଚର୍ ଆଲର୍ଟ ଏବଂ ଲେନ କିପ୍ ଆସିଷ୍ଟ ମଧ ସାମିଲ




ଅଛି। ମାରୁତି ସୁଜୁକି ଇ-ଭିଟାରା ପରି ଦୁଇଟି ପାୱାର ଟ୍ରେନ୍ କନଫିଗିରେସନ୍ ସହିତ ଟୟୋଟା ଅର୍ବାନ କ୍ରୁଜର ଇଭିକୁ ସାମ୍ନାକୁ ଆଣିଛି। ଏହି ଏସୟୁଭି ୪୯ କେଡବ୍ଲ୍ୟୁଏଚ ଏବଂ ୬୧ କେଡବ୍ଲ୍ୟୁଏଚ କ୍ଷମତା ବିଶିଷ୍ଟ ଲିଥିୟମ୍-ଆଇରନ୍ ଫସଫେଟ୍ ସେଲର ବ୍ୟାଟେରୀ ପ୍ୟାକ୍ ଅପ୍ସନ ସହିତ ମିଳିବାକୁ ଯାଉଛି। ଛୋଟ ବ୍ୟାଟେରୀ ସହିତ ଫ୍ରଣ୍ଟ ଏକ୍ସିଲ ମାଉଣ୍ଟେଡ ଇଲେକ୍ଟ୍ରିକ୍ ମୋଟର ୧୪୪ ଏଚପିର ପାୱାର ଏବଂ ୧୮୯ ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ଏହା ସହ ବଡ଼ ବ୍ୟାଟେରୀ ଭ୍ୟାରିଆଣ୍ଟର ମୋଟର ୧୭୪ ଏଚପିର ପାୱାର ଏବଂ ୧୮୯ ଏନଏମର ଟର୍କ ଜେନେରେଟ୍ କରିବାର ସକ୍ଷମ ରହିଛି।

ଟୟୋଟା ଅର୍ବାନ କ୍ରୁଜର ଇଭିକୁ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତୀୟ ବଜାରରେ ଲଞ୍ଚ ହୋଇପାରିବ। ଭାରତୀୟ ବଜାରରେ ଏହି ଟାଟା କର୍ଭ ହୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍ ଏବଂ ମହିନ୍ଦ୍ରା ବିଇ୬କୁ କଡ଼ା ଟକ୍କର ଦେଇପାରେ। ଟୟୋଟା ଅର୍ବାନ କ୍ରୁଜର ଏସୟୁଭିରେ ୪୯ କେଡବ୍ଲ୍ୟୁ ଏଚ ଏବଂ ୬୧ କେଡବ୍ଲ୍ୟୁଏଚ କ୍ଷମତା ଭଳି ଲିଥିୟମ-ଆଇରନ୍ ବ୍ୟାଟେରୀ ପ୍ୟାକ୍ ସହିତ ଲଞ୍ଚ କରାଯାଇପାରିବ। ଏହି ଇଲେକ୍ଟ୍ରିକ୍ ଏସୟୁଭିର ରେଞ୍ଜ ପ୍ରାୟ ୫୦୦ କେଏମ ପର୍ଯ୍ୟନ୍ତ ହେବ।

# ଆର୍ଥିକ ଏକୀକରଣ ଉପରେ ଧ୍ୟାନଦେବା ଆବଶ୍ୟକ

**ଭୁବନେଶ୍ୱର,୨୨।୧:** ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟରେ ଉପଭୋକ୍ତା ଚାହିଦା ଏବଂ ପୁଞ୍ଜି ବ୍ୟୟକୁ ପ୍ରୋତ୍ସାହିତକରି ଆର୍ଥିକ ଏକୀକରଣ ଢାଞ୍ଚା ଉପରେ ଧ୍ୟାନଦେବା ଆବଶ୍ୟକ ବୋଲି ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟରେ, କେନ୍ଦ୍ର ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ଆର୍ଥିକ ସ୍ଥିତିକୁ ମଜଭୁତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହାସହ ଆର୍ଥିକ ନିଅଣ୍ଟକୁ ମୋଟ ଘରୋଇ ଉତ୍ପାଦ (ଜିଡିପି) ର ୪.୫ ପ୍ରତିଶତକୁ ଆଣିବା ଲକ୍ଷ୍ୟ ରହିଛି। ଇଣ୍ଡିଆ ରେଟିଂ କହିଛି ବିଭିନ୍ନ ବର୍ଗ ବିଶେଷକରି ନିବେଶକମାନଙ୍କ ପାଇଁ ଅର୍ଥନୀତିର ଆର୍ଥିକ ସ୍ଥିତିକୁ ଆକଳନ କରିବା ଗୁରୁତ୍ୱପୂର୍ଣ୍ଣ। ଏହା ମଧ ମୁଦ୍ରାସ୍ଫୀତି ହ୍ରାସ କରିବାରେ ସାହାଯ୍ୟକରେ ଯାହା ଆର୍ଥିକ ବର୍ଷରେ ୨୦୨୪-୨୫ ମଧରେ ରହିଥାଏ। ଏହା



ଅର୍ଥନୀତିରେ ଦୁର୍ବଳ ବ୍ୟବହାର ଚାହିଦା ମଧରୁ ଏକ କାରଣ ଯାହାକି ବ୍ୟକ୍ତିଗତ ନିବେଶକୁ ୱାଚ୍-ୱେଟ୍ ପରିସ୍ଥିତିରେ ରଖିଛି। ଏଣୁ ଆୟକର ରିଲିଫ ମାଧମରେ ଅର୍ଥନୀତିରେ ଉପଭୋକ୍ତା ଚାହିଦାକୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ଆଗାମୀ ବଜେଟରେ ଘୋଷଣା କରାଯାଇପାରେ ବୋଲି ଆଶା କରାଯାଉଛି। ୩ ତ୍ରୈମାସରେ ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା ମଧରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ ସ୍ୱଳ୍ପ ଏବଂ ଦୀର୍ଘ ମିଆଦୀ କାର୍ଯ୍ୟସୂଚୀ ଉପରେ ଧ୍ୟାନ ଦେବ ବୋଲି ଆକଳନ କରାଯାଉଛି। ଏଥିରେ ଏକ ଆର୍ଥିକ ଏକୀକରଣ ସଡ଼କ ମାନଚିତ୍ର, ସଂଶୋଧିତ ଆର୍ଥିକ ସଡ଼କ ମାନଚିତ୍ର, ଉପଭୋକ୍ତା ଚାହିଦା ଏବଂ ଭିତ୍ତିଭୂମି ବୃଦ୍ଧି ଏବଂ ପୁଞ୍ଜି ଖର୍ଚ୍ଚ ଉତ୍ପାଦନ ଅନ୍ତର୍ଭୁକ୍ତ ରହିଛି। ଆର୍ଥିକବର୍ଷ ୨୦୨୧-୨୨ ପରେ, କେନ୍ଦ୍ର ସରକାର ଭିତ୍ତିଭୂମି କ୍ଷେତ୍ର ଉପରେ ଧ୍ୟାନ ଦେଉଛନ୍ତି ଯାହା ଯୋଗାଣ-ପାର୍ଶ୍ୱ ପ୍ରତିବନ୍ଧକକୁ ଦୂରକରିବାରେ ସାହାଯ୍ୟ କରିବ। ଇଣ୍ଡିଆ ରେଟିଂ ଆଶା କରୁଛି, ୨୦୨୫-୨୬ ବଜେଟରେ ମଧ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯିବ। ସୂଚନା ଥାଉକି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃଆରୀ ୧ରେ ୨୦୨୫-୨୬ ପାଇଁ ବଜେଟ ଉପସ୍ଥାପନ କରିବେ। ୨୦୨୪-୨୫ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧିର ମନ୍ଥରତା ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ସାମାନ୍ୟ ପୁନରୁଦ୍ଧାର ସତ୍ତ୍ୱେ ଇଣ୍ଡିଆ ରେଟିଂ ଆଶା କରୁଛି ଯେ ଆର୍ଥିକ ଏକୀକରଣ ଢାଞ୍ଚାକୁ ପାଳନ କରିବ। ରେଟିଂ ଏଜେନ୍ସି କହିଛି , ୨୦୨୫-୨୬ ଆର୍ଥିକ ବର୍ଷରେ ବଜାର ମୂଲ୍ୟରେ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ହାର ୧୦.୨% ହେବ। ଇଣ୍ଡିଆ ରେଟିଂରେ ମୁଖ୍ୟ ଅର୍ଥନୀତିଜ୍ଞ ତଥା ଜନ ଫାଇନାନ୍ସର ମୁଖ୍ୟ ଦେବେନ୍ଦ୍ର କୁମାର ପନ୍ତ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ସରକାର ଆର୍ଥିକ ନିଅଣ୍ଟ ଲକ୍ଷ୍ୟକୁ ୪.୫%ରୁ କମ୍ ରଖିପାରନ୍ତି।

## ୩ୟ ତ୍ରୈମାସରେ ୬୩୯ କୋଟିର ନେଟ୍ ଲାଭ

ନୂଆଦିଲ୍ଲୀ,୨୨।୧: ୟୁକୋ ବ୍ୟାଙ୍କର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏପରିକି ୨୦୨୪ ଡିସେମ୍ବର ମାସ ଶେଷ ସୁଦ୍ଧା ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ୨୭.୦୪% ଅଭିବୃଦ୍ଧି ହାର ହାସଲକରି ୬୩୯ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଛି, ଯାହା ପୂର୍ବ ବର୍ଷ ଏହି ସମୟରେ ୫୦୩ କୋଟି ଟଙ୍କା ଥିଲା। ସେହିଭଳି ବ୍ୟାଙ୍କର ସକଳ ଅଗ୍ରିମରେ ୨୨.୦୧% ବୃଦ୍ଧି ଘଟି ୧,୧୪,୩୫୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧି ୪, ୮୮,୯୧୧ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ୧୯.୬୨% ବୃଦ୍ଧି ଘଟି ୨,୩୭୮କୋଟିରେ ପହଞ୍ଚିଛି। ସେହିପରି ତୃତୀୟ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୩.୧୭% ବୃଦ୍ଧି ପାଇଥିବାବେଳେ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍ଏଆର୍) ୧୬.୨୫% ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ୯୬.୧୬% ରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ୪୧.୭୩% ଅଭିବୃଦ୍ଧି ହାରରେ ୧,୫୮୬ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ଏନ୍‌ପିଏ ୯୪ବିପିଏସ୍ ହ୍ରାସ ପାଇ ୨.୯୧%ରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୫ ବିପିଏସ୍ ହ୍ରାସ ପାଇ ୦.୬୩% ରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ,ୟୁକୋ ବ୍ୟାଙ୍କର ୩,୨୬୩ଟି ଘରୋଇ ଶାଖା ରହିଥିବାବେଳେ ହଂକଂ ଓ ସିଙ୍ଗାପୁରଠାରେ ୨ଟି ଶାଖା ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୪୭୮ଟି ଏଟିଏମ୍ ଓ ୧୦୬୫୩ଟି ବିସି ପଏଣ୍ଟ ରହିଛି।

# ପୁଞ୍ଜି ବଜାରରେ ଟ୍ରମ୍ପ୍ ପ୍ରଭାବ: ନିବେଶକ ହରାଇଲେ ୭ ଲକ୍ଷ କୋଟି

ମୁମ୍ବାଇ,୨୨।୧: ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିବା ମାତ୍ରେ ଦୋହଲିଗଲା ଭାରତୀୟ ପୁଞ୍ଜିବଜାର। ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ଯୋଗୁ ମଙ୍ଗଳବାର ସେସନ୍‌ରେ ବିଏସ୍‌ଇ ସେନ୍‌ସେକ୍ସ ୧୨୩୫ ପଏଣ୍ଟ (୧.୬୦%) ଖସି ୭୫,୮୩୮.୩୬ରେ ସ୍ଥିର ରହିଛି। ସେହିପରି ଏନ୍‌ଏସ୍‌ଇ ନିଫ୍ଟି ୩୨୦ ପଏଣ୍ଟ (୧.୩୭%) ନିମ୍ନଗାମୀ ହୋଇ ୨୩,୦୨୪.୬୫ରେ ରହିଛି। ଫଳରେ ଭାରତୀୟ ନିବେଶକମାନେ ଦିନକ ଭିତରେ ୭ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ସହିଛନ୍ତି। ସେନ୍‌ସେକ୍ସର ଜମାଟୋ, ଏନ୍‌ଟିପିସି, ଆଦାନୀ ପୋଟର୍‌ସ, ଆଇସିଆଇସିଆଇ ବ୍ୟାଙ୍କ, ଏସ୍‌ବିଆଇ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭଳି କମ୍ପାନୀ ସବୁଠୁ ଅଧିକ ତଳକୁ ଖସିଛି। ସେହିପରି ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ୍‌ରେ ଅନ୍ତର୍ଭୁକ୍ତ କମ୍ପାନୀଗୁଡ଼ିକ ମଧ ୨% କ୍ଷତିଗ୍ରସ୍ତ ହୋଇଛି। ସବୁ ସେକ୍ଟରରେ ନିବେଶକମାନେ ଶେୟାରଗୁଡ଼ିକୁ ଶସ୍ତାରେ ବିକ୍ରି କରିଦେଇଛନ୍ତି। ଟ୍ରମ୍ପ୍ ସୋମବାର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଭାରତ ସମେତ ଅନେକ ଦେଶରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ସୀମାଶୁଳ୍କ ବସାଇବେ ବୋଲି ଘୋଷଣା କରିଥିଲେ। ଏହି କାରଣରୁ ନିବେଶକମାନେ ଆତଙ୍କିତ ହୋଇ ସେଲ୍‌ଅଫ୍‌ରେ ପଡ଼ିଥିବା କୁହାଯାଉଛି। ଏହାବାଦ୍ ଟ୍ରମ୍ପଙ୍କ ଆପ୍ରବାସନ ନୀତି ମଧ ଭାରତୀୟ ଟେକ୍ ସେକ୍ଟରକୁ ପ୍ରଭାବିତ କରିପାରେ। ଟ୍ରମ୍ପ୍ ୨.୦ରେ ନୂଆ ରାଷ୍ଟ୍ରପତିଙ୍କ ଅର୍ଥନୈତିକ ନିଷ୍ପତ୍ତି କ'ଣ ରହିବ, ସେଥିରେ କୌଣସି ସ୍ପଷ୍ଟତା ନ ଥିବାରୁ ଚିନ୍ତା ବଢ଼ିଯାଇଛି। ଟ୍ରମ୍ପ୍ ଶରଣାର୍ଥୀଙ୍କ ସମ୍ପର୍କରେ ସ୍ପଷ୍ଟ ଭାବେ କହିଥିଲେ ମଧ ଟାରିଫ୍‌କୁ ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ପ୍ରକାଶ କରିନାହାନ୍ତି। କାନାଡା ଓ ମେକ୍ସିକୋ ସାମଗ୍ରୀ ଉପରେ ୨୫% ସୀମାଶୁଳ୍କ ବସିବା ସ୍ପଷ୍ଟ ହୋଇଥିବାବେଳେ ଭାରତୀୟ ସାମଗ୍ରୀ ଉପରେ କେତେ ସୀମାଶୁଳ୍କ ଲାଗିବ ତାହା ଜଣାପଡ଼ି ନ ଥିବାରୁ ବଜାରକୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି ବୋଲି ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସେସ୍‌ର ମୁଖ୍ୟ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ଭି.କେ. ବିଜୟକୁମାର ସୂଚନା ଦେଇଛନ୍ତି। ସେହିପରି ମେହଟ୍ଟା ଇକ୍ୱିଟିଜ୍ ସିନିୟର ଭାଇସ୍‌ପ୍ରେସିଡେଣ୍ଟ ପ୍ରଶାନ୍ତ ତାପ୍‌ସେ କହିଛନ୍ତି , ଟ୍ରମ୍ପଙ୍କ ଶପଥ ଅଭିଭାଷଣକୁ ନେଇ ନିବେଶକମାନେ ଆତଙ୍କିତ। ସେ ଆମେରିକାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ପଦକ୍ଷେପ ନେଇପାରନ୍ତି, ଯାହାକି ଭାରତ ସମେତ ଅନେକ ଦେଶର ଅର୍ଥନୀତିକୁ ସଙ୍କୁଚିତ କରିଦେଇପାରେ। ସେହିପରି ଆସନ୍ତା ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଂସଦରେ ଉପସ୍ଥାପନ କରିବାକୁ ଥିବା କେନ୍ଦ୍ରୀୟ ବଜେଟ-୨୦୨୫କୁ ନେଇ ମଧ ନିବେଶକ ଆଶା ଆଶଙ୍କାରେ ରହିଛନ୍ତି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ବଜାରରୁ ମୁହଁ ଫେରାଇନେବା ଭଳି ଆଉ କିଛି କାରଣରୁ ପୁଞ୍ଜିବଜାର ମଙ୍ଗଳବାର ତଳମୁହାଁ ହୋଇଥିବା ଅନୁମାନ କରାଯାଉଛି। ଦିନକରେ ଏଫ୍‌ଆଇଆଇ ୫,୯୨୦.୨୮ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଥିବା ଷ୍ଟକ୍ ଏକ୍ସଚେଞ୍ଜ ଡେଟାରୁ ଜଣାପଡ଼ିଛି।

## ତୈଳକୁ ନେଇ ଛକାପଞ୍ଝା ଶେଷ ହେବ

# ଟ୍ରମ୍ପଙ୍କ ସାମ୍ନାରେ ଫିକା ପଡ଼ିବ ଗଲ୍ଫ ଦେଶର ସମସ୍ତ ନୀତି

**ୱାଶିଂଟନ, ୨୨।୧:** ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ କ୍ଷମତା ଗ୍ରହଣ କରିବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ୨ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି। ଯାହା ପରେ ମୂଲ୍ୟ ବ୍ୟାରେଲ ପିଛା ୭୯ଡଲାରକୁ ଖସି ଆସିଛି। ବିଶେଷଜ୍ଞମାନଙ୍କ ଅନୁସାରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପରେ ରିଫାଇନର୍ସର ମୂଲ୍ୟ ହ୍ରାସ ପାଇବ। ଏହାର ଅର୍ଥ ସ୍ପଷ୍ଟ ଯେ, ବର୍ତ୍ତମାନ ଆମେରିକୀୟ ଡ୍ରେଲର ଯୋଗାଣ ବୃଦ୍ଧି ପାଇବ। ଏହା ବ୍ୟତୀତ ଗଲ୍ଫ ଦେଶର ତୈଳ ଉତ୍ପାଦନକାରୀଙ୍କ ସଂଗଠନ ଓପିଟିସି ଏବଂ ଓପେକ ପ୍ଲସ୍‌ର ସମସ୍ତ ନୀତି ଏହି ପ୍ରସଙ୍ଗରେ ବିଫଳ ହେବାକୁ ଯାଉଛି।

ଗଲ୍ଫ ଦେଶର ସମସ୍ତ ନୀତି ଟ୍ରମ୍ପଙ୍କ ସାମ୍ନାରେ ଫିକା ପଡ଼ିବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି। ଦୁନିଆର ସେହି ଦେଶମାନେ ଏଥିରୁ ଉପକୃତ ହେବେ, ଯେଉଁମାନେ ସେମାନଙ୍କର ଅଶୋଧିତ ତୈଳ ଆବଶ୍ୟକତାର ୮୦ ପ୍ରତିଶତ ଆମଦାନି କରିଥାନ୍ତି। ଏଥିରେ ଭାରତର ନାମକୁ ଗୁରୁତ୍ୱ ଦିଆଯାଇପାରେ। ବର୍ତ୍ତମାନ ଅଶୋଧିତ ତୈଳ ମୂଲ୍ୟ ଅଧିକ ରଖିବା ପାଇଁ ଓପିଟିସିସି ଉତ୍ପାଦନ ହ୍ରାସ କରିଛି। ଅନ୍ୟପକ୍ଷରେ, ଗଲ୍ଫ ଦେଶଗୁଡିକରେ ଭୌଗୋଳିକ ରାଜନୈତିକ ଉତ୍ତେଜନା ଯୋଗୁ ଅଶୋଧିତ ତୈଳ ଯୋଗାଣରେ ବାଧା ଉପୁଜିଛି। ଯେଉଁଥିପାଇଁ ଅଶୋଧିତତୈଳ ର ମୂଲ୍ୟ ପାଖାପାଖି ୮୦ ଡଲାର ରହିଛି । ଡୋନାଲ୍ଡ ଟ୍ରମ୍ପ ବିଶ୍ୱ ଅର୍ଥନୀତି ସହିତ ବିଶ୍ୱ ରାଜନୀତିରେ ପ୍ରବେଶ କରିଛନ୍ତି। ଶିଳ୍ପ ଅଧିକାରୀମାନେ କହିଛନ୍ତି ଯେ, ଆମେରିକାର ଅଶୋଧିତ ତୈଳ ଉତ୍ପାଦନ ପୁଣି ଥରେ ବୃଦ୍ଧି ପାଇବ। ଏହା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଯୋଗାଣ ବୃଦ୍ଧି କରିବ। ବିଶ୍ୱ ତୈ ଳ ଏବଂ ଗ୍ୟାସ



ମୂଲ୍ୟରେ ହ୍ରାସ ଘଟିବ ଏବଂ ଭାରତୀୟ ଗ୍ରାହକ ତଥା ବିଶ୍ୱର ସମସ୍ତ ଦେଶ ଅଶୋଧିତ ତୈଳ ଆମଦାନି ଉପରେ ଅଧିକ ନିର୍ଭରଶୀଳ ହେବେ। ଗଣମାଧମ ରିପୋର୍ଟ ଅନୁଯାୟୀ ରତ୍ନଗିରି ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ଲିମିଟେଡର ସିଇଓ ମୁକେଶ ସୁରାନା କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ ଯାହା କହୁଛନ୍ତି ତାହା କରନ୍ତି, ତେବେ ଆମେରିକାରେ ଡ୍ରିଲିଂ ବୃଦ୍ଧି ପାଇବ। ସେଲ୍ ଉତ୍ପାଦନ ଦ୍ରୁତ ଗତିରେ ବୃଦ୍ଧି କରାଯାଇପାରିବ ଏବଂ ଆମେରିକାର ଅନେକ ସେଲ୍ ଉତ୍ସ ଅଛି । ଏହା ଅପଷ୍ଟ୍ରିମରେ ପୁଞ୍ଜି ବ୍ୟୟର ପ୍ରବାହକୁ ବୃଦ୍ଧି କରିବ ଏବଂ ବିଶ୍ୱ ଯୋଗାଣକୁ ବୃଦ୍ଧି କରିବ।

ମିଡିଆ ରିପୋର୍ଟରେ ସୁରାନା କହିଛନ୍ତି ଯେ, ଦୀର୍ଘ ସମୟ ମଧରେ ଆମେରିକାର ତୈଳ ଉତ୍ପାଦନ "ବିଶ୍ୱ ତୈଳ ବଜାର ପରିଚାଳନା କରୁଥିବା ସଂଗଠନ ଓପେକ୍ ପ୍ଲସ୍‌ର ଶକ୍ତି ହ୍ରାସ କରିବ। ଆମେରିକାର ରପ୍ତାନି ବୃଦ୍ଧି ଯୋଗୁ, କେତେକ ବଜାରରେ ଓପେକ୍ ପ୍ଲସ୍ ଯୋଗାଣ ମଧ ବୃଦ୍ଧି ପାଇପାରେ। ଏହା ମୂଲ୍ୟକୁ ହ୍ରାସ କରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଓପେକ୍ ପ୍ଲସ୍ ଏବଂ ଅନ୍ୟ ଉତ୍ପାଦକମାନଙ୍କୁ ପୁନର୍ବାର ସେମାନଙ୍କ ରଣନୀତି ବଦଳାଇବାକୁ ବାଧ କରିପାରେ। ସୋମବାର ତାଙ୍କ ଉଦ୍‌ଘାଟନୀ ସମାରୋହରେ ଟ୍ରମ୍ପ ଶକ୍ତି ସମ୍ବନ୍ଧରେ ନିଜର ପ୍ରାଥମିକତା ସମସ୍ତଙ୍କ ଆଗରେ ରଖିଥିଲେ। ସେ କହିଥିଲେ ଯେ, ଆମେ ମୂଲ୍ୟ ହ୍ରାସ କରିବୁ ଏବଂ ସାରା ବିଶ୍ୱରେ ଆମେରିକାର ଶକ୍ତି ରପ୍ତାନି କରିବୁ। ଦୁଇ ଦିନରେ ତେଲ ଦର ବ୍ୟାରେଲ ପିଛା ପ୍ରାୟ ୨ ଡଲାରରୁ ୭୯ଡଲାରକୁ ଖସି ଆସିଛି। ଅଧିକାରୀ କହିଛନ୍ତି ଯେ, କମ୍ ଅଶୋଧିତ ତୈଳ ମୂଲ୍ୟ ରିଫାଇନର୍ସ ପାଇଁ ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି, କିନ୍ତୁ ପେଟ୍ରୋଲରେ ପେଟ୍ରୋଲ ଏବଂ ଡିଜେଲ ଶୀଘ୍ର ଶସ୍ତା ହେବ ନାହିଁ ଏବଂ ଖୁଚୁରା ମୂଲ୍ୟ ହ୍ରାସ ପାଇବ ଯଦି ଅନ୍ତର୍ଜାତୀୟ ଦର ଅଧିକ ସମୟ ପର୍ଯ୍ୟନ୍ତ ରହିବ। ଟ୍ରମ୍ପ ତାଙ୍କ ଉଦ୍‌ଘାଟନୀ ଭାଷଣରେ ନିଜକୁ ଏକ "ୟୁନିଫାୟର୍" ଭାବରେ ଉପସ୍ଥାପନ କରିଥିଲେ ଏବଂ ଏହା ଦ୍ୱାରା କିଛି ଶିଳ୍ପ ଅଧିକାରୀ ବିଶ୍ୱାସ କରିଥିଲେ ଯେ, ୟୁକ୍ରେନ ଯୁଦ୍ଧ ଶୀଘ୍ର ଶେଷ ହୋଇପାରେ। ଏକ ଗ୍ୟାସ ମାର୍କେଟିଂ କମ୍ପାନିର ଜଣେ ଅଧିକାରୀ ଏକ ଗଣମାଧମ ରିପୋର୍ଟରେ କହିଛନ୍ତି ଯେ, ଯଦି ଯୁଦ୍ଧ ପୂର୍ବରୁ ୟୁରୋପକୁ ରୁଷିଆ ଗ୍ୟାସ ଯୋଗାଇବାକୁ ଅନୁମତି ଦିଆଯାଏ, ତେବେ ଏଲଏନଜି ର ମୂଲ୍ୟ ଯଥେଷ୍ଟ ହ୍ରାସ ପାଇବ। କେତେକ ଭାରତୀୟ ରିଫାଇନିଂ ଏବଂ ଗ୍ୟାସ ମାର୍କେଟିଂ ଅଧିକାରୀମାନେ ଆଶା କରନ୍ତି ଯେ, ଅଶୋଧିତ ତୈଳ ଏବଂ ଏଲଏନଜି ମୂଲ୍ୟ ଯୁଦ୍ଧ ଶେଷ ହେବା ପରେ ୨୦ପ୍ରତିଶତ ହ୍ରାସ ପାଇବ। ଘରୋଇ ଗ୍ୟାସ ଉପଭୋକ୍ତାମାନେ ମଧ ତୈଳ ମୂଲ୍ୟରେ ହ୍ରାସ ପାଇ ଉପକୃତ ହେବେ କାରଣ ଭାରତର ଦୀର୍ଘକାଳୀନ ଏଲଏନଜି ଆମଦାନି ହାର ତେଲ ସହିତ ଜଡିତ। ଟ୍ରମ୍ପ କହିଛନ୍ତି ଯେ, ସେ "ଗ୍ରୀନ୍ ନ୍ୟୁ ଡିଲ୍" ବନ୍ଦ କରିବେ ଏବଂ ବିଡେନ୍ ପ୍ରଶାସନର ପ୍ରମୁଖ ନୀତି "ଇଲେକ୍ଟ୍ରିକ୍ ଗାଡିର ଆଦେଶ" ପ୍ରତ୍ୟାହାର କରିବେ। ଏକ ଶିଳ୍ପ କାର୍ଯ୍ୟନିର୍ବାହୀ କହିଛନ୍ତି ଯେ ସବୁଜ ଶକ୍ତି କ୍ଷେତ୍ରର ଅଭିବୃଦ୍ଧି ପାଇଁ ଅନ୍ୟ ଦେଶମାନେ ଏହା ଉପରେ କିପରି ପ୍ରତିକ୍ରିୟା କରିବେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

## ମୁଥୁଟ୍ ଫାଇନାନ୍ସ ଫ୍ରି ଲକର ସେବାର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୨।୧:** ଦୀର୍ଘ ୧୨ ବର୍ଷ ପରେ ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ 'ମହାକୁମ୍ଭ' (ମହା କୁମ୍ଭ ପ୍ରୟାଗରାଜ-୨୦୨୫) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଥୁଟ୍ ଫାଇନାନ୍ସ ପକ୍ଷରୁ ଏକ ସ୍ୱତନ୍ତ୍ର ସୁବିଧା 'ଫ୍ରି ଲକର ସେବା'ର ଶୁଭାରମ୍ଭ କରାଯାଇଛି। ଏହି ସେବା କେବଳ ମହାକୁମ୍ଭରେ ସାମିଲ ଶ୍ରଦ୍ଧାଳୁଙ୍କ ପାଇଁ ଉପଲବ୍ଧ। ଏହି ଅବସରରେ ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ ମୁଥୁଟ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ମୁଥୁଟ୍ ଗ୍ରୁପ୍ ଓ ମୁଥୁଟ୍ ଫାଇନାନ୍ସର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୫ ଜାନୁଆରୀ ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ 'ମହାକୁମ୍ଭ' ମେଳା ଆୟୋଜିତ ହେବ। ଏହି ମେଳାରେ ସାମିଲ ବହୁ କୋଟି ଶ୍ରଦ୍ଧାଳୁଙ୍କୁ ମୁଥୁଟ୍ ଫାଇନାନ୍ସ ସୁରକ୍ଷିତ ଓ ମାଗଣା ଲକର ସୁବିଧା 'ବିଶ୍ୱାସ କି ତିଜୋରୀ'ର ଶୁଭାରମ୍ଭ କରାଯାଇଛି। ଏହି ୪୫ ଦିନିଆ ମେଳା ଅବସରରେ ସମସ୍ତ ଆଶାୟୀ ଶ୍ରଦ୍ଧାଳୁଙ୍କ ସାମଗ୍ରୀଗୁଡିକୁ ସୁରକ୍ଷିତ ଓ ଯତ୍ନବାନ୍ ସେବା ଯୋଗାଇ ଦେବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ଏପରିକି ଏହି ଲକର ସେବା ଅଞ୍ଚଳରେ ୨୪/୭ ଘଣ୍ଟିଆ ସିସିଟିଭି ସେବା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା (ସିକ୍ୟୁରିଟ ଗାର୍ଡ) ଏବଂ ଅଗ୍ନିନିର୍ବାପକ ଓ ଅତ୍ୟାଧୁନିକ ସମସ୍ତ ସୁରକ୍ଷା ସୁବିଧା କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଛି।

## ବଜେଟ ପୂର୍ବବର୍ତ୍ତୀ ସମୟ ସୁନା କିଣିବା ପାଇଁ ପ୍ରକୃଷ୍ଟ : ହଂସ



ଭୁବନେଶ୍ୱର,୨୨।୧: ଚଳିତ ବର୍ଷ ଫେବୃଆରୀରେ ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବେ। ଏହି ସମୟର ସରକାର ସୁନା ଉପରେ ସୀମାଶୁଳ୍କ ବଢ଼ାଇପାରନ୍ତି। ଏପରିକି ଶୁଳ୍କ ବଢ଼ିଲେ ସୁନା ଦର ମଧ ସେହି ଅନୁସାରେ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ବଜାର ବିଶେଷଜ୍ଞଙ୍କ ମତ ଅନୁସାରେ ବର୍ତ୍ତମାନ ସୁନା ଦର କମ୍ ରହିଛି। ଏହି ସମୟରେ ଆବଶ୍ୟକ ସୁନା କିଣିନେବା ଏକ ଲାଭଦାୟୀ ପନ୍ଥା ହେବ। ସେହିଭଳି ୨୦୨୪ ଜୁଲାଇ ୨୩ରେ ପାରିତ ବଜେଟ ଅନୁଯାୟୀ ସୁନାର ସୀମାଶୁଳ୍କ ୧୫%ରୁ କମି ୬% ହୋଇଯାଇଥିଲା। ଏହା ଫଳରେ ସୁନା ଆମଦାନୀ ଆଖିଦୃଶିଆ ଭାବେ ବୃଦ୍ଧି ପାଇଥିଲା ବୋଲି ଲାଲ୍‌ଚାନ୍ଦ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ ସଞ୍ଜୟ ହଂସ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ଗତ ବର୍ଷର ଏହି ଆମଦାନୀ ଶୁଳ୍କରେ ହ୍ରାସ ବ୍ୟବସ୍ଥାର ଭାରସାମ୍ୟ ରକ୍ଷାକରିବା ନେଇ ସରକାର ନିଶ୍ଚିତ ଚିନ୍ତା କରିବେ ଆକଳନ କରାଯାଉଛି ବୋଲି ହଂସ କହିଥିଲେ। ଏହା ସହ ଆମଦାନୀ ଶୁଳ୍କରେ ବୃଦ୍ଧି ସ୍ଥାନୀୟ ବଜାରର କାରବାର ଆଶଙ୍କାକୁ ମଧ ବଢ଼ାଇଦେବ। ସେଥିପାଇଁ ଆଶାୟୀ ଗ୍ରାହକମାନେ ଦର ହ୍ରାସ ହୋଇଥିଲାବେଳେ ଆବଶ୍ୟକ ସୁନା କିଣିନେବା ଏକ ଉପଯୋଗୀ ପଦକ୍ଷେପ ହେବ ବୋଲି ହଂସ କହିଛନ୍ତି।

# ଜିଲ୍ଲାସ୍ତରୀୟ ବେଟୀ ବଚାଓ ବେଟୀ ପଢ଼ାଓ କାର୍ଯ୍ୟକ୍ରମ



**ବରଗଡ,୨୨।୧ (ସଂଚାର ବ୍ୟୁରୋ) :** ବେଟୀ ବଚାଓ ବେଟୀ ପଢ଼ାଓ କାର୍ଯ୍ୟକ୍ରମ ଉପରେ କିଶୋରି ବାଳିକା ମାନଙ୍କ ଦ୍ୱାରା ଜଣ ସଚେତନତା ନିମନ୍ତେ ଏକ ସାଇକେଲ ରାଲି କରାଯାଇଥିଲା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବରଗଡ ଙ୍କ ସହିତ କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତା, ଅଙ୍ଗନବାଡି କର୍ମୀ ସାମିଲ ହୋଇଥିଲେ । ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ମହାରଣା ଅତିରିକ୍ତ ଶାସନ ସଚିବ, ଭୁବନେଶ୍ୱର ଓଡିଶା ଉପସ୍ଥିତ ରହି ସମସ୍ତ ଙ୍କୁ ଉତ୍ସାହିତ କରିଥିଲେ । ଏହାପରେ ପୂର୍ବାହ୍ନ ୧୦ ଟା ସମୟ ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ,ବରଗଡ଼ ଠାରେ "ବେଟି ବଚାଓ ବେଟି ପଢ଼ାଓ" ଯୋଜନା ର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉତ୍ସବ ମାନ୍ୟବର ବିଧାୟକ ବରଗଡ଼ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ସରଙ୍ଗୀ ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବରଗଡ଼ ଙ୍କ ଦ୍ୱାରା ବେଶ ଆଡମ୍ବର ରେ ପାଳନ କରାଯାଇଥିଲା, ଶ୍ରୀମତୀ ମାଙ୍ଗଳିକା ଦାଶ ସୁରକ୍ଷା ଅଧିକାରୀ ବରଗଡ ଏହି ଯୋଜନାର ଉଦ୍ଦେଶ୍ୟ ବିଷୟ ରେ ଆଲୋକପାତ କରିଥିଲେ । ମାନ୍ୟବର ଶ୍ରୀଯୁକ୍ତ ବିଧାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷିତା ହୋଇ ଆତ୍ମ ନିର୍ଭରଶୀଳ ହେବାପାଇଁ ଉତ୍ସାହିତ କରିଥିଲେ ଏହା ପରେ "ବେଟି ବଚାଓ ବେଟି ପଢ଼ାଓ" ପ୍ରସଙ୍ଗ ଉପରେ ଏହି ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ,ଗୀତ ଅଭିନୟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କର ଯାଇଥିଲା , ଶ୍ରୀଯୁକ୍ତ ତପନ କୁମାର ପାତ୍ର ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ )ବରଗଡ଼ ଙ୍କ ଦ୍ୱାରା ଏକ କବିତା ପାଠ କରିଥିଲେ ଶ୍ରୀମତୀ ସୁଷମା ଦାଶ ଇଂରାଜୀ ଅଧ୍ୟାପିକା ଗାନ୍ଧୀ ମେମୋରିଆଲ ମହାବିଦ୍ୟାଳୟ କଳାପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶ୍ରୀମତୀ ଶାନ୍ତି ସୁନା ପ୍ରଧାନ ଶ୍ରିକ୍ଷୟିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବରଗଡ଼ ,ଶ୍ରୀମତୀ ମଞ୍ଜୁ ଏକ୍କା ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ବରଗଡ,ଶ୍ରୀମତୀ ଦେବକୀ ପଟେଲ ,ଶ୍ରୀମତୀ ନିମିଷୟା ପ୍ରଧାନ,ଓ ଦେବକୀ ମଲ୍ଲିକ ପରିଯୋଜନା ଅଧିକାରୀ ବରଗଡ଼ ଉପସ୍ଥିତ ଥିଲେ। ଏଡ଼ ଏଟ୍ ଆକ୍ସନ ଓ ୟୁନିସେଫ ର ଶ୍ରୀଯୁକ୍ତ ତରୁନସେନ ପୁରୁସେଠ୍ ଜିଲ୍ଲା ପରାମର୍ଶ ଦାତା ଶିଶୁ ସୁରକ୍ଷା ସମସ୍ତ ବିଭାଗ ସହିତ ଯୋଗାଯୋଗ କରି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ ଓ ଶେଷ ରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ସମାପ୍ତି କରିଥିଲେ ।

# ଯେଉଁଠି ବସିଲେ ସେଇଠି ଅଙ୍ଗନବାଡ଼ି

- ଅଙ୍ଗନବାଡ଼ିର ନାହିଁ ନିଜସ୍ୱ ଘର
- ରାତି ପାହିଲେ ବଦଳେ ଠିକଣା
- ୩୩ ବର୍ଷ ହେଲା ପର ପିଣ୍ଡାରେ ପାଠପଢ଼ା



**କେନ୍ଦୁଝର,୨୨।୧ (ସଂଚାର ବ୍ୟୁରୋ) :** ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରିବା ପାଇଁ ଯୋଜନା ଚଳାଇଛନ୍ତି ସରକାର। କିନ୍ତୁ ରାଜ୍ୟରେ ଥିବା ସବୁ ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଘର। ସେହି ତାଲିକାରେ ରହିଛି କେନ୍ଦୁଝରର ହାଟଡିହି ବ୍ଲକ୍‌ର ୭୬ଟି ଅଙ୍ଗନବାଡ଼ି । ନିଜସ୍ୱ ଗୃହ ନଥିବାରୁ ୩୩ ବର୍ଷ ଧରି ପରପିଣ୍ଡାରେ ଚାଲିଛି କୁନିକୁନି ପିଲାଙ୍କ ପାଠପଢ଼ା । ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଦହଗଞ୍ଜ ହେଉଛନ୍ତି ଅଙ୍ଗନବାଡ଼ି ସହାୟିକା । ଆଜି ଯା ପିଣ୍ଡା ତ କାଲି ତା ବାରଣ୍ଡା । କେବେ କେବେ ସ୍କୁଲ ବାରଣ୍ଡାରେ ଚିଲିଛି ଅଙ୍ଗନବାଡ଼ି କେନ୍ଦ୍ର । ଏଭଳି ଦୃଶ୍ୟ ହେଉଛି ହାଟଡିହି ବ୍ଲକ୍ ବଡରମ୍ଭାସ ଅଙ୍ଗନବାଡ଼ି କେନ୍ଦ୍ରର ୧ର । ଗାଁର ଜଣେ ବ୍ୟକ୍ତିଙ୍କ ଅଗଣାରେ ପାଠ ପଢୁଛନ୍ତି କୁନିକୁନି ପିଲା । କାଲି କେଉଁଠି ପଢ଼ିବେ, ତାର ଠିକଣା ନାହିଁ । ନିଜସ୍ୱ ଗୃହ ନଥିବାରୁ ପ୍ରତିଦିନ କେନ୍ଦ୍ର ଠିକଣା ବଦଳାଇବାକୁ ବାଧ୍ୟ ହୁଅନ୍ତି ଅଙ୍ଗନବାଡ଼ି ଦିଦି । ସେପଟେ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ଲାଗି କସରତ କରନ୍ତି ସହାୟିକା। ବର୍ଷେ କି ଦୁଇ ବର୍ଷ ନୁହେଁ ୩୩ ବର୍ଷ ହେଲା ଏହିଭଳି ଭାବେ ଚାଲିଛି ବଡରମ୍ଭାସ ଅଙ୍ଗନବାଡ଼ି। ସେହିଭଳି ଆଉ ଏକ ଅଙ୍ଗନବାଡ଼ି କେନ୍ଦ୍ର ହେଉଛି, ହାଟଡିହି ବ୍ଲକ୍ ଧନୁର୍ଜୟପୁର ପଞ୍ଚାୟତ କୁଶଟିକିରି ଅଙ୍ଗନବାଡି କେନ୍ଦ୍ର । ୩୦ ବର୍ଷ ହେବ ସ୍କୁଲ ବାରଣ୍ଡାରେ ଚାଲିଛି କେନ୍ଦ୍ର । ବଡରମ୍ଭାସ ଓ କୁଶଟିକିରି ହେଉଛି ଭାତହାଣ୍ଡିର ଦୁଇଟି ଦାନା ମାତ୍ର । ହାଟଡିହି ବ୍ଲକରେ ୭୪ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । କେନ୍ଦ୍ରର ନିଜସ୍ୱ ଗୃହ ପାଇଁ ଅଙ୍ଗନବାଡ଼ି କର୍ମୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧି ମଧ୍ୟ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇଛନ୍ତି । ତଥାପି କୌଣସି ସୁଫଳ ମିଳିନାହିଁ। ସେପଟେ ହାଟଡ଼ିହି ବିଡିଓ କହିଛନ୍ତି, ୩୪ଟି ଘର ପାଇଁ ମଞ୍ଜୁରୀ ମିଳିଛି। ଖୁବ୍‌ଶୀଘ୍ର ନିର୍ମାଣ ସାରି ହସ୍ତାନ୍ତର କରାଯିବ ।

# ନିମ୍ନମାନର ରାସ୍ତା କାମ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ



**ଖପ୍ରାଖୋଲ,୨୨।୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଏକ ଉପାନ୍ତ ଅଞ୍ଚଳ ତଥା ଅବହେଳିତ ଦାଦନ ପ୍ରବଣ ଅଞ୍ଚଳ ଅଟେ । ସରକାର ଙ୍କ ଯେଉଁ ସବୁ ଉନ୍ନତି ମୂଳକ କାର୍ଯ୍ୟ ଚାଲିଛି ସବୁଥିରେ ପିସି... କାର୍ଯ୍ୟ ର ମାନ ଯାହା ହେଉଛି ପ୍ରଶାସନ ଜାଣି ନିରବତା ଅବଲମ୍ବନ କରିଚାଲିଛନ୍ତି। କୌଣସି କାର୍ଯ୍ୟର ତଥ୍ୟ ମାଗିଲେ କିଛି ଉତ୍ତର ମିଳୁନି ଯାହାଫଳରେ ଲୋକଙ୍କୁ ଅନ୍ଧାର ରେ ରଖାଯାଉଛି। ଉନ୍ନତି ମୂଳକ କାର୍ଯ୍ୟ ର ବିଭିନ୍ନ ସ୍ଥାନ ମାନଙ୍କରେ ଫଳକ ଲାଗୁଛି ହେଲେ ସୂଚନା ନାହିଁ ସୂଚନା ମାଗିଲେ ଉତ୍ତର ନାହିଁ ପ୍ରଶାସନ କେବଳ ସ୍ଥାଣୁ ପାଲଟିଛନ୍ତି କହିବା କୁ କାହାରି ପାଖରେ କୌଣସି ପ୍ରକାର ଉତ୍ତର ନାହିଁ କେବଳ ସଲାସୁତୁରା ରେ ଚାଲିଛି । ଗତ କିଛି ଦିନ ତଳେ ନିର୍ଦ୍ଦିଷ୍ଟ ଖବରକାଗଜ ରେ ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଭେଲୁଆଁଖୋଲ ଗ୍ରାମର କଂକ୍ରିଟ ରାସ୍ତା କାମ ର ଫଳକ ନଥିବା ସହ ରାସ୍ତା ଫାଟି ଥିବା ସମ୍ପର୍କିତ ଖବର ପ୍ରକାଶିତ ହୋଇଥିଲା କିନ୍ତୁ ଏ ବିଷୟ ରେ ପ୍ରଶାସନ ଜାଣି ନିରବ ରହିଲେ । ଏଥିରୁ ପ୍ରମାଣିତ ହେଉଛି କାଳେ ଲୋକଙ୍କ ନଜରକୁ ଆସିଲେ ଅସୁବିଧା ସୃଷ୍ଟି ହେବ ସେଥି ପାଇଁ ଯନ୍ତ୍ରୀ ଠିକାଦାର ମିଶି ନିଜର ମନମାନି କରି ଚାଲିଛନ୍ତି । ନହେଲେ ଖବର ପ୍ରକାଶିତ ହେଲା ପରେ ପ୍ରଶାସନ ସ୍ଥାଣୁତା ଦେଖାଉଛନ୍ତି କାହିଁକି ?...ପ୍ରଶାସନ କୌଣସି ପ୍ରକାରର ଦୃଷ୍ଟି ଦେଉନ ଥିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ଦେଖାଦେଉଛି ।

# ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ସୋହେଲା,୨୨।୧(ସଂଚାର ବ୍ୟୁରୋ):** ସୋହେଲାସ୍ଥିତ ଜୁଡିସିଆଲ ମାଜିଷ୍ଟ୍ରେଟ ଫର୍ଷ୍ଟ କ୍ଲାସ କୋର୍ଟର ମାଜିଷ୍ଟ୍ରେଟ ରୋହିତ ରଞ୍ଜନ ମିଶ୍ରଙ୍କୁ ଆଜି ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ତାଙ୍କୁ ଭୁବନେଶ୍ୱରକୁ ବଦଳି ହୋଇଛି । ଆଜି ଓକିଲ ସଂଘର ହଲରେ ସଂଘ ପକ୍ଷରୁ ଅନୁଷ୍ଠିତ ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ସଂଘର ଉପ ସଭାପତି ରୋହିତ ଦେବତା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭିକ ସୂଚନା ଦେଇ ଶ୍ରୀ ଦେବତା ବିଚାରପତି ମିଶ୍ରଙ୍କ କାର୍ଯ୍ୟକାଳ ସମୟର ସ୍ମୃତି ଚରଣ କରିଥିଲେ । ଅତିଥି ଭାବରେ ଯୋଗ ଦେଇଥିବା ସବଜଜ ଚିନ୍ମୟୀ ରଥ ମଧ୍ୟ ଜେଏମଏଫସି ଶ୍ରୀ ମିଶ୍ରଙ୍କ କାର୍ଯ୍ୟକାଳ ସମୟର ସ୍ମୃତି ଚରଣ କରି ତାଙ୍କ ଭବିଷ୍ୟତ ଉତ୍ତରୋତ୍ତର ଉଜ୍ଜ୍ୱଳ କାମନା କରିଥିଲେ । ଜେଏମଏଫ୍ସି ଶ୍ରୀ ମିଶ୍ର ତାଙ୍କ କାର୍ଯ୍ୟକାଳ ସମୟରେ ସୋହେଲାର ଅଭୁଲା ସ୍ମୃତି ଚାରଣ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସଂଘର ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିରେନ୍ଦ୍ର ପଣ୍ଡା, ବିକାଶ ଚନ୍ଦ୍ର ନାୟକ ଓ ଚୂଡ଼ାମଣି ମେହେର ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଆଇନଜୀବୀ ବିରେନ୍ଦ୍ର ପଣ୍ଡା ସଂଘ ପକ୍ଷରୁ ବିଦାୟୀ ବିଚାରପତି ଶ୍ରୀ ମିଶ୍ରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଭ୍ୟମାନେ ଯୋଗଦାନ ଥିଲେ ।

# ଟାଟା ଷ୍ଟିଲ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଗନ୍ଧଲପଦା,୨୨।୧(ସଂଚାର ବ୍ୟୁରୋ):** ଖଣି ପରିବେଷ୍ଟିତ ଅଞ୍ଚଳ ଗୁଡିକରେ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା କୁ ରୋକିବା ତଥା ଏହି ସମ୍ବନ୍ଧୀୟ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ଟାଟା ଷ୍ଟିଲ ପକ୍ଷରୁ ଯୋଡା ବ୍ଲକ ଅନ୍ତର୍ଗତ ଗନ୍ଧଲପଦା ଠାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ, ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଯୋଡା ଏବଂ ରୁଗୁଡ଼ି ଅଞ୍ଚଳର ଡ୍ରାଇଭର ମହାସଂଘର କର୍ମକର୍ତ୍ତା, ଏଲ୍ ଏମ୍ ଭି ପ୍ରଶିକ୍ଷଣ ନେଉଥିବା ବାଳିକା ମାନଙ୍କ ସହିତ ଆଖପାଖ ଅଞ୍ଚଳର ପ୍ରାୟ ୫୦ ଜଣ ଯୋଗ ଦେଇଥିଲେ । ଟାଟା ଷ୍ଟିଲ ର ସୁରକ୍ଷା ବିଭାଗ ର ପଦାଧିକାରୀ ମାନେ ଏହି କାର୍ଯ୍ୟକ୍ରମ ରେ ସଡ଼କ ସୁରକ୍ଷା ନିୟମାବଳୀ ସହ ଏଗୁଡିକର ଅଭ୍ୟାସ ଏବଂ ବିଶେଷକରି ଶୀତ ଏବଂ ବର୍ଷା ଋତୁ ରେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଗାଡ଼ିଚାଳକ ମାନଙ୍କ ବ୍ୟତୀତ, ପାଦଚାଳକ ମାନେ କିପରି ଏଥିପ୍ରତି ସତର୍କତା ଅବଲମ୍ବନ କରିବେ ସେ ଉପରେ ମଧ୍ୟ ଟିପ୍ପଣୀ ପ୍ରଦାନ କରିଥିଲେ। ଗାଡ଼ି ଚଳାଇବା ସମୟରେ ହେଲମେଟ ବ୍ୟବହାର, ନିୟନ୍ତ୍ରିତ ବେଗ, ମୋବାଇଲ ଫୋନ ବ୍ୟବହାର ନ କରିବା, ଆବଶ୍ୟକତା ହିସାବରେ ହର୍ଣ୍ଣ ବଜାଇବା, ସାମନା ରେ ଥିବା ଗାଡି ଠାରୁ ସୁରକ୍ଷିତ ଦୂରତା ରଖିବା ଭଳି ଗୁରୁତ୍ୱପୂର୍ଣ୍ଣ ନିୟମ ଉପରେ ସେ ସମସ୍ତଙ୍କୁ ବୁଝାଇ ଥିଲେ । ସଡ଼କ ସୁରକ୍ଷା ନିୟମ ମାନିବା ଦ୍ୱାରା ସମସ୍ତେ କିପରି ଦୁର୍ଘଟଣା କୁ ଏଡେଇ ଦେଇ ପାରିବେ, ଏହା ସମସ୍ତେ ହୃଦୟଙ୍ଗମ କରିଥିଲେ । ଟାଟା ଷ୍ଟିଲ୍ ର କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ର ପଦାଧିକାରୀ ମାନଙ୍କ ସହ ଗୁଆଲି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଡବର ମୁଣ୍ଡା, ସମାଜ ସେବୀ ଜୁରିଆ ମୁଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# ସୁକିନ୍ଦା ଶିଳ୍ପ ମହୋତ୍ସବ ଲୋଗୋ ଉନ୍ମୋଚିତ



**କଳିଙ୍ଗନଗର,୨୨।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗରଶିଳ୍ପାଞ୍ଚଳ ମଙ୍ଗଳପୁର ପଞ୍ଚାୟତର ତେଲିବାହାଲୀ ଗାଁ ଠାରେ ଥିବା ମହାପାଟଦେବୀଙ୍କର ପୀଠ ଠାରେ ଆଜି ସୁକିନ୍ଦା ଶିଳ୍ପ ମହୋତ୍ସବ ର ଲୋଗୋ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ହୋଇ ଉନ୍ମୋଚିତ ହୋଇଯାଇଛି, ଫେବୃଆରୀ ମାସ ଚାରି ତାରିଖରୁ ଆଠ ତାରିଖ ପ୍ରଯ୍ୟନ୍ତ ହେବାକୁ ଥିବା ଏହି ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ସମସ୍ତ ଙ୍କୁ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ନିବେଦନ କରିଥିଲେ, ସମସ୍ତଙ୍କୁ ଭାଇ ଚାରାରେ ବାନ୍ଧି ରଖିବା ପାଇଁ ଏହି ମହୋତ୍ସବ ହିଁ ମାଧ୍ୟମ, ସମସ୍ତ ଜନସାଧାରଣଙ୍କୁ କିପରି ଏହି ମହୋତ୍ସବରେ ପହଞ୍ଚି ଏହାକୁ ଉପଭୋଗ କରିବେ ସେ କହିଥିଲେ, ସମସ୍ତ ସୁକିନ୍ଦା ବାସୀ ଏହି ମହୋତ୍ସବକୁ ନିଜର ମହୋତ୍ସବ ବୋଲି ଭାବିବା ଦରକାର, ଏହା ସମସ୍ତଙ୍କର, ଏହି ମହୋତ୍ସବକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଗଠିତ ହୋଇଥିବା କମିଟି କିପରି ଶାନ୍ତି ଶୃଙ୍ଖଳାର ସହ ସମସ୍ତଙ୍କୁ ସମ୍ମାନ ଜଣାଇ ମହୋତ୍ସବ ସମାପନ କରିବେ ମନ୍ତ୍ରୀ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଏହି ଶୁଭ ଅବସରରେ ସୁକିନ୍ଦା ଶିଳ୍ପ ମହୋତ୍ସବ ର ଲୋଗୋ ମନ୍ତ୍ରୀ ଉନ୍ମୋଚିତ କରିଥିଲେ, ଏହି ଉନ୍ମୋଚିତ ଉତ୍ସବରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ସ୍ଥାନୀୟ ସରପଞ୍ଚ ବାବୁଲି ନାଟିଆ, ସଞ୍ଜୟ ମହାନ୍ତି, ମଣ୍ଡଳ ସଭାପତି କୃପାସିନ୍ଧୁ ସାମନ୍ତରାୟ, ଦାନଗଦି ବି. ଡି. ଓ, ତହସିଲଦାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଏସ. ପି. କଳିଙ୍ଗନଗର ପ୍ରମୁଖ ଉପସ୍ଥିତ ଥିଲେ

## ୪ ବିଦ୍ୟାଳୟକୁ ଜମି ଦାନକଲେ ବଦାନ୍ୟ ବ୍ୟକ୍ତି

# କଳମପୁର ବ୍ଲକର ୩୫ ବିଦ୍ୟାଳୟର ନାହିଁ ନିଜସ୍ୱ ଜମି

**କଳାହାଣ୍ଡି, ୨୨।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଞ୍ଚଳରେ ସମୁଦାୟ ୧୦୮ଟି ବିଦ୍ୟାଳୟ ରହିଛି। ଏଥିରୁ ୩୫ଟି ବିଦ୍ୟାଳୟର ନିଜସ୍ୱ ଜମି ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ବିଭିନ୍ନ ଗଣ ମାଧ୍ୟମରେ ଜମି ବିବାଦରେ ଫସି ରହିଛି ଏକାଧିକ ବିଦ୍ୟାଳୟ ଶୀର୍ଷକ ଲେଖା ପ୍ରକାଶିତ ହୋଇଥିଲା । ଖବର ପକାଶ ପରେ ବିଭାଗୀୟ ତଦନ୍ତ ହୋଇଥିଲା। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କଳମପୁର ତହସିଲଦାରକୁ ରିପୋର୍ଟ ଦାଖଲ ପୂର୍ବକ ସରକାରୀ ଜମି ଯୋଗାଇ ଦେବାକୁ ନିବେଦନ କରାଗଲା। ରିପୋର୍ଟ କଳମପୁର ତହସିଲଦାର ସ୍ମରଣିକା ଡୁଙ୍ଗଙ୍କ ନିକଟରେ ପହଞ୍ଚିବା ପରେ ମଧ୍ୟ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କଲେନାହିଁ। ଏପଟେ ବିଦ୍ୟାଳୟ ସ୍ଥାପନ ହୋଇଥିବା ଜମି ଉପରେ ଜମି ମାଲିକମାନଙ୍କ ସମ୍ପର୍କୀୟମାନେ କୌଣସି ଭିତ୍ତିଭୂମି ସଜାଡିବାରେ ବାଧକ ହୋଇ ଠିଆହେବାରୁ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ଏଭଳି ପରିସ୍ଥିତିରେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକ ପ୍ରୟାସ ଆରମ୍ଭ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ୪ ଜଣ ବଦାନ୍ୟ ବ୍ୟକ୍ତି ୪ଟି ବିଦ୍ୟାଳୟକୁ ଜମି ଦାନ କରିଛନ୍ତି। ପଣ୍ଡିଗାଁ ପଞ୍ଚାୟତ ମହାରଣାପଡ଼ା ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷକ ଭବାନୀ ଶଙ୍କର ପଣ୍ଡା ୩୦ ଡିସିମିଲ ଜମି ଦାନ କରିଥିବା ବେଳେ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବିଶ୍ୱନାଥ ପଣ୍ଡା ୧୦ଡିସିମିଲ ଜମି ଦାନ କରିଛନ୍ତି। ସେହିଭଳି ଘୋଡାବନ୍ଧା ପ୍ରାଥମିକ ବିଦ୍ୟାଳୟ ପାଇଁ ନୀରଞ୍ଜନ ପଟେଲ ୫ ଡିସିମିଲ ଓ ଟେମେରା ତଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଇଁ ରମାକାନ୍ତ ନାଏକ ୫ ଡିସିମିଲ ଜମି ଦାନ କରିଛନ୍ତି। ଯଦି କୌଣସି ବଦାନ୍ୟ ବ୍ୟକ୍ତି ବିଶେଷ ବିଦ୍ୟାଳୟ ପାଇଁ ଜମି ଦାନ କରନ୍ତି ତେବେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ନାଏକ ତାଙ୍କ ପ୍ରତିକ୍ରିୟାରେ ମତବ୍ୟକ୍ତ କରିଛନ୍ତି। କଳମପୁର ବ୍ଲକ ରେ ୧୦୮ଟି ବିଦ୍ୟାଳୟ ମଧ୍ୟରୁ ୩୫ଟି ବିଦ୍ୟାଳୟରେ ନିଜସ୍ୱ ଜମି ନ ଥିବା ପଛରେ କାହାର ତ୍ରୁଟି ରହିଛି ତାହା ହିଁ ଏଠାରେ ବଡପ୍ରଶ୍ନ ପାଲଟିଛି। ଦଶନ୍ଧି ଦଶନ୍ଧି ପରେ କାହିଁକି ବେସରକାରୀ ଜମି ମାଲିକମାନଙ୍କ ଉତ୍ତରାଧିକାରୀ ମାନେ ବିଦ୍ୟାଳୟ ଭଳି ପବିତ୍ର ଅନୁଷ୍ଠାନ ଉପରେ ଦୃଷ୍ଟି ନିକ୍ଷେପ କରିଛନ୍ତି ତାହାହିଁ ତଦନ୍ତ ସାପେକ୍ଷ ।

# ଭେଡେନରେ ଏବେ ରାବଣ ରାଜ

## ନବରାତ୍ର ରାମଲୀଳା ମହୋତ୍ସବ ଉଦ୍‌ଘାଟିତ



**ଭେଡେନ,୨୨।୧(ସଂଚାର ବ୍ୟୁରୋ):** ଭେଡେନ ଠାରେ ବିଶ୍ୱଶାନ୍ତି ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ୨୨ତମ ବିରାଟ ରାମଲୀଳା ମହୋତ୍ସବ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ବରଗଡ଼ ଜିରାନଦୀ କୂଳ ଆଶ୍ରମ ମଠର ମହନ୍ତ ଭଗବାନ ଦାଶ ଙ୍କ ତତ୍ୱବଧାନ ରେ ଅନୁଷ୍ଠିତ ହେବା ସହ ବହୁ ସାଧୁସନ୍ଥ ଙ୍କ ସମାଗମ ହୋଇଛିକ୍ଷ ଭଜନ କୀର୍ତ୍ତନ ଓ ଅଖଣ୍ଡ ଶ୍ରୀହରି ନାମ ଜପ କରିବା କରିବାକୁ ଶତାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମନ ହୋଇଥିଲା।ଭେଡେନ ସମଗ୍ର ଅଞ୍ଚଳ ଲଂକାପୁରୀ ହୋଇଥିବା ବେଳେ ଭେଡେନ ସ୍ଥିତ ପୁରୁଣା ହାଟପଦା ଅଞ୍ଚଳ ପାଲଟିଛି ଅଯୋଧ୍ୟା ନଗରୀ। ଉଦଘାଟନ ସମରୋହରେ ମୁଖ୍ୟ ଅତିଥିଭାବରେ ଅତାବିରା ନିର୍ବାଚନ ମଣ୍ଡଳୀର ବିଧାୟକ ନିହାର ରଂଜନ ମହାନନ୍ଦ ଯୋଗଦାନ କରି ମହୋତ୍ସବ ର ରାମ ଦରବାର ଓ ରାବଣ ଦର୍ବକ୍ଷର କୁ ଉଦଘାଟନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ କମିଟି ର ସଭାପତି ସ୍ୱାଧୀନ ରଥ, ଉପସଭାପତି ସୁଶୀଲ କୁମାର ବେହେରା, ଅନିଲ ସାହୁ, ସଂପାଦକ ସତ୍ୟନାରାୟଣ ରଥ, ସହ ସଂପାଦକ ଆନନ୍ଦ ଅଗ୍ରୱାଲ, ପ୍ରମୋଦ ମେହେର, କୋଷାଧ୍ୟକ୍ଷ ପ୍ରଭାତ ମିଶ୍ର, ଗୋପାଳ ବେହେରା ଅବସର ପ୍ରାପ୍ତ ଅଧ୍ୟାପକ ସନ୍ତୋଷ ପଣ୍ଡା, ସୁଶିଲ ଅଗ୍ରବାଲ, ଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।ପ୍ରଥମ ସନ୍ଧ୍ୟାରେ ଏକାଦିକ୍ରମେ ରାବଣ ଦରବାର ଓ ପୁରୁଣା ହଟାପଦା ସ୍ଥିତ ଅଯୋଧ୍ୟା ମଣ୍ଡପରେ ନାଟ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା।ରାବଣ ଦରବାରରେ ବିଶ୍ରାବାନନ୍ଦନ ଦଶାନନ ରାବଣ ଘୋର ତପସ୍ୟା ଦ୍ୱାରା ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇଛି ଓ ମନ୍ଦିର କୁ ଯାଇ ଇଷ୍ଟଦେବ ଶିବଙ୍କ ଦର୍ଶନ କରିଛନ୍ତି ରାବଣ। ଲଙ୍କାରେ କୁବେର ଓ ରାବଣଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇ ରାବଣ ବିଜୟୀ ହୋଇଛି ଓ ଲଙ୍କାଧିପତି ରାବଣଙ୍କ ରାଜ୍ୟାଭିଷେକ ହୋଇଛି ଓ ଶୁକ ସାରଣ ଆଦି ମନ୍ତ୍ରୀଙ୍କ ସହ ଭୋଗବିଳାସରେ ବ୍ୟସ୍ତ ଆଦି ମଞ୍ଚସ୍ଥ ହୋଇଥିଲା। ସେହିପରି ଅଯୋଧ୍ୟା ରାଜଦରବାର ମହାରାଜ ଦଶରଥ ଋଷିଶୃଙ୍ଗମୁନି ଙ୍କ ତତ୍ୱବଧାନରେ ଯଜ୍ଞ ଅନୁଷ୍ଠାନ କରିବା ସହ ଚାରି ଶିଶୁ ପୁତ୍ର ଙ୍କ ଜନକ ହୋଇଛନ୍ତି।ଅଯୋଧ୍ୟା ର ପ୍ରଜାମାନେ ଚାରି ଭାଇଙ୍କୁ ଧରି ଅଯୋଧ୍ୟା ନଗର ପରିକ୍ରମା କରିବା ଦୃଶ୍ୟ ବେଶ ଆକର୍ଷଣୀୟ ହୋଇଥିଲା।

- ନୂତନ ଚିନିକଳ ନିର୍ମାଣ ପାଇଁ ଚାଷୀ କର୍ମଚାରୀ ଏକାଠି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର




**ନୟାଗଡ଼,୨୨।୧(ସଂଚାର ବ୍ୟୁରୋ):** ନୟାଗଡ଼ ଚିନିକଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପାଣିପୋଇଲାଠାରେ ନୂତନ ଚିନିକଳ ପ୍ରତିଷ୍ଠା ଦାବିରେ ଆଜି ଶତାଧିକ ଚାଷୀ ଓ କର୍ମଚାରୀଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଚାଷୀ ଓ କର୍ମଚାରୀମାନେ ପଦଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନୂତନ ଚିନିକଳ ନିର୍ମାଣ ସମ୍ପର୍କରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ନୟାଗଡ଼ରେ ନୂତନ ଚିନିକଳ ସ୍ଥାପନ ନିମନ୍ତେ ଜିଲ୍ଲା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ନୟାଗଡ଼ ପାଣିପୋଇଲା ତଥା ଆଖପାଖ ଅଞ୍ଚଳରେ ଆଖୁଚାଷ ବ୍ୟାପକତାକୁ ଦୃଷ୍ଟିରେ ରଖି ଚାଷୀକୁଳ ଆର୍ଥିକ ବିକାଶ ନିମନ୍ତେ ଚିନିକଳ ପ୍ରତିଷ୍ଠା କରାଯାଇଥିଲା । ଏହି ଅଞ୍ଚଳରେ ଆଖୁ ଚାଷର ଚାହିଦା ଦେଖି କେନ୍ଦ୍ର ସରକାର ଏଠାରେ ଏକ ଆଖୁ ଗବେଷଣା କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରିଛନ୍ତି । ନୂତନ ଚିନିକଳ ପ୍ରତିଷ୍ଠା ନିମନ୍ତେ ଏଠାରେ ସମସ୍ତ ପ୍ରକାର ଉପାଦାନ ଯଥା ନିର୍ବିବାଦୀୟ ଯାଗା, ପ୍ରଚୁର ଜଳର ଉତ୍ସ, ପରିବହନ ଓ ଗମନା ଗମନର ସୁବିଧା, ଯାନବାହାନ ରଖିବା ସ୍ଥାନ ଓ ପ୍ରଦୂଷଣ ମୁକ୍ତ ବ୍ୟାପକ ଜଙ୍ଗଲ ଜମି ଏବଂ ଜନବସତିଠାରୁ ଦୂର ସ୍ଥାନକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଚିହ୍ନଟ କରିଛି। ଜିଲ୍ଲା ପ୍ରଶାସନ ଗମେଇଠାରେ ଚିନିକଳ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି, ଚାଷୀ ଓ ପୁରାତନ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଛି। ଏହି ପଦଯାତ୍ରା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ମନୋଜ କୁମାର ସାହୁ, ସମ୍ପାଦିକା ଲଳିତା ଦାସ, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ରାଉତ, କୃଷକ ପ୍ରତିନିଧି ଚକ୍ରଧର ଜେନା, ଭାରତୀୟ କିସାନ ମୋର୍ଚ୍ଚା ନୟାଗଡ଼ ଜିଲ୍ଲା ପ୍ରତିନିଧି, ଚିନିକଳ ୟୁନିଅନ ସଭାପତି ଲକ୍ଷ୍ମୀଧର ସାହୁଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ ।

# ଜୋର ଧରିଲା ନୂତନ ବ୍ଲକ୍ ପ୍ରତିଷ୍ଠା ଦାବି ଉନ୍ନୟନ ପରିଷଦ୍ କମିଟିର ଶୋଭାଯାତ୍ରା



**ରାୟଗଡା,୨୨।୧(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ୍‌ର ଲାଞ୍ଜିଆ ସଉରା ଅଞ୍ଚଳର ୯ ଟି ପିଭିଟିଜି ଗ୍ରାମ ପଞ୍ଚାୟତକୁ ନେଇ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି । ଏହି ଦାବିକୁ ନେଇ ପୁଟାସିଂ ଅଞ୍ଚଳ ଉନ୍ନୟନ ପରିଷଦ କମିଟି ମଧ୍ୟରୁ ଶତାଧିକ ଲୋକ ଶୋଭାଯାତ୍ରାରେ ଯୋଗଦେଇ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ନାମରେ ଏକ ଦାବିପତ୍ର ଉପଜିଲାପାଳ କିରଣ ଦୀପ କୌର ଙ୍କ ଜରିଆରେ ହସ୍ତାନ୍ତର କରାଯାଇଥିଲା। ଦାବିପତ୍ରରେ ଗୁଣପୁର ବ୍ଲକକୁ ଭାଗ କରି ପୁଟାସିଂରେ ନୂତନ ଏକ ବ୍ଲକ ପ୍ରତିଷ୍ଠା ପାଇଁ ଦୃଢ଼ ଆବଶ୍ୟକତା ଉଲ୍ଲେଖ କରାଯାଇଛି । ଏହାର ଅନ୍ତର୍ଗତ ଅଞ୍ଚଳଗୁଡ଼ିକରେ ଆବାଡ଼ା (୩୦ କି.ମି.), ଶଗଡ଼ା (୨୫ କି.ମି.), ପୁଟାସିଂ (୨୦ କି.ମି.), ଟଲଣା (୧୬ କି.ମି.), ଜଲତାର (୧୦ କି.ମି.), ଚିନାସାରୀ (୧୦ କି.ମି.), ଟିଟିମିରି (୨୦ କି.ମି.) ଓ ଭୀମପୁର (୨୮ କି.ମି.) ସମ୍ବଳିତ ଅଟେ । ଗ୍ରାମ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉଲ୍ଲେଖ କରିଛନ୍ତି ଯେ,ଏତେ ଦୂର ଥିବାରୁ ବିଭିନ୍ନ ସରକାରୀ ସୁବିଧା ପ୍ରାପ୍ତିରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏକ ନୂତନ ବ୍ଲକ ପ୍ରତିଷ୍ଠା ଲାଞ୍ଜିଆ ସଉରା ଅଞ୍ଚଳର ସାମଗ୍ରିକ ଉନ୍ନତିକୁ ନିଶ୍ଚିତ କରିପାରିବ । ଏହି ଅଭିଯାନକୁ ଉନ୍ନୟନ ପରିଷଦ କମିଟିର ସଭାପତି ମାଥୁ ଦଳବେହେରା, ସମ୍ପାଦକ ପରମ ଶବର ଏବଂ ଉପଦେଷ୍ଟା ଲକ୍ଷ୍ମୀ ଶବରଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ଇଗାନ ଶବର, ଟଲଣା ସରପଞ୍ଚ ସନ୍ତୋଷୀ ଶବର ଓ ଅଞ୍ଚଳର ଅନେକ ଜଣାଶୁଣା ବ୍ୟକ୍ତିମାନେ ସମର୍ଥନ ଦେଇଛନ୍ତି। ସରପଞ୍ଚ, ୱାର୍ଡ ମେମ୍ବର, ପୂର୍ବତନ ସମିତି ସଭ୍ୟମାନେ ମଧ୍ୟ ଏହି କାର୍ଯ୍ୟରେ ଲିପ୍ତ ହୋଇ ସରକାରଙ୍କୁ ଦାବି ଜଣାଇବାରେ ସଫଳ ହୋଇଛନ୍ତି । ଲାଞ୍ଜିଆ ସଉରା ଅଞ୍ଚଳର ଜନସାଧାରଣ ବର୍ଷ ଧରି ଏହି ଦାବି ଜାଣାଇଆସୁଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୋନପୁର,୨୨।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୦୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୭ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୫ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି । ୦୭ ଗୋଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ।

# ମନ୍ଦିର ଉନ୍ନତିକରଣରେ ବାଧକ ସାଜିଛି ଜବରଦଖଲ




**କାକଟପୁର/ଅସ୍ତରଙ୍ଗ,୨୨।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ତହସିଲ ଅନ୍ତର୍ଗତ ପାଟପୁର ମା ବରୁଣେଇ ପୀଠ ନିକଟରେ ଜବରଦଖଲ ହେତୁ ମନ୍ଦିର ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।କିଛି ବ୍ୟକ୍ତି ବିଶେଷ ଅକ୍ତିଆର କରିଥିବାରୁ ମନ୍ଦିର ଉର୍ନ୍ନତି କରଣ କାର୍ଯ୍ୟ ବାଧାପ୍ରାପ୍ତ ସୃଷ୍ଟି ହୋଇଛି। ଖବର ମୁତାବକ କାକଟପୁର ତହସିଲ ଅନ୍ତର୍ଗତ ସାଡେଙ୍ଗା -ପାଟପୁର ପ୍ରସିଦ୍ଧ ଦେବସ୍ଥଳୀ ମା ବରୁଣେଇଙ୍କର ବିଜେସ୍ଥଳୀ ରେ ମା ବରୁଣେଇ ୨ଶହ ବର୍ଷ ଧରି ପୂଜା ପାଇଁ ଆସୁଛନ୍ତି। ରାଜ୍ୟ ସରକାର ମା ବରୁଣେଇ ଙ୍କ ପୀଠ ଉର୍ନ୍ନତିକରଣ ପାଇଁ ଲକ୍ଷାଧିକ ଟଙ୍କା ଘୋଷଣା କରିଥିବା ବେଳେ ମନ୍ଦିର ନିକଟରେ କିଛି ବ୍ୟକ୍ତିବିଶେଷ ଅକ୍ତିଆର କରି ଜବରଦଖଲ କରିଛନ୍ତି। ଯାହା ଫଳରେ ମନ୍ଦିର ଉର୍ନ୍ନତି କରଣ ବାଧା ପ୍ରାପ୍ତ ସୃଷ୍ଟି ହୋଇଛି। ଏ ନେଇ ମା ବରୁଣେଇ ପରିଚାଳନା କମିଟି ତରଫରୁ ପ୍ରଶାସନ କୁ ଅଭିଯୋଗ ହୋଇଥିଲା। ବୁଧବାର ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା ଓ ପୁଲିସ ଙ୍କ ଉପସ୍ଥିତ ରେ ମାପଚୁପ ଆରମ୍ଭ ହୋଇଛି। ଅନ୍ୟ ପଟେ ମନ୍ଦିର ନିକଟରେ ମା ବରୁଣେଇ ପରିଚାଳନା କମିଟି ସଭାପତି ଶ୍ରୀ ରଣଜିତି ମହାନ୍ତି ଙ୍କ ପୌରୋହିତ ରେ ଉପସଭାପତି ବ୍ରଜବନ୍ଧୁ ବିଶ୍ୱାଳ, ସମ୍ପାଦକ ବୃନ୍ଦାବନ ସାହୁ, କୋଷାଧ୍ୟକ୍ଷ ବିକ୍ରମ କୁମାର ଜୟସିଂହ, ଉପଦେଷ୍ଟା ସୁଦର୍ଶନ ମହାନ୍ତି, ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରେ ଏକ ସାମ୍ବାଦିକ ସମ୍ମିଳନୀ ରେ ସାଡେଙ୍ଗା -ପାଟପୁର ର ପ୍ରସିଦ୍ଧ ଦେବସ୍ଥଳୀ ମା ବରୁଣେଇ ଙ୍କର ବିଜେସ୍ଥଳୀ ରେ ମା ବରୁଣେଇ ୨୦୦ଶହ ବର୍ଷ ଧରି ପୂଜା ପାଇଁ ଆସୁଛନ୍ତି। ସେଠାରେ ଗ୍ରାମବାସୀ ଙ୍କ ସହଯୋଗରେ ଏକ ଦିବ୍ୟ ମନ୍ଦିର ଗଢାଯାଇଥିଲେ ମଧ୍ୟ ତାଙ୍କର ପ୍ରାୟ ୪୫ଡିସିମିଲି ଜାଗା ଠାକୁରାଣୀ ଙ୍କ ନାମରେ ରହିଛି। କିଛି ବ୍ୟକ୍ତି ବିଶେଷ ମନ୍ଦିର ଉର୍ନ୍ନତି କରଣ ରେ ବାଧାସୃଷ୍ଟି କରୁଛନ୍ତି।

# ରାଜ୍ୟସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା

**ସୁନ୍ଦରଗଡ,୨୨।୧(ସଂଚାର ବ୍ୟୁରୋ):** ରାଉରକେଲା ସେକ୍ଟର ୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ବକ୍ସିଂ ପରିସରରେ ରାଜ୍ୟସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଶା ଆମେଚର୍ ବକ୍ସିଂ ସଂଘ ସାଧାରଣ ସମ୍ପାଦକ ଅନୀଲ ବହିଦାର ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ କ୍ରୀଡ଼ା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀଙ୍କ ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିଛି । ଏଠାରେ ୮ ତମ ୟୁଥ୍ ମହିଳା ବର୍ଗ, କନିଷ୍ଠ ବାଳକ ଓ ବାଳିକା ବର୍ଗର ଓଡ଼ିଶାର ୩୦ ଜିଲ୍ଲାରୁ କେବଳ କଟକ, ଖୋର୍ଦ୍ଧା, ପୁରୀ, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, ସୁନ୍ଦରଗଡ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଖେଳାଳି ମାନେ ଅଂଶ ଗ୍ରହଣ କରିଥିଲେ । ରାଜ୍ୟ ସମ୍ପାଦକ ଚିଠିରେ ୟୁଥ୍ ମହିଳା ବିଭାଗରେ ଯେଉଁ ଓଜନ ତାଲିକା ଦେଇଥିଲେ, ରାଜ୍ୟ ସ୍ତରୀୟ ଚୟନ ପ୍ରତିଯୋଗିତାରେ କିଛି ଜଣ ରେଫରି ନିଜ ମନ ମୁତାବକ ଓଜନ ତାଲିକାକୁ ବଦଳାଇ ଦେଲେ ଯ ଦ୍ୱାରା କିଛି ସମୟ ଅସନ୍ତୁଷ୍ଟ ହୋଇ ଯୁକ୍ତିତର୍କ ହୋଇଥିଲା। ଚୟନ ପ୍ରତିଯୋଗିତା ରେ ବିଭିନ୍ନ ଜିଲ୍ଲାରୁ ୟୁଥ୍ ମହିଳା ବିଭାଗରେ ୮ ଜଣ ଖେଳାଳି, ଜୁନିଅର ବାଳିକା ବିଭାଗରେ ୯ ଜଣ ଖେଳାଳି ଓ ଜୁନିଅର ବାଳକ ବିଭାଗରେ ୨୯ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ । ସରକାର କ୍ରୀଡ଼ା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାଜ୍ୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତା ଖୋଲା ଆକାଶ ତଳେ ଇଟା ସିମେଣ୍ଟରେ ତିଆରି ଷ୍ଟେଜ ଉପରେ ଖେଳ ଚାଲିଛି । ଓଡିଶାର ଅନେକ ଜିଲ୍ଲାରେ ବକ୍ସିଂ ରିଙ୍ଗ ଥାଇ ସୁଦ୍ଧା ଦୀର୍ଘ ଦିନରୁ କେବଳ ରାଉରକେଲା ହିଁ କରାଯାଉଥିବାରୁ ଅନେକ ଖେଳାଳି ଅସନ୍ତୁଷ୍ଟ ମନେ କରୁଛନ୍ତି ।